

ଡୁପ୍ଲାଣ୍ଟିସ୍‌ଙ୍କ ୧୩ତମ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-51 ◆THURSDAY ◆14 AUGUST 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୫୧ ◆ଗୁରୁବାର ◆୧୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







### ଅମଲାଙ୍କ ଆନ୍ଦୋଳନ; ସାରା ରାଜ୍ୟରେ ଅଚଳାବସ୍ଥା

# ସଂଘକୁ ସରକାରଙ୍କ ନାଲିଆଖି

▶▶ **ଅନୁପସ୍ଥିତିକୁ ଛୁଟି ରୂପେ ଗଣାଯିବ, ବନ୍ଦହେବ ଦରମା**

▶▶ **ଦାବି ପୂରଣ ନ ହେବା ଯାଏଁ ପଛକୁ ହଟିବୁନି: ସଂଘ**

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ରାଜସ୍ୱ ବିଭାଗରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ରାଜସ୍ୱ ଅମଲାଙ୍କ ଏପରି ସମୂହ ଛୁଟି ନିଷ୍ପତ୍ତି ସରକାରଙ୍କୁ କ୍ଷୁବ୍ଧ କରିଛି। ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆନ୍ଦୋଳନରତ ଅମଲାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ମାତ୍ର ମନ୍ତ୍ରୀଙ୍କ ନାଲିଆଖି, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଧମକ ରାଜସ୍ୱ ଅମଲାଙ୍କୁ ଡରାଇ ପାରିନାହିଁ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅମଲାମାନେ ପଛକୁ ହଟିବେ ନାହିଁ ବୋଲି ସଂଘ ରୋକ୍‌ଠୋକ୍ ଜଣାଇଦେଇଛି ।

ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ । ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ । ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ ବୋଲି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ । କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି । ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ଏସିଏସ୍ ଲେଖିଥିବା ▶ପୃଷ୍ଠା-୭

# ୭ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜ୍ୟର ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରମାନଙ୍କ ପାଇଁ ସମସ୍ତ ଜରୁରୀ ବିପଣନ ସଂକ୍ରାନ୍ତ କାର୍ଯ୍ୟକୁ ଗୋଟିଏ ଛାତ ତଳେ ସମନ୍ୱିତ କରାଯାଇପାରିବ। ଏଥିପାଇଁ ସରକାର ରାଜ୍ୟରେ ମଡେଲ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ । ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଉପରୋକ୍ତ ପ୍ରସ୍ତାବ ସମେତ ୬ଟି ବିଭାଗର ମୋଟ ୭ଟି ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ । କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ ବିସ୍ତୃତ ସୂଚନା ପ୍ରଦାନ ▶ପୃଷ୍ଠା-୭

**ଦୁଇ ବର୍ଷରେ ଖୋଲିବ ୩୮ ମଡେଲ ମଣ୍ଡି; ବ୍ୟୟ ହେବ ୩୦୦ କୋଟି**

**ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିଶ୍ୱସ୍ତରୀୟ ଏମ୍‌ଆର୍‌ଓ ସ୍ଥାପନ**

**୧୧୦ ସହରାଞ୍ଚଳରେ ୩୫୦ କୋଟିରେ ଲାଗିବ ଏଲ୍‌ଇଡି ଆଲୋକ**

# ଭୋଟରଙ୍କ ହିତରେ ଏସ୍‌ଆଇଆର୍: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆର୍ ସଂକ୍ରାନ୍ତ ଶୁଣାଣି ଆଜି ମଧ୍ୟ ସୁପ୍ରିମ କୋର୍ଟରେ ଜାରି ରହିଛି । ଏହି ପ୍ରକ୍ରିୟା ସପକ୍ଷରେ ଏବଂ ବିପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଥିବା ବେଳେ କୋର୍ଟ କହିଛନ୍ତି ଯେ ଯାହା ଲାଗୁଛି ଏସ୍‌ଆଇଆର୍ ଭୋଟରମାନଙ୍କ ହିତରେ ରହିଛି । ଏହି ପ୍ରକ୍ରିୟା ଜରିଆରେ ଭୋଟର ତାଲିକାରେ ଅଧିକ ଲୋକଙ୍କୁ ସାମିଲ କରିବା ଲାଗି ଉଦ୍ୟମ କରାଯାଇଛି । ନାମ କାଟିବା ଲାଗି ଉଦ୍ୟମ ହେଉଥିବା ଲାଗୁନାହିଁ। ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୨୦୦୩ରେ ୭ଟି ଦସ୍ତାବିଜର ବିକଳ୍ପ ଥିବା ବେଳେ ଏବେ ଏହି ସଂଖ୍ୟା ୧୧କୁ ବୃଦ୍ଧି କରାଯାଇଛି । ଏହାର ଅର୍ଥ ▶ପୃଷ୍ଠା-୭



# ଫଟୋ ଉଠାଇଲେ ଜରିମାନା

ସାଧାରଣତଃ ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲିବାକୁ ଗଲେ ସେଠାରେ ଫଟୋ ଉଠାଇଥାନ୍ତି। ଯାହାକୁ ପରବର୍ତ୍ତୀ ସମୟରେ ଦେଖି ପୁରୁଣା ସ୍ମୃତି ମନେ ପକାଇଥାନ୍ତି। କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ଦୁବାଇରେ ଫଟୋଗ୍ରାଫିକୁ ନେଇ କଡ଼ା ନିୟମ ରହିଛି। ଏଠାରେ ଫଟୋ ଉଠାଇଲେ ଜରିମାନା ଏପରିକି ଜେଲଦଣ୍ଡ ଭୋଗିବାକୁ ପଡ଼ିଥାଏ। ଏଠାରେ ବୁର୍ଜ ଖଲିଫା ଭଳି ଅନେକ ସୁଉଚ୍ଚ ଅଟ୍ଟାଳିକା ରହିଛି, ଯେଉଁଠି ପର୍ଯ୍ୟଟକମାନେ ଫଟୋ ନ ଉଠାଇ ଫେରିବାକୁ ଚାହାନ୍ତିନି। ଏଠାରେ ବିନା ଅନୁମତିରେ କିଛି ସ୍ଥାନ, କିଛି ବ୍ୟକ୍ତି ବିଶେଷ ଓ ଘଟଣାର ଫଟୋ ନେବା ଦଣ୍ଡନୀୟ ଅପରାଧ ଭାବେ ଗଣାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏଭଳି ସ୍ଥାନରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ତାଙ୍କ ଯାତ୍ରାର ଦ୍ୱିଗୁଣା ଅର୍ଥରାଶି ଦେବାକୁ ପଡ଼ିଥାଏ। ଏଥିପାଇଁ ଏଠାରେ କୌଣସି ଅଜଣା ବ୍ୟକ୍ତିଙ୍କ ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ଯଦି କୌଣସି ବ୍ୟକ୍ତି ରାସ୍ତାର ଫଟୋ ନେଉଥିବାବେଳେ ଭୁଲବଶତଃ କେହି ବ୍ୟକ୍ତି ଯଦି ତାଙ୍କ ଫଟୋରେ ଆସିଯାଆନ୍ତି ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ଅଭିଯୋଗ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ପ୍ରଚଳିତ ନିୟମ ଅନୁଯାୟୀ, ଏଠାରେ ସରକାରୀ ଅଟ୍ଟାଳିକା, ଥାନା, ବିମାନବନ୍ଦର, ଦୂତାବାସର ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ତେଣୁ ଯଦି କୌଣସି ବ୍ୟକ୍ତି ଥାନା କିମ୍ବା ସରକାରୀ କାର୍ଯ୍ୟାଳୟ ଆଗରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମିଳିଥାଏ। ବର୍ତ୍ତମାନ ସମୟରେ କୌଣସି ଘଟଣା ଘଟିଲେ ଲୋକମାନେ ସଙ୍ଗେ ସଙ୍ଗେ ଫୋନ୍ ବାହାର କରି ଭିଡିଓ କରୁଛନ୍ତି, କିନ୍ତୁ ଏଠାରେ ଏପରି କରିବା ଅପରାଧ। ଦୁର୍ଘଟଣା, ଯୋଗାଜାଲ, କୌଣସି ଆଇନଗତ କିମ୍ବା ପୁଲିସ୍ କାର୍ଯ୍ୟାନୁଷ୍ଠାନର ଫଟୋ ଉଠାଇବା ଏଠାରେ ଦଣ୍ଡନୀୟ ଅପରାଧ।



## ଆଜିର ଇତିହାସ

- ୧୮୬୨- ବମ୍ବେ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୭- ଚୀନ, ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୩- ଭାରତର ଜଣାଶୁଣା ସାମ୍ବାଦିକ ତଥା ସ୍ତମ୍ଭକାର କୁଲଦୀପ ନାୟାରଙ୍କ ଜନ୍ମ।
- ୧୯୪୭- ଭାରତର ବିଭାଜନ ହୋଇ ପାକିସ୍ତାନ ଅଲଗା ରାଷ୍ଟ୍ର ହେଲା।
- ୨୦୧୯- ବଲିଉଡ୍ ଅଭିନେତା ଶମ୍ମି କପୁରଙ୍କ ବିୟୋଗ।
- ୨୦୧୩- ମିଶରରେ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ୬୩୮ ଲୋକଙ୍କ ପ୍ରାଣହାନି।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢ଼ୁଛି ଗ୍ରୋସରୀ ବିଲ୍



ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ପାଲଟିଛି। ବିଶ୍ୱରେ ଦ୍ରୁତ ଗତିରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଫସଲ ଉତ୍ପାଦନ ଉପରେ ପଡ଼ୁଛି। ଅଚାନକ ଦେଖା ଦେଉଥିବା ବନ୍ୟା ଏବଂ ମରୁଡ଼ି ଯୋଗୁଁ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏମିତି ହ୍ରାସ ପାଇଛି ଯେ, ଅନେକ ଜିନିଷର ମୂଲ୍ୟ ଅସ୍ୱାଭାବିକ ଭାବରେ ଦୁଇରୁ ତିନି ଗୁଣ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆରେ ଅନେକ ଖାଦ୍ୟ ସାମଗ୍ରୀର ଦାମ୍ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। ସେହିପରି ୟୁରୋପରେ ଅଲିଭ୍ ତେଲର ଦାମ୍ ୫୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଆମେରିକାରେ ପନିପରିବା ଦର ୮୦ ପ୍ରତିଶତ ବଢ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟର ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କର ଗବେଷକମାନେ ସାରା ବିଶ୍ୱର ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରି ଏହି କଥା କହିଛନ୍ତି। ଖାଦ୍ୟ ପାନୀୟର ଦାମ୍ ବଢ଼ିବାର ମୁଖ୍ୟ କାରଣ ଭାବେ ସେମାନେ ଖରାପ ପାଣିପାଗକୁ ଦାୟୀ କରିଛନ୍ତି। ଏହା ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ଥିବା ସେମାନେ କହିଛନ୍ତି। ସେହିପରି ଏହି ଗବେଷକ ଦଳ ୨୦୨୨ ଏବଂ ୨୦୨୪ ମଧ୍ୟରେ ବିଶ୍ୱର ୧୬ଟି ପାଣିପାଗ ସମ୍ବନ୍ଧିତ ଘଟଣା ଉପରେ ଗବେଷଣା କରିଥିଲେ। ଗବେଷଣାନୁସାରେ, ଭାରତ ଓ ଚୀନ୍ ସମେତ ପୂରା ଏସିଆରେ ଋତୁକାଳୀନ ପରିବାର ଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଅସହ୍ୟ ଗରମ ଓ ଅଧିକ ବର୍ଷାର କାରଣ ହୋଇଥାଏ। ଏହାଯୋଗୁଁ ଅମଳ ହ୍ରାସ ପାଇବା ସହ ଜିନିଷଗୁଡ଼ିକର ଦାମ୍ ବଢ଼ିଚାଲେ। ତେବେ ଗ୍ରୋସରୀ ବିଲ୍ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସ୍ପଷ୍ଟ ଭାବେ ଅନୁଭବ କରୁଥିବା ତମାମ ବିଶ୍ୱର ଗ୍ରାହକମାନେ କହିଛନ୍ତି।

# ସୁରଜଙ୍କ ସହ କାମ କରିବେ ଆୟୁଷ୍ମାନ୍



ସୁରଜ୍ ବଡଜାତ୍ୟା କିଛି ଦିନ ପୂର୍ବରୁ ସେ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କୁ ନେଇ ଏକ ଫିଲ୍ମ କରିବେ ବୋଲି ଘୋଷଣା କରିଥିଲେ। ସଲମାନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବା ସହ ଏଥିରେ ସେ 'ପ୍ରେମ୍' ଭୂମିକାରେ ନଜର ଆସିବେ ବୋଲି ସୁରଜ କହିଥିଲେ। ଏହାକୁ ନେଇ ସଲମାନ୍‌ଙ୍କ ପ୍ରଶଂସକମାନେ ବି ବେଶ୍ ଉତ୍ସାହିତ ଥିଲେ। କିନ୍ତୁ ଏବେ ଖବର ଆସିଛି ସୁରଜ୍‌ଙ୍କୁ ତାଙ୍କ ପ୍ରେମ୍ ମିଳିଯାଇଛି। ତେବେ ସୁରଜ୍‌ଙ୍କ ଫିଲ୍ମରେ ସଲମାନ୍‌ଙ୍କ ବଦଳରେ ଆୟୁଷ୍ମାନ୍ ଖୁରାନା ପ୍ରେମ୍ ଭୂମିକାରେ ନଜର ଆସିବେ। ସୁରଜ୍ ଇତିମଧ୍ୟରେ ମୁମ୍ବାଇରେ ଫିଲ୍ମର ସୁଟିଂ ଆରମ୍ଭ ମଧ୍ୟ କରି ଦେଇଛନ୍ତି। ଏହାର କାହାଣୀ ମୁମ୍ବାଇ ଉପରେ ଆଧାରିତ ହେବ। ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ଶରବରି ୱାଗ୍ ନଜର ଆସିବେ। ସୁରଜ୍ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖାନ୍‌ଙ୍କ ସହ ଅନେକ ଫିଲ୍ମ କରିଛନ୍ତି। ତାଙ୍କର ଅଧିକାଂଶ ଫିଲ୍ମରେ ସଲମାନ୍ 'ପ୍ରେମ୍' ଭୂମିକାରେ ନଜର ଆସିଥାନ୍ତି। ଏହି ଫିଲ୍ମଗୁଡ଼ିକ ବ୍ଲକବଷ୍ଟର୍ ମଧ୍ୟ ସାବ୍ୟସ୍ତ ହୋଇଛି। ଏଗୁଡ଼ିକ ମଧ୍ୟରେ 'ମେନେ ପ୍ୟାର୍ କିୟା', 'ହମ୍ ଆପ୍‌କେ ହୈ କୌନ୍', 'ହମ୍ ସାଥ୍ ସାଥ୍ ହୈ', 'ପ୍ରେମ୍ ରତନ ଧନ ପାୟୋ' ଆଦି ଚଳଚ୍ଚିତ୍ର ରହିଛି। ଏବେ ସୁରଜ ସଲମାନ୍‌ଙ୍କ ବୟସକୁ ଆଖି ଆଗରେ ରଖି ସେଭଳି କାହାଣୀ ଖୋଜୁଛନ୍ତି। ସଲମାନ୍‌ଙ୍କ ମୁତାବିକ କାହାଣୀ ମିଳିଲେ ସେ ତାଙ୍କ ସହ କାମ କରିବେ ବୋଲି କହିଛନ୍ତି।



## ନିଆରା ଢଙ୍ଗରେ ସଚେତନତା


# ୱେଟର୍ କାମ କରୁଛନ୍ତି ଡିମେନ୍‌ସିଆ ରୋଗୀ

ସାଧାରଣତଃ ରେସ୍ତୋରାଁ ଓ ହୋଟେଲଗୁଡ଼ିକରେ ସୁନ୍ଦର ଓ ଶିକ୍ଷିତ ଯୁବକ, ଯୁବତୀଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ। ଏହି କ୍ରମରେ ଜାପାନରେ ଏମିତି ଏକ ରେସ୍ତୋରାଁ ଅଛି, ଯେଉଁଠି ଗ୍ରାହକଙ୍କୁ ଖାଦ୍ୟ ପରଷନ୍ତି ଡିମେନ୍‌ସିଆ ରୋଗୀ। ଡିମେନ୍‌ସିଆ ଏକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା। ଏଥିରେ ପୀଡ଼ିତ ଲୋକେ କୌଣସି କଥାକୁ ମନେ ରଖିପାରନ୍ତି ନାହିଁ। ତେବେ ଏହି ରେସ୍ତୋରାଁ ମାଧ୍ୟମରେ ଏହି ରୋଗ ପ୍ରତି ନିଆରା ଢଙ୍ଗରେ ଲୋକଙ୍କୁ ସଚେତନ କରାଉଛନ୍ତି ଏଠାକାର ଟେଲିଭିଜନ ନିର୍ଦ୍ଦେଶିକା ଶିରୋ ଓଗୁନି। ତାଙ୍କ ରେସ୍ତୋରାଁରେ ମୁଖ୍ୟତଃ ଡିମେନ୍‌ସିଆ ପୀଡ଼ିତଙ୍କୁ ହିଁ ନିଯୁକ୍ତି ମିଳିଥାଏ। କ୍ୟାଟୋରେ ଥିବା ଏହି ରେସ୍ତୋରାଁର ନାମ 'ଦ ରେଷ୍ଟୁରାଣ୍ଟ ଅଫ୍ ମିସ୍‌ଟେକେନ୍ ଅର୍ଡର୍ସ'। ଏଠାରେ ଗ୍ରାହକମାନଙ୍କୁ ସେମାନେ ଅର୍ଡର କରିଥିବା ଖାଦ୍ୟ ପରଷା ଯାଇ ନ ଥାଏ। ଏହି ରେସ୍ତୋରାଁରେ ୱେଟର୍ ଭାବେ କାମ କରିବା ପାଇଁ ଇଚ୍ଛା କରୁଥିବା ଲୋକେ ଡିମେନ୍‌ସିଆ ରୋଗୀ ହେବା ଜରୁରି। ଏକଦା ଶିରୋଙ୍କୁ ଏକ ନର୍ସିଂ ହୋମ୍‌ରେ ଡିମେନ୍‌ସିଆ ରୋଗୀଙ୍କ ଯୋଗୁଁ ଡମ୍ପଲିଂ ବଦଳରେ ବର୍ଗର ପରଷା ଯାଇଥିଲା। ଏହି ଘଟଣା ସଂସ୍ପର୍ଶରେ ଆସିବା ପରେ ସେ ଏଭଳି ଏକ ରେସ୍ତୋରାଁ ଖୋଲିବା ପାଇଁ ଚିନ୍ତା କଲେ। ତାଙ୍କର ଏହି ରେସ୍ତୋରାଁ ବର୍ଷ ବର୍ଷ ଧରି ଗ୍ରାହକଙ୍କୁ ଭୁଲଭାଲ ଖାଦ୍ୟ ପରଷି ଆସୁଛି। ଅବଶ୍ୟ ଏବେ କଣ୍ଟେଣ୍ଟ କ୍ରିଏଟର କୁଲଦୀପ ସିଙ୍ଘାନିଆ ଏହି ରେସ୍ତୋରାଁ ବାବଦରେ ସାମାଜିକ ଗଣମାଧ୍ୟମରେ ଜଣାଇବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ଏଠାରେ କୁଲଦୀପ ପନିର ପିଜ୍ଜା ଅର୍ଡର ଦେଇଥିଲେ। କିନ୍ତୁ ୱେଟର କୁକିଜ୍ ପରଷିବାରୁ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହାପରେ ସେ ଜାଣିବାକୁ ପାଇଥିଲେ ଯେ, ଏହି ରେସ୍ତୋରାଁ ଗ୍ରାହକଙ୍କୁ ଭୁଲ ଖାଦ୍ୟ ପରଷିବା ପାଇଁ ହିଁ ଖ୍ୟାତ। ସେହିପରି ଏଠାକୁ ଆସୁଥିବା ୯୯ ପ୍ରତିଶତ ଗ୍ରାହକ ସେମାନେ ଅର୍ଡର ଦେଇ ନ ଥିବା ଖାଦ୍ୟ ମିଳିବା ପରେ ବି ମନ ଖୁସିରେ ଫେରୁଥିବା କୁଲଦୀପ କହିଛନ୍ତି। କୁଲଦୀପଙ୍କର ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି।




# ଏଆଇକୁ ପ୍ରଶ୍ନ ପଚାରି ଚିକିତ୍ସା କରାଇବା ଠିକ୍ ନା ଭୁଲ

ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଲୋକେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରୁଥିବାର ଦେଖାଯାଉଛି। ଏଇ ଯେମିତି କେତେବେଳେ ଡାକ୍ତରଙ୍କ ପାଖକୁ ଯିବା ଦରକାର, କେଉଁ ଲକ୍ଷଣ କେଉଁ ରୋଗର ଏବଂ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ ଏହି ଔଷଧ ଠିକ୍ କି ନୁହେଁ ଭଳି ଅନେକ ପ୍ରଶ୍ନ ଏଆଇକୁ ପଚରାଯାଉଛି। ତେବେ ଏଆଇରୁ ମିଳୁଥିବା ଉତ୍ତର କେତେ ଦୂର ଭରସାଯୋଗ୍ୟ, ସେ କଥା କେହି ଚିନ୍ତା କରି ନ ଥିନ୍ତି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଲୋକଙ୍କର ଏହି ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଗବେଷଣାନୁସାରେ, ଏବେ ଅଧିକାଂଶ ଟପ୍ ଏଆଇ ମଡେଲ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ରଖୁଛନ୍ତି। କେବଳ ସେତିକି ନୁହେଁ, ଡାକ୍ତରଙ୍କ ଭଳି ସେମାନେ ଫଲୋଅପ୍ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି। ତେବେ ଏହି ଗବେଷଣାର ମୁଖ୍ୟ ଗବେଷକ କହିଛନ୍ତି, ୨୦୨୩ ମସିହାରେ ଯେତେବେଳେ ସେ ଏନେଇ ଏକ ଗବେଷଣା କରିଥିଲେ, ସେତେବେଳେ ସମସ୍ତ ବଡ଼ ବଡ଼ ଏଆଇ ମଡେଲଗୁଡ଼ିକ ନିଜକୁ ଡାକ୍ତର ବୋଲି କହି ନ ଥିଲେ। ଏପରିକି ଅନେକଥର ଏଆଇ ପ୍ରଶ୍ନର ଉତ୍ତର ନ ଦେବା ପାଇଁ ବି ସ୍ପଷ୍ଟ ଭାବେ କହି ଦେଉଥିଲା। ହେଲେ ୨୦୨୫ରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଥିବା ସେ କହିଛନ୍ତି। ଏବେ ଏଆଇ ବିନା କୌଣସି ଚେତାବନୀରେ ଡାକ୍ତରୀ ପରାମର୍ଶ ପ୍ରଦାନ କରୁଛି। ଓପନ ଏଆଇ, ଆନ୍ଥ୍ରୋପିକ୍, ଡିପ୍‌ସିକ୍, ଗୁଗଲ ଭଳି ସମୁଦାୟ ୧୫ଟି ବଡ଼ ଏଆଇ ମଡେଲର ୫୦୦ ଡାକ୍ତରୀ ପରାମର୍ଶ ଏବଂ ୧୫୦୦ ମେଡିକାଲ ଇମେଜ ଉପରେ ଏହି ଗବେଷଣା କରାଯାଇଥିଲା। ଯାହାର ଫଳାଫଳ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା। ତେବେ ଏଆଇ ଯେତେବେଳେ ପ୍ରତିଟି ପ୍ରଶ୍ନର ଉତ୍ତର ବେଶ୍ ଆତ୍ମବିଶ୍ୱାସର ଦିଏ ସେତେବେଳେ ଲୋକେ ତାଙ୍କ ସାମ୍ନାରେ ଡାକ୍ତରଙ୍କ ବଦଳରେ ମେସିନ୍ ବସିଥିବା କଥା ଭୁଲିଯାନ୍ତି। ଗବେଷକଙ୍କ କହିବା କଥା, ଭୁଲ୍ ସୂଚନା ରୋଗୀଙ୍କ ଜୀବନ ମଧ୍ୟ ନେଇପାରେ। ସେହିପରି ଏମ୍‌ଆଇଟିର ଏଆଇ ବିଶେଷଜ୍ଞଙ୍କ କହିବା କଥା, ଲୋକେ ଯେଭଳି ଏହି ଟୁଲ୍‌କୁ ଅଧିକ ବ୍ୟବହାର କରିବେ, କମ୍ପାନିଗୁଡ଼ିକ ଜାଣିଶୁଣି ଲୋକଙ୍କ ଭରସା ଜିତିବା ଲାଗି ଚେତାବନୀଗୁଡ଼ିକ ହଟେଇ ଦେଉଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କୁ ହିଁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ। ଆହୁରି ମଧ୍ୟ ଗବେଷକମାନେ କହିଛନ୍ତି ଯେ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶ୍ନରେ ଏଆଇ କିଛି ସତର୍କତା ଅବଲମ୍ବନ କରିଥାଏ। ହେଲେ ମେଡିକାଲ ଇମରଜେନ୍ସି, ଗମ୍ଭୀର ରୋଗ ଆଦି କ୍ଷେତ୍ରରେ ଏହା ବିନା ଦ୍ୱିଧାରେ ପରାମର୍ଶ ଦେଇଥାଏ। ହେଲେ ପ୍ରକୃତରେ ମେସିନ୍ କିଛି ବୁଝି ନ ଥାଏ, କେବଳ ଯାହା ଡାଟା ପ୍ରୋସେସିଂ କରିଥାଏ। ତେଣୁ ଏଆଇ ଏକ ଉତ୍ତମ ଟୁଲ୍ ହୋଇଥିବା ବେଳେ ଏହା କେବେବି ଡାକ୍ତରଙ୍କ ବିକଳ୍ପ ହୋଇପାରିବ ନାହିଁ। ସେହିପରି ଗବେଷକଙ୍କ କହିବା କଥା, ଏଆଇକୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରିବା ପରେ ଡାକ୍ତରଙ୍କ ଠାରୁ ତାହା ଯାଞ୍ଚ କରିନେବା ଆବଶ୍ୟକ।



# ପାଣିରେ ମିଳେଇବ ପ୍ଲାଷ୍ଟିକ୍

ସାଧାରଣତଃ ପ୍ଲାଷ୍ଟିକ୍ ମାଟିରେ ଶୀଘ୍ର ବିଘଟନ ହୋଇ ନ ଥାଏ। ଫଳରେ ଏହା ମାଟିରେ ପଡ଼ି ରହି ପରିବେଶ ପ୍ରଦୂଷଣର କାରଣ ସାଜେ। କେବଳ ଯେ, ଏହା ମୃତ୍ତିକାକୁ ପ୍ରଦୂଷଣ କରୁଛି କି ତାହା ନୁହେଁ ନିୟମିତ ସମୁଦ୍ରରେ ହଜାର ହଜାର ଟନ୍ ପ୍ଲାଷ୍ଟିକ୍ ମିଶି ସାମୁଦ୍ରିକ ଜୀବଙ୍କ ପାଇଁ ମଧ୍ୟ ଏହା ଏକ ବିପଜ୍ଜନକ ପରିବେଶ ସୃଷ୍ଟି କରୁଛି। ତେବେ ଏଥିରୁ ରକ୍ଷା ପାଇବା ଲାଗି ଜାପାନର ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ପ୍ଲାଷ୍ଟିକ୍ ବିକଶିତ କରିଛନ୍ତି। ଯାହାକି ସମୁଦ୍ରର କ୍ଷାରୀୟ ଜଳ ସଂସ୍ପର୍ଶରେ ଆସିବାର କିଛି ସମୟ ମଧ୍ୟରେ ମିଳେଇ ଯିବ। ଟୋକିଓ ବିଶ୍ୱବିଦ୍ୟାଳୟ ଏବଂ ରିକେନ ସେଣ୍ଟରର ବୈଜ୍ଞାନିକମାନେ ମିଶି ଏହାକୁ ବିକଶିତ କରିଛନ୍ତି। ଏହି ନୂଆ ଅନୁସନ୍ଧାନ ସମୁଦ୍ରକୁ ପରିଷ୍କାର ତଥା ସଫା ରଖିବାରେ ସାହାଯ୍ୟ କରିବ। ଏହା ସହ ଭବିଷ୍ୟତରେ ପ୍ଲାଷ୍ଟିକ୍ ସମସ୍ୟାକୁ କମ୍ କରିବାର ଏକ ସୁନ୍ଦର ବିକଳ୍ପ ହେବ ବୋଲି କୁହାଯାଇପାରିବ। ନୂତନ ପ୍ଲାଷ୍ଟିକ୍‌ର ବିଶେଷତ୍ୱ ହେଉଛି, ଏଥିରୁ କୌଣସି ପ୍ରକାର ବିଷାକ୍ତ ପଦାର୍ଥ କିମ୍ବା ମାଇକ୍ରୋପ୍ଲାଷ୍ଟିକ୍ ନିର୍ଗତ ହୁଏ ନାହିଁ। ତେବେ ଏହି ନୂତନ ପ୍ଲାଷ୍ଟିକ୍ ଦେଖିବାକୁ ସାଧାରଣ ପ୍ଲାଷ୍ଟିକ୍ ଭଳି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଲୁଣି ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଛୋଟ ଛୋଟ ଖଣ୍ଡରେ ଭାଙ୍ଗିଯାଏ। ଏହାପରେ ପାଣିରେ ରହୁଥିବା ଜୀବାଣୁଗୁଡ଼ିକ ଏହାକୁ ପୁରାପୂରି ନଷ୍ଟ କରିଦେଇଥାନ୍ତି। ତେବେ ଏହି ନୂତନ ପ୍ଲାଷ୍ଟିକ୍ କେବଳ ସମୁଦ୍ର ଜଳରେ ନୁହେଁ, ଲୁଣିଆ ଭୂମିରେ ବି ଧୀରେ ଧୀରେ ନଷ୍ଟ ହୋଇଯାଏ। ସେହିପରି ଏହି ପ୍ଲାଷ୍ଟିକ୍ ମାଟିରେ ପଡ଼ିବାର ୮ ଦିନ ମଧ୍ୟରେ ଏହା ବିଘଟିତ ହୋଇଥାଏ। ଅନ୍ୟପଟେ ଏହା ବିଷାକ୍ତ ମଧ୍ୟ ନୁହେଁ। ତେଣୁ ଏହାକୁ ଜାଳିଲେ ଏଥିରୁ ଅଙ୍ଗାରକାମ୍ଳ ନିର୍ଗତ ହୁଏ ନାହିଁ। ଏହିପରି ଭାବେ ଏହି ପ୍ଲାଷ୍ଟିକ୍ ପରିବେଶର କ୍ଷତି କରିବ ନାହିଁ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ପରେଶାଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଋଧାର ଟଙ୍କା ଫେରି ପାଇବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ।

**ବିଛା:** ଆଇନ୍ ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ଚିନ୍ତିତ ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ବିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଅଖିଆ ବୁଝି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁ। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ: କ୍ରାଇମ୍‌ବ୍ରାଞ୍ଚ ଆଗରେ ସତ ଓଗାଳିଲେ ଦୁଇ ଅଭିଯୁକ୍ତ**

# ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପେନ୍‌ଡ୍ରାଇଭ୍‌ରେ ଯାଇଥିଲା ପ୍ରଶ୍ନପତ୍ର

କଟକ,୧୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ) ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ ମିଶ୍ର କ୍ରାଇମ୍‌ବ୍ରାଞ୍ଚର ମାରାଥନ ଜେରାରେ ସତ ଓଗାଳିଛନ୍ତି।

- ପେନ୍‌ଡ୍ରାଇଭ୍ ଓ ହାର୍ଡକପିକୁ ନେଇ ପ୍ରଥମେ ନୟାଗଡ଼ ଯାଇଥିଲେ ଜିତନ
- ଆମ୍ବଦଳାକୁ ପ୍ରଶ୍ନପତ୍ର ନେଇଥିବା ବିଜୟଙ୍କ ଭାଇଙ୍କୁ ଜେରା

ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଲାପଟପରୁ ମୁଖ୍ୟ କାର୍ଯ୍ୟଦାର ଜିତନ ମହାରଣା ପେନ୍‌ଡ୍ରାଇଭରେ ଓଟିଇଟି ପ୍ରଶ୍ନକୁ କପି କରିଥିଲେ ଓ ଏହାର ଏକ ହାର୍ଡ କପି ସେହିଠାରେ ବାହାର କରିଥିଲେ। ପରେ ସେ ଏହି ପେନଡ୍ରାଇଭ ଓ ହାର୍ଡ କପିକୁ ବନ୍ଦ ଲଫାଫାରେ ଭର୍ତ୍ତି କରି ନିଜ ଗାଡିରେ ଜଣେ ଡ୍ରାଇଭରଙ୍କୁ ନେଇ ନୟାଗଡ ଅଭିମୁଖେ ଯାଇଥିଲେ। ସେଠାରେ ସେ ଗିରଫ ଅଭିଯୁକ୍ତ ବିଜୟ ମିଶ୍ରଙ୍କ ଭାଇଙ୍କୁ ଏହାକୁ ହସ୍ତାନ୍ତର କରିଥିଲେ। ନୟାଗଡରୁ ବିଜୟଙ୍କ ଭାଇ ସେହି ଲଫାଫା ନେଇ ରାୟଗଡାର ଆମ୍ବଦଳାକୁ ଯାଇ ବିଜୟ ଓ ତାଙ୍କ ଅନ୍ୟ ସହଯୋଗୀମାନଙ୍କୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜିତନ ଓ ବିଜୟ ସତ ଓଗାଳିବା ପରେ କ୍ରାଇମବ୍ରାଞ୍ଚ ଆଜି ସମ୍ପୃକ୍ତ ଗାଡିର ଡ୍ରାଇଭର ଓ ବିଜୟଙ୍କ ଭାଇଙ୍କୁ ପଚରାଉଚୁରା କରିଛି। ତେବେ ଡ୍ରାଇଭର ଜଣକ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଜାଣିଥିଲା ନା କେବଳ ନିଜର ପାରିଶ୍ରମିକ ପାଇ ଯାଇଥିଲା, ତାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ।

ବୋର୍ଡ କାର୍ଯ୍ୟାଳୟରୁ ଜିତନ ପ୍ରଶ୍ନପତ୍ରକୁ ପେନ୍‌ଡ୍ରାଇଭରେ କପି କରି ଆଣିବା ପରେ ବିଜୟଙ୍କ ସହ ତାଙ୍କର ଫୋନ ଯୋଗେ ବାର୍ତ୍ତାଳାପ ହୋଇଥିଲା। ବିଜୟଙ୍କ ଯୋଜନା ମୁତାବକ ଜିତନ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରି ଏହା ଜାଣିବାକୁ ପାଇଛି।

**ସୁଭଦ୍ରା ପେଞ୍ଚ**

# ପ୍ରଥମ କିସ୍ତି ଦେଲେ; ଦ୍ୱିତୀୟ କିସ୍ତିକୁ ମାରିଦେଲେ

## ୨୧ ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇଲା 'ସୁଭଦ୍ରା' ପୋର୍ଟାଲ

ସାକ୍ଷୀଗୋପାଳ,୧୩।୮ (ସମିସ): ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ସୁଭଦ୍ରା' ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ରେ। ଜୀବିତ ଥିବା ୨୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ପୋର୍ଟାଲ୍‌ରେ ମୃତ ବୋଲି ଦର୍ଶାଯାଇଛି। ଫଳରେ ଉକ୍ତ ୨୧ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ ବୋଲି ଉକ୍ତ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ପ୍ରତିମା ମିଶ୍ର ସ୍ୱାମୀ ଗଙ୍ଗାଧର ମିଶ୍ର। ୧୯୮୮ରେ ତାଙ୍କର ଜନ୍ମ। ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ସେ ପାଇଥିଲେ। ମାତ୍ର ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିଲା। ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିଥିଲେ ହେଁ ସେଠାରେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ଉକ୍ତ ଯୋଜନାରୁ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକ୍‌ରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜଳି ପ୍ରଧାନ, ସିପ୍ରା ସାହୁ, ନିବେଦିତା ପ୍ରଧାନ ପ୍ରମୁଖଙ୍କୁ ମୃତ ଦର୍ଶାଇ ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯାଇଛି।

ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଉକ୍ତ ହିତାଧିକାରୀମାନେ ଏ ସମ୍ପର୍କରେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏହା ମଧ୍ୟରେ ଗତ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଛି। ଏହି ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବାବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କହିଛନ୍ତି, ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ୍‌ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବାବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ସଂଶୋଧନ କରାଯିବା ସହ ବାଦ୍ ପଡ଼ିଥିବା ଏହି ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରି ସହାୟତା ଅର୍ଥ ପ୍ରଦାନ କରାଯିବ।

**■ ବୁର୍ଲା ଭିମସାରରେ ଅଘଟଣ**

# ପ୍ରଥମ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ



ସମ୍ବଲପୁର, ୧୩।୮ (ସମିସ): ବୁର୍ଲା ଭିମସାରରେ ଏକ ଅଘଟଣ ଘଟିଛି। ଜଣେ ରୋଗୀ ଭିମସାର୍ ଡାକ୍ତରଖାନାର ପ୍ରଥମ ମହଲାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଓଁର ସୁବୀର ସିରଦାର (୨୮) ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାର କାଜୁଆଲଟିରେ ଭର୍ତ୍ତି କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ରାତିରେ ଭାଟିଗାଓଁର ସୁବୀର ସିରଦାର ଏକ ଧାରୁଆ ଅସ୍ତ୍ରରେ ନିଜ ତଣ୍ଟି କାଟି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ, ଅବସ୍ଥା ଗୁରୁତର ହେବାରୁ ଆଜି ଭୋର ସକାଳୁ ତାଙ୍କୁ ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଅସ୍ତ୍ରୋପଚାର ପାଇଁ ତାଙ୍କୁ ଅଣାଯାଇଥିବା ସମୟରେ ସେଠାରୁ ସେ କୌଶଳକ୍ରମେ ଖସିଯାଇ ପ୍ରଥମ ମହଲା ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ।

# ମଦ ପିଆଇ ହାଣିଦେଲେ

କୋଦଳା, ୧୩।୮ (ସମିସ): ପୁଣି ଅଶାନ୍ତ ଗଞ୍ଜାମ। ଜିଲ୍ଲାରେ ଅପରାଧ କମିବାର ନାଁ ନେଉନି। ବୁଧବାର ବେଗୁନିଆପଡ଼ା ଥାନା ସୋରଡ଼ାପଲ୍ଲୀରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ସାଙ୍ଗହୋଇ ତିନିଜଣ ମଦପିଇ କୋଦାଳ ଓ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ସେହି ଗ୍ରାମର କୈଳାସ ଶବରଙ୍କୁ ହତ୍ୟା କରିଛନ୍ତି। ପ୍ରଥମେ କୋଦାଳରେ ମୁଣ୍ଡକୁ ହାଣିବା ପରେ ଧାରୁଆ ଅସ୍ତ୍ରରେ ବେକକୁ କାଟି ଦେଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଶ୍ରୀକ୍ଷେତ୍ର ଶବର ବେଗୁନିଆପଡା ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ବେଗୁନିଆପଡା ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ନେତୃତ୍ୱରେ ପୁଲିସ ଛାନଭିନ ଜାରି ରଖିଛି।

# ମେସ୍‌ରେ ଝୁଲିପଡ଼ିଲେ ଛାତ୍ରୀ

କେନ୍ଦୁଝର,୧୩।୮ (ସମିସ): କେନ୍ଦୁଝର ଧରଣୀଧର ବିଦ୍ୟାଳୟ ନିକଟସ୍ଥ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣଙ୍କ ଧରଣୀଧର ବିଶ୍ୱ ବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗର ପ୍ରଥମ ବର୍ଷର ପିଜି ଛାତ୍ରୀ ବୋଲି ଜଣାପଡ଼ିଛି। ପୁଲିସ୍ ପହଞ୍ଚି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିବା ବେଳେ, ତେବେ ସେ କେଉଁ ପରିସ୍ଥିତିରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି, ତାହା ଅଧିକ ତଦନ୍ତରୁ ଜଣାପଡ଼ିବ ବୋଲି ପୁଲିସ୍ କହିଛି।

**■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା**

# ସିଡି ଦାଖଲ କରି ପାରିଲାନି ପୁଲିସ

ବାଲେଶ୍ୱର,୧୩।୮ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଗତକାଲି ସ୍ଥାନୀୟ ଦୌରାଜଜ୍‌ଙ୍କ ଅଦାଲତରେ ବିଇଡି ବିଭାଗର ମୁଖ୍ୟ ଅଧ୍ୟାପକ ସମୀର ସାହୁଙ୍କ ଜାମିନ ଆବେଦନର ଶୁଣାଣି ହେବାର ଥିଲା। ହେଲେ ସହଦେବଖୁଣ୍ଟା ପୁଲିସ କେସ୍ ଡାଏରୀ ଦାଖଲ କରି ନପାରିବାରୁ ଶୁଣାଣି ହୋଇପାରିଲା ନାହିଁ। ଜିଲ୍ଲା ଦୌରା ଜଜ୍ ଆସନ୍ତା ୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ଜାମିନ ଆବେଦନର ଶୁଣାଣି କରିବାକୁ କୋର୍ଟ କହିଛନ୍ତି।

# ଝିଅକୁ ଖୋଜିବାକୁ ଟଙ୍କା ମାଗି ଏଏସ୍ଆଇ ନିଲମ୍ବିତ

ଭଦ୍ରକ,୧୩।୮ (ସମିସ): ଜଣେ ନିଖୋଜ ନାବାଳିକାକୁ ଖୋଜିବା ପାଇଁ ପରିବାରକୁ ଟଙ୍କା ମାଗିବା ଅଭିଯୋଗରେ ଧାମନଗର ଥାନା ଏଏସଆଇ ନେପାଳ ସାହାଙ୍କୁ ଏସ୍‌ପି ମନୋଜ କୁମାର ରାଉତ ନିଲମ୍ବନ କରିଛନ୍ତି। ଜୁନ ୧୭ ତାରିଖରେ ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ନାବାଳିକାକୁ ଖୋଜିବାରେ ପୁଲିସ ବିଳମ୍ବ କରୁଥିବା ଏବଂ ଖୋଜିବା ପାଇଁ ଟଙ୍କା ମାଗୁଥିବା ନେଇ ପରିବାରଲୋକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍‌ପି ଥାନା ଏଏସଆଇଙ୍କୁ ନିଲମ୍ବନ କରିଛନ୍ତି। ଗତ ୧୧ ତାରିଖରେ ନାବାଳିକାକୁ ପୁଲିସ ଉଦ୍ଧାର କରି ଭଦ୍ରକ ଆସିଆନାରେ ରଖିଛି।

**ପଞ୍ଚାୟତିରାଜ ବିଭାଗରେ ବାବୁ ପ୍ରୀତି**

# ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

ଭୁବନେଶ୍ୱର,୧୩।୮ (ସମିସ): ରାଜ୍ୟରେ ବିଡିଓଙ୍କୁ କ୍ଷମତାଶାଳୀ କରାଇ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ପୂର୍ବରୁ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଫାଇଲରେ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ବାଧ୍ୟତାମୂଳକ ଥିଲା; ହେଲେ ଏବେ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ବିଡିଓଙ୍କ ଦସ୍ତଖତରେ ହେବ। ଏଥିପାଇଁ ଆଉ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟ ପଞ୍ଚାୟତିରାଜ ବିଭାଗର ଏପରି ନିଷ୍ପତ୍ତି ପରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜ୍ୟ ସରକାର ଉପରେ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଛନ୍ତି ବୋଲି ଉଭୟ ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟର ଅଧିକାଂଶ ବ୍ଲକରେ ଏବେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ତେଣୁ ତଳସ୍ତରରେ ବିଜେପି ସେମାନଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାରେ ବ୍ୟର୍ଥ ହୋଇଛି ଓ ବ୍ଲକ୍‌ଗୁଡ଼ିକରେ ବିଜେପିର କାଟତି ଚଳୁନାହିଁ। ତେଣୁ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାକୁ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ନିୟମରେ ଏହି ବଡ଼ ପରିବର୍ତ୍ତନ କରି ବିଡ଼ିଓଙ୍କ ଜରିଆରେ କାମ ହାସଲ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

- ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି: ଅରୁଣ
- ସରକାରଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: ଭକ୍ତ

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିକୁ ମାରି ଦେବାକୁ ଯାଉଛନ୍ତି। ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି। ବ୍ଲକ୍ ପ୍ରତିନିଧିଙ୍କ କ୍ଷମତା କମାଇ ସମ୍ବିଧାନକୁ ହତ୍ୟା କରୁଛନ୍ତି। ଆମେ ବାବୁଙ୍କ କ୍ଷମତା ହ୍ରାସ କରି ଜନ ପ୍ରତିନିଧିଙ୍କୁ କ୍ଷମତା ଦେବୁ ବୋଲି କହୁଥିଲେ, ମାତ୍ର ଏବେ ଜନପ୍ରତିନିଧିଙ୍କ କ୍ଷମତା ହ୍ରାସ କରି ବାବୁମାନଙ୍କୁ କ୍ଷମତା ଦେଉଛନ୍ତି। ବର୍ତ୍ତମାନ ବିଜେଡିର ୯୦ ଭାଗ ବ୍ଲକ ଅଧ୍ୟକ୍ଷ। ସେମାନଙ୍କୁ ହଟାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଏବେ ଅଧ୍ୟକ୍ଷମାନଙ୍କ କ୍ଷମତା ହ୍ରାସ ଯୋଜନା କରିଛନ୍ତି। ଏପରି କ୍ଷମତା ହ୍ରାସ କରିବା ହତ୍ୟା ସହ ସମାନ। ଏ ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ବ୍ଲକର ଅଧ୍ୟକ୍ଷ କୋର୍ଟର ଆଶ୍ରୟ ନେବେ ବୋଲି ଶ୍ରୀ ସାହୁ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲଂଘନ କରି ନିର୍ବାଚିତ ପ୍ରତିନିଧି ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପାଇଁ ପ୍ରୟାସ କରିଛନ୍ତି। ଏହା ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ। ପ୍ରଦେଶ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ ଭାବରେ ବିରୋଧ କରୁଛି। ଏଥିପାଇଁ କଂଗ୍ରେସ ରାଜନୈତିକ ଲଢେଇ ସହ ଆଇନଗତ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡିକୁ ନଷ୍ଟ କରିବା ଦିଗରେ ବିଜେପି ସବୁବେଳେ କାର୍ଯ୍ୟ କରି ଆସୁଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷା କରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ହତ୍ୟା ଆଉ କିଛି ନୁହେଁ ବୋଲି ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି।

# ୧୭ ଯାଏଁ ବର୍ଷା

ଭୁବନେଶ୍ୱର,୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି । ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ ଯୋଗୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ବୁଧବାର କଟକ ଭୁବନେଶ୍ୱର ସମେତ ଭାବନୀପାଟଣା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଆଦି ଜିଲ୍ଲାରେ ବର୍ଷା ହୋଇଛି। ଗୁରୁବାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ, ତେବେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ଆଶଙ୍କା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବୁଧବାର ସକାଳ ସୁଦ୍ଧା ଆନ୍ଧ୍ର ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୨-୨୩ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଦ୍ୱିତୀୟ ଲଘୁଚାପ ଦ୍ୱାରା ରାଜ୍ୟରେ ବିସ୍ତୃତ ଓ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ସୃଷ୍ଟ ଲଘୁଚାପଟି ଉତ୍ତରକୁ ଗତି କରି ୧୬ରେ ଓଡ଼ିଶା ଉପକୂଳ ଏବଂ ୧୯ରେ ପଶ୍ଚିମ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ ଯିବାର ସମ୍ଭାବନା ରହିଛି। ଏହାଦ୍ୱାରା ୧୪ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସହ ବଲାଙ୍ଗିର, ସମ୍ବଲପୁରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପଟେ ଚତୁର୍ଥ ସପ୍ତାହରେ ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇ ୨୬ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ବା ଆଭ୍ୟନ୍ତରୀଣରେ ରହିବ। ଏହାଦ୍ୱାରା ସେହି ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟରେ ବର୍ଷା ହେବ। ଅଗଷ୍ଟ ୧୫ରେ ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଜୟପୁର, ସକାଳ ଓଳି ପାଗ ଶୁଖିଲା ରହିବ। ଭୁବନେଶ୍ୱରରେ ସକାଳ ୧୦ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସମ୍ଭାବନା ଅଛି ଓ ମଧ୍ୟାହ୍ନରେ ବର୍ଷାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଥିବା ଯୋଗୁଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

**ଆଗାମୀ ସପ୍ତାହରେ ପୁଣି ଏକ ଲଘୁଚାପ**

**■ ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି**

# ଚୂଡ଼ାନ୍ତ ପରୀକ୍ଷାଫଳ ପରେ ବି ମିଳୁନି ନିଯୁକ୍ତିପତ୍ର

ଭୁବନେଶ୍ୱର, ୧୩।୮ (ସମିସ): ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳୁନି। ପ୍ରାୟ ୨ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ପରୀକ୍ଷା ଫଳ ଗତ ଜୁନ୍ ୧୬ରେ ପ୍ରକାଶ ପାଇ ସାରିଛି। ଜିଲ୍ଲାୱାରୀ ନିଯୁକ୍ତି ତାଲିକା ସାର୍ବଜନୀନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଇନି। ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶନର ୨ ମାସ ପରେ ମଧ୍ୟ କାହିଁକି ନିଯୁକ୍ତି ଦିଆଯାଉନି ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୨୦୨୩ ଡିସେମ୍ବର ୧୫ରେ ଆଶାୟୀଙ୍କ ଠାରୁ ପ୍ରାର୍ଥିପତ୍ର ଗ୍ରହଣ କରାଯାଇଥିଲା। ଏହାର ପ୍ରାୟ ୮ ମାସ ପରେ ପରୀକ୍ଷା ଏବଂ ଗତ ଜୁନ୍ ୧୬ରେ ଚୁଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ମନୋନୀତ ପ୍ରାର୍ଥୀଙ୍କୁ କାହିଁକି ନିଯୁକ୍ତିପତ୍ର ପ୍ରଦାନ କରାଯାଉ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସମୟ ଗଡୁଥିବାରୁ ସେମାନଙ୍କ ମଧ୍ୟରେ ଉଭୟ ମାନସିକ ଓ ଆର୍ଥିକ ଚାପ ବଢୁଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ନିଯୁକ୍ତି ଦେବାକୁ କୃତୀ ପରୀକ୍ଷାର୍ଥୀ ଏବଂ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି।

**ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ଅଜବ ନିୟମ**

# ୪୫ ବର୍ଷରୁ ଡେଇଁଲେ ହୋଇପାରିବେନି ଅତିଥି ଅଧ୍ୟାପକ

ଭୁବନେଶ୍ୱର,୧୩।୮ (ସମିସ): ଅତିଥି ଅଧ୍ୟାପକ ନିଯୁକ୍ତି କରିବା ପାଇଁ ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟ (ୟୁଏଲ୍‌ସି)ର ଅଜବ ନିୟମ। ୪୫ ବର୍ଷରୁ ଅଧିକ ହୋଇଥିଲେ ଆବେଦନ କରିପାରିବେ ନାହିଁ। ଏପରିକି ଅତିଥି ଅଧ୍ୟାପକଙ୍କୁ ପ୍ରତି ମାସରେ ପାରିଶ୍ରମିକ ମିଳିବ ନାହିଁ। ପ୍ରତି ୬ମାସରେ ଥରେ ପାରିଶ୍ରମିକ ମିଳିବ। ଚଳିତ ଶିକ୍ଷାବର୍ଷରେ ଅତିଥି ଅଧ୍ୟାପକ ପାଇଁ ୟୁଏଲ୍‌ସି କରିଥିବା ଏପରି କିଛି ନିୟମ ବିବାଦ ଘେରକୁ ଆସିଛି। ଅପରପକ୍ଷରେ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ଅତିଥି ଅଧ୍ୟାପକ ନିଯୁକ୍ତ ନ କରି ପୂର୍ବରୁ ନିଯୁକ୍ତ ହୋଇଥିବା ଅଧ୍ୟାପକଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହାକୁ ଅମାନ୍ୟ କରି ନୂତନ ନିଯୁକ୍ତି ପ୍ରକ୍ରିୟା କରିଥିବାରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନୋଭାବ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅତିଥି ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବରିଷ୍ଠତା ଓ ଅଭିଜ୍ଞତାକୁ ଗୁରୁତ୍ୱ ଦିଆଯାଏ। ଏପରିକି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପୂର୍ବରୁ ନିର୍ଦ୍ଦେଶ ଦେଇଛି। ହେଲେ ୟୁଏଲ୍‌ସି କାହିଁକି ବୟସସୀମା ୪୫ବର୍ଷ ନିର୍ଦ୍ଧାରଣ କରିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଉଦ୍ଦେଶ୍ୟମୂଳକ ଭାବେ ନିଜର ପରିଚିତଙ୍କୁ ଥଇଥାନ କରିବା ପାଇଁ ଏପିରି ନିୟମ କରିଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ସମ୍ପ୍ରତି ଭାରପ୍ରାପ୍ତ ଅଧ୍ୟକ୍ଷ ଥିବା ଡ. ଜ୍ଞାନେନ୍ଦ୍ର ସାହୁଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି କରିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ବରିଷ୍ଠ ଅଧ୍ୟାପକ ଡ. ସତ୍ୟନାରାୟଣ ମଲ୍ଲିକଙ୍କୁ କାହିଁକି ପଦଚ୍ୟୁତ କରି କନିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ କରାଗଲା ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି। ଶିକ୍ଷାବିତ୍‌ଙ୍କ କହିବା କଥା, ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ବର୍ଦ୍ଧିତ କାର୍ଯ୍ୟକାଳ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇପାରିବେ ନାହିଁ। ତାହାଲେ କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ବରିଷ୍ଠଙ୍କୁ ହଟାଇ କନିଷ୍ଠଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ ବୋଲି ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ପ୍ରଶ୍ନ କରୁଛନ୍ତି। ଭାରପ୍ରାପ୍ତ କୁଳପତି କ୍ଷମତା ବହିର୍ଭୂତ କାର୍ଯ୍ୟ କରିଥିବାରୁ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରି ସମଗ୍ର ଘଟଣାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

- ପରିଚିତଙ୍କୁ ଥଇଥାନ, କନିଷ୍ଠଙ୍କୁ କରାଯାଇଛି ଅଧ୍ୟକ୍ଷ
- ୟୁଜିସି ନେଟ୍ ଯୋଗ୍ୟତା ନେଇ ଦର୍ଶାଯାଇଛି ମିଥ୍ୟା ତଥ୍ୟ

ଅପରପକ୍ଷରେ ଅଭିମନ୍ୟୁ ସେଠୀ ଓ ସୁଭଦ୍ରା ହାଁସଦା ଇସ୍ତଫା ଦେଇ ସାରିଥିଲେ ମଧ୍ୟ ମହାବିଦ୍ୟାଳୟ ୱେବସାଇଟ୍‌ରେ ତଥ୍ୟ ଅପଡେଟ୍ କରାଯାଉ ନଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମସ୍ତ ୨୨ ଜଣ ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନେଟ୍ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ହେଲେ ବାସ୍ତବରେ ଇସ୍ତଫା ଦେଇସାରିଥିବା ସୁଭଦ୍ରା ହାଁସଦାଙ୍କ ବ୍ୟତୀତ ଅନ୍ୟ କେହି ୟୁଜିସି ନେଟ୍ ଉତ୍ତୀର୍ଣ୍ଣ ହୋଇ ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏପରିକି ବାର୍ କାଉଁସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଆଫିଲେସନ୍ କଟିଯିବା ବା ପୁନଃ ନବୀକରଣ ହୋଇ ନ ପାରିବା ଆଶଙ୍କାରେ ଏପରି ମିଥ୍ୟା ତଥ୍ୟ ଦର୍ଶାଯାଇଥିବା ଅଭିଯୋଗ ହୋଇଛି।

**ପରିବହନ ବିଭାଗ ବେଫିକର**

# ଦୁଇଗୁଣ ଭଡ଼ା ନେଉଛନ୍ତି ଘରୋଇ ବସ୍

ଭୁବନେଶ୍ୱର, ୧୩।୮ (ସମିସ): ଦିନକେଇଟା ପରେ ପାର୍ବଣ ଋତୁ ଆରମ୍ଭ ହୋଇଯିବ। ସହରରୁ ଗାଁ ଓ ଗାଁରୁ ସହରକୁ ଲୋକମାନଙ୍କ ଯାତାୟତ ବଢ଼ିବ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରୁ ଲୋକମାନେ ଗ୍ରାମାଞ୍ଚଳକୁ ବସ୍ ଯୋଗେ ଯିବେ। ଏହି ସମୟରେ ଯାତ୍ରୀଙ୍କ ଭିଡର ଫାଇଦା ଉଠାଉଛନ୍ତି କିଛି ଘରୋଇ ବସ୍। ଏଜେଣ୍ଟଙ୍କ ଜରିଆରେ ନିର୍ଦ୍ଧାରିତ ଭଡ଼ାଠୁ ଅଧିକ ନେଉଛନ୍ତି। ଏମିତିକି ଅନ୍‌ଲାଇନ୍ ଟିକଟ୍‌ରେ ଅଧିକାଂଶ ସମୟରେ ଯାତ୍ରୀଙ୍କଠୁ ଦୁଇଗୁଣା ଭଡ଼ା ନେବାକୁ ପଛାଉନାହାନ୍ତି। ନିୟମିତ ରାଜଧାନୀରୁ ଦୂରଦୂରାନ୍ତକୁ ଯାତ୍ରା କରୁଥିବା କିଛି ଯାତ୍ରୀ ଏଭଳି ଅଭିଯୋଗ କରିଛନ୍ତି।

ବସିବା ସିଟ୍ ଉପରେ ଥିବା ଏକମାତ୍ର ସ୍ଲିପର୍ ସିଟ୍‌ରେ ଦୁଇଜଣ ଲେଖାଏଁ ଯାତ୍ରୀଙ୍କୁ ନେଇ ଦୁଇଟି ଭଡା ଆଦାୟ କରୁଛନ୍ତି। ସ୍ଲିପର୍‌ରେ ଯେତିକି ଭଡ଼ା ରହିଛି, ତା'ଠୁ ଅଧିକ ଭଡା ଯାତ୍ରୀଙ୍କଠୁ ନିଆଯାଉଛି। ପାର୍ବଣ ସମୟ ଆସିଲେ, ଜାଣିଶୁଣି ଘରୋଇ ବସ୍ ମାଲିକ ଓ କିଛି ଏଜେଣ୍ଟ ବସ୍ ସିଟ୍‌ର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କଠୁ ଅଧିକ ଭଡ଼ା ନେଇ ବସ୍‌ରେ ସେହି ସିଟ୍ ଦେଉଛନ୍ତି। କେବଳ ଏତିକି ନୁହେଁ; ନାଇଟ୍ କୋଚ୍ ବସ୍‌ରେ ଜଣେ ଯାତ୍ରୀଙ୍କ ପାଇଁ ସ୍ଲିପର୍ ବ୍ୟବସ୍ଥା ରହିଛି। ସିଟ୍ ଭଡ଼ାଠୁ ସାମାନ୍ୟ ଅଧିକ ନେଉଛନ୍ତି। ହେଲେ କିଛି ବସ୍‌ରେ ଗୋଟିଏ ସ୍ଲିପର୍ ସିଟ୍‌ରେ ଦୁଇଜଣ ଯାତ୍ରୀଙ୍କୁ ଦୈନିକ ରାଜ୍ୟର ପ୍ରମୁଖ ସହର ଓ ଗାଁରୁ ଶହ ଶହ ଯାତ୍ରୀ ଭୁବନେଶ୍ୱରକୁ ଆସୁଛନ୍ତି। ଭଦ୍ରକ, ଚାନ୍ଦବାଲି, ବାଲେଶ୍ୱର, ବାରିପଦା, ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, କୋରାପୁଟ, ରାୟଗଡା, କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ଢ଼େଙ୍କାନାଳ ଆଦି ସହରକୁ ରାଜଧାନୀରୁ ଦୈନିକ ଶତାଧିକ ଘରୋଇ ନାଇଟ୍ କୋଚ୍ ବସ୍ ଯାତାୟାତ କରିଥାଏ। ବିଶେଷକରି ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ସମୟରେ ଦୁଇଗୁଣା ଯାତ୍ରୀ ଯାତାୟାତ କରିଥାନ୍ତି। କାଳୀପୂଜା ଓ ଲକ୍ଷ୍ମୀପୂଜା ପାଇଁ ଅନେକ ଯାତ୍ରୀ ଗାଁକୁ ଯାଇଥାନ୍ତି। ଏଥିପାଇଁ ଦେଢ଼ ମାସ ଆଗରୁ ଟିକଟ୍ ବୁକିଂ ହୋଇଥାଏ। ବିଶେଷକରି ଗ୍ରାମାଞ୍ଚଳକୁ ଯାତାୟାତ କରୁଥିବା ବସ୍‌ରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଅଞ୍ଚଳକୁ ଯାଉଥିବା ବସ୍‌ରେ ଯାତ୍ରୀଙ୍କଠୁ ଭଡ଼ା ଅଧିକ ଆଦାୟ କରାଯାଇଥାଏ। ଅନ୍‌ଲାଇନ୍‌ରେ ବୁକିଂ ହେଉଥିବା ଟିକଟ୍‌ରେ ଅଫ୍‌ଲାଇନ୍ ଟିକଟ୍‌ଠାରୁ ଢ଼େର ଅଧିକ ଯାତ୍ରୀଙ୍କଠୁ ନିଆଯାଉଛି। ବେଳେବେଳେ ଦୁଇଗୁଣା ଭଡା ମଧ୍ୟ ନିଆଯାଉଛି। ଏ ସଂକ୍ରାନ୍ତରେ ଯାତ୍ରୀମାନେ ଅନେକ ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିୟମିତ ବ୍ୟବଧାନରେ ବସ୍‌ଗୁଡ଼ିକ ଯାଞ୍ଚ କରାଯାଉ ନଥିବାରୁ କିଛି ବସ୍ ମାଲିକ ମାସ ମାସ ଧରି ଯାତ୍ରୀଙ୍କଠୁ ଲୁଟି ଚାଲିଛନ୍ତି। ଯଦି କୌଣସି ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିକଟ୍ ବାତିଲ କରିବାକୁ ଚାହୁଁଛି, ତାକୁ ତା'ର ଟିକଟ୍ ଅର୍ଥ ଫେରସ୍ତ କରାଯାଉ ନାହିଁ। ପାର୍ବଣ ସମୟରେ ଅଧିକ ଭଡ଼ା ନେଉଥିବା ବସ୍ ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ନିର୍ଦ୍ଧାରିତ ଭଡ଼ା**

| | |
|---|---|
| ସାଧାରଣ ବସ୍- | ଟ. ୦.୮୮/କିମି |
| ଦ୍ରୁତଗାମୀ ବସ୍- | ଟ. ୦.୯୨/କିମି |
| ଡିଲକ୍ସ ବସ୍- | ଟ. ୧.୨୭/ କିମି |
| ଏସି ଡିଲକ୍ସ ବସ୍- | ଟ. ୧.୫୫/କିମି |
| ସୁପର୍ ପ୍ରିମିୟମ୍ ବସ୍- | ଟ. ୨.୪୧/କିମି |

# ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଏମ୍‌ଏଲ୍‌ଏ ଲ୍ୟାଡ୍ (ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି) ଓ ସିଏମ୍-ଏସ୍‌ଏ (ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା)ର ସରଳୀକୃତ ମାର୍ଗଦର୍ଶିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ।

ନୂଆ ମାର୍ଗଦର୍ଶିକାରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ପରିବର୍ତ୍ତିତ ସିଏମ୍-ଏସ୍‌ଏ ମାର୍ଗଦର୍ଶିକା ଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ।

# ନିମାପଡ଼ାର ନାବାଳିକା ଆନ୍ଧ୍ରପ୍ରଦେଶରୁ ଉଦ୍ଧାର

ନିମାପଡ଼ା,୧୩।୮ (ସମିସ): ଜଣେ କଲେଜ ଛାତ୍ରୀ କଲେଜକୁ ଯାଉଥିବା ସମୟରେ ଅପହରଣ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ୨୪ ଘଣ୍ଟା ନ ପୂରୁଣ ଆନ୍ଧ୍ରପ୍ରଦେଶରୁ ନିମାପଡ଼ା ଥାନା ଅଧିକାରୀ ବାମଦେବ ସାଇଁ ନାବାଳିକାକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ପୁଲିସର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ପୁଲିସ ତୁରନ୍ତ ପଦକ୍ଷେପ ନେବା କାରଣରୁ ନାବାଳିକା ଜଣକୁ ତାଙ୍କ ପରିବାର ଲୋକେ ଫେରିପାଇଛନ୍ତି। କିପରି ନାବାଳିକା ଆନ୍ଧ୍ରପ୍ରଦେଶ ଗଲା ନା କେହି ଅପହରଣ କରି ନେଇଥିଲା ଏ ସମ୍ପର୍କରେ ପୁଲିସର ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଜନୈକା ନାବାଳିକା ନିମାପଡ଼ା କଲେଜକୁ ଗତ ୧୨ ତାରିଖରେ ପାଠ ପଢ଼ିବାକୁ ଆସିଥିଲେ। ନାବାଳିକା ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ସମ୍ପର୍କୀୟଙ୍କ ଘର ଖୋଜାଖୋଜି କରିଥିଲେ। କୌଣସିଠାରେ ନାବାଳିକାଙ୍କର ସନ୍ଧାନ ମିଳିନଥିଲା। ପରେ ଏ ସମ୍ପର୍କରେ ନିମାପଡ଼ା ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁ ଆନ୍ଧ୍ରପ୍ରଦେଶରେ ପହଞ୍ଚି ସେଠାକାର ପୁଲିସ ସହାୟତାରେ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି।

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ



କଣାସ,୧୩।୮ (ସମିସ): କଣାସ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଶିକ୍ଷା ବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଣାସ ବ୍ଲକ୍ ଅନ୍ତର୍ଗତ ୧୭ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକମାନେ ଯୋଗଦେଇ ସାଧନ କେନ୍ଦ୍ର ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ କାର୍ଯ୍ୟକାରୀ ହେଉଥିବା 'ଆସ ସ୍କୁଲ ଯିବା' ଯୋଜନାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟର ସମୀକ୍ଷା କରାଯିବା ସହ ଏଥିରେ ଶତ ପ୍ରତିଶତ ସଫଳତା ପାଇଁ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟ ୟୁଡାଇସ୍ + କାର୍ଯ୍ୟସମ୍ପନ୍ନ କରିବା, ଆଜାଦୀ କି ଅମୃତ ମହୋତ୍ସବ ଅବସରରେ କାର୍ଯ୍ୟକାରୀ ହେଉଥିବା 'ହର୍ ଘର୍ ତିରଙ୍ଗା' ଓ 'ଏକ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମର ସଫଳ ରୂପାୟଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଶିକ୍ଷା ବର୍ଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ସଠିକ୍ ତଦାରଖ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଚାଳନା ସହ 'ଦଶମ' କାର୍ଯ୍ୟକ୍ରମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗଦେଇଥିଲେ। ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ପ୍ରସ୍ତୁତି

# ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ



ଗୋପ,୧୩।୮ (ସମିସ): ଦୀର୍ଘ ୨୩ ବର୍ଷ ପରେ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ୨୦୦୨ରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ(ଏସ୍‌ଆଇଆର୍) ହୋଇଥିଲା। ଏହି ପ୍ରକ୍ରିୟାରେ ସମ୍ପ୍ରତି ଭୋଟର ତାଲିକାରେ ନାମ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଜାତୀୟତା, ଜନ୍ମସ୍ଥାନ, ବାସସ୍ଥାନର ପ୍ରାମାଣିକତା ଯାଞ୍ଚ କରାଯିବ। ଯଦ୍ୱାରା ଏକାଧିକ ସ୍ଥାନରେ ଭୋଟର ତାଲିକାରେ ସ୍ଥାନ ପାଇଥିବା, ଏକାଧିକ ପରିଚୟପତ୍ର ବ୍ୟବହାରକାରୀ ଏବଂ ଅବାଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତାଲିକାରୁ ବାଦ୍ ଦିଆଯିବ। ଏଥିପାଇଁ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ) ଦୁଆର ଦୁଆର ବୁଲି ପ୍ରତ୍ୟେକ ଭୋଟରଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ପରିଗଣନା ଫର୍ମରେ ଆବଶ୍ୟକୀୟ ସୂଚନା ସଂଗ୍ରହ କରିବା ସହିତ ସୂଚନା ଆଧାରିତ ପ୍ରମାଣପତ୍ର ଆଣିବେ। ୨୦୨୬ ଜାନୁଆରୀ ୧ ତାରିଖକୁ ସଂଶୋଧିତ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରକାଶନର ସମୟ ଧାର୍ଯ୍ୟ କରାଯାଇଛି। ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗୋପ ବ୍ଲକ୍ ବିଡିଓ ତଥା ଏଇଆର୍‌ଓଙ୍କ ପକ୍ଷରୁ ଗତ ୮ରୁ ୧୩ ତାରିଖ ମଧ୍ୟରେ ୪ଟି ପର୍ଯ୍ୟାୟରେ ୨୦୦ରୁ ଅଧିକ ବିଏଲ୍‌ଓ ଏବଂ ସୁପରଭାଇଜରଙ୍କୁ ବିଶେଷ ସଘନ ସଂଶୋଧନ(ଏସ୍‌ଆଇଆର୍) ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗୋପ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ, ତହସିଲ୍‌ଦାର ଅନିଲ୍ କୁମାର ମହାନ୍ତି, ଏବିଡିଓ ଦୀପକ କୁମାର ଜେନା ଓ ଜିପିଡିଓ ଶ୍ରୀନିବାସ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ନିର୍ବାଚନ ମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନର ରବୀନ୍ଦ୍ରନାଥ ବାହିନୀପତି ଓ ରାଜେଶ ନାୟକ ୪ଟି ପର୍ଯ୍ୟାୟରେ ଉପସ୍ଥିତ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ପରିଗଣନା ନିମନ୍ତେ ବିଏଲ୍‌ଓମାନଙ୍କୁ ଏକ ସ୍ୱତନ୍ତ୍ର କିଟ୍ ବ୍ୟାଗ୍, ନିଯୁକ୍ତିପତ୍ର ଓ ପରିଚୟପତ୍ର ପ୍ରଦାନ କରାଯାଇଛି। ଜିପିଡିଓ ଶ୍ରୀ ମହାନ୍ତି ଓ ଅଫିସ୍ ଆସିଷ୍ଟାଣ୍ଟ ପ୍ରଶାନ୍ତ ସାହୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**କଣାସ :** ପ୍ରତି ବୁଥ୍‌ରେ ଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ କଣାସ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବୁଥ୍‌ର ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। ତହସିଲ୍‌ଦାର ହିମାଂଶୁ ଭୂଷଣ ଗିରି ଓ ବିଭିନ୍ନ ପ୍ରଶିକ୍ଷକମାନେ ଏଥିରେ ଟିକିନିଖି ତଥ୍ୟ ବୁଝାଇଥିଲେ। ସୁସ୍ଥ ଗଣତନ୍ତ୍ର ନିମନ୍ତେ ନିର୍ଭୁଲ ଭୋଟର ତାଲିକା ଆବଶ୍ୟକ ବୋଲି କହିଥିଲେ। ଏଥିରେ ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# ନାବାଳକକୁ ମାଡ଼ମାରି ଜଣେ ଗିରଫ

ବଲଙ୍ଗା,୧୩।୮ (ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ଅଳପଡ଼ା ଗ୍ରାମରେ ଜଣେ ନାବାଳକକୁ ମାଡ଼ ମାରିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ସେହି ଗ୍ରାମର ତ୍ରିଲୋଚନ ବେହେରା ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ, ତ୍ରିଲୋଚନ ଓ ତାଙ୍କ ସାନ ଭାଇ ଲକ୍ଷ୍ମୀଧର ଅଧିକାଂଶ ସମୟ ନିଶା ସେବନ କରୁଥିଲେ। ଗତ ଦୁଇଦିନ ତଳେ ସେହି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ନାବାଳକ ପୁଅ ଅଲେଖ ବେହେରା(୮) ଗାଁ ଦାଣ୍ଡରେ ଖେଳୁଥିବାବେଳେ ତ୍ରିଲୋଚନ ଓ ଲକ୍ଷ୍ମୀଧର ତାଙ୍କୁ ଘର ଭିତରକୁ ଡାକି ନେଇ ପ୍ରବଳ ମାଡ଼ ମାରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଉଦ୍ଧାର କରିଥିଲେ। ଏ ନେଇ ରବୀନ୍ଦ୍ରଙ୍କ ସ୍ତ୍ରୀ ଗୀତା ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୭୨/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ତ୍ରିଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ଲକ୍ଷ୍ମୀଧର ଫେରାର୍ ହୋଇଯାଇଛି।

# ପୋଡ଼ି ହୋଇ ମହିଳା ଗୁରୁତର



ପିପିଲି,୧୩।୮ (ସମିସ): ପିପିଲିରେ ପୁଣି ଅଘଟଣ। ବୁଧବାର ସନ୍ଧ୍ୟାରେ ପିପିଲି ହାଟଛକ ନିକଟ ଜୟପୁର ସିଡ଼ିଠାରେ ଥିବା ନବୀନ ନିବାସରେ ନିଆଁରେ ପୋଡ଼ିହୋଇ ଜଣେ ୩୧ ବର୍ଷୀୟା ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ ପିପିଲି ପୌରାଞ୍ଚଳର ଦରଜୀ ସାହି ମଠସାହିର ନରେଶ ଦାଶଙ୍କ ସ୍ତ୍ରୀ ଅର୍ଚ୍ଚନା ଦାଶ (୩୧) ବୋଲି ଜଣାପଡ଼ିଛି।

ନରେଶ ଜୟପୁର ସିଡ଼ିଠାରେ ବ୍ରଦର୍ସ ଜିମ୍ ସେଣ୍ଟର ଖୋଲିଥିଲେ। ପାରିବାରିକ ବିଶୃଙ୍ଖଳା ଯୋଗୁଁ ଆଜକୁ ବର୍ଷେ ହେଲା ନରେଶ ନବୀନ ନିବାସରେ ୪ ନମ୍ବର ଘରେ ଭଡ଼ାରେ ରହୁଥିଲେ। ତାଙ୍କର ଗୋଟିଏ ୫ ବର୍ଷର ଝିଅ ଅଛି। ବୁଧବାର ସନ୍ଧ୍ୟା ୭ଟା ସମୟରେ ନବୀନ ନିବାସରୁ ଚିତ୍କାର ଶୁଣି ସମ୍ମୁଖରେ ଥିବା ଲୋକମାନେ ଯାଇ ମହିଳାଙ୍କୁ ଜଳୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ନିଆଁକୁ ଆୟତ୍ତ କରି ଗୁରୁତର ଅବସ୍ଥାରେ ମହିଳାଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଡାକ୍ତର ହର୍ଷ ବେହେରା କହିଛନ୍ତି ମହିଳା ଜଣକ ୯୦ ଭାଗ ପୋଡ଼ିଯାଇଛନ୍ତି। ନରେଶଙ୍କ ବାପା କୃଷ୍ଣ ଚନ୍ଦ୍ର ଦାଶ କହିଛନ୍ତି ଘରେ ଧୂପ ଦେଉଥିବାବେଳେ ପୋଡ଼ିହୋଇ ଯାଇଛନ୍ତି। କିନ୍ତୁ ମହିଳାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିମାନେ କହିଛନ୍ତି ଘର ମଧ୍ୟରେ କିରାସିନି ଜାର୍ ଏବଂ ଦିଆସିଲି ପଡ଼ିଥିଲା। ମହିଳା ଜଣକ କେମିତି ପୋଡ଼ିହେଲେ ତାହା ଅସ୍ପଷ୍ଟ। ଖବରପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ସତ ଉଖାରିବା ପାଇଁ ପୁରୀର ଅତିରିକ୍ତ ଏସ୍‌ପି ସଚିନ ପଟେଲ ଏବଂ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## କାରଣ ଅସ୍ପଷ୍ଟ; ପୁଲିସର ଛାନ୍‌ଭିନ୍

# ଛାତ ଶିକୁଳିରେ ଝୁଲିପଡ଼ିଲେ ନାବାଳିକା

ନିମାପଡ଼ା,୧୩।୮ (ସମିସ): ବୁଧବାର ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଠିଆ ସାହିରେ ଭଡ଼ାଘରେ ରହୁଥିବା ଜଣେ ୧୪ ବର୍ଷିୟା ନାବାଳିକା ବେକରେ ଓଢ଼ଣୀ ବାନ୍ଧି ଛାତ ଶିକୁଳିରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗଡ଼ତୋରିହଁ ଗ୍ରାମର ମାନସ ପ୍ରଧାନଙ୍କ ଝିଅ ଶୁଭଲକ୍ଷ୍ମୀ ପ୍ରଧାନ (୧୪)। ପ୍ରକାଶ ଯେ, ଅଣ୍ଠିଆ ସାହିରେ ଏକ ଭଡ଼ାଘରେ ଶୁଭଲକ୍ଷ୍ମୀ ବାପା-ମାଆଙ୍କ ସହ ରହୁଥିଲେ। ବାପା-ମାଆ ସକାଳୁ ତାଙ୍କ କାମରେ ଯାଇଥିବାବେଳେ କୌଣସି କାରଣବଶତଃ ଶୁଭଲକ୍ଷ୍ମୀ ନିଜ ଓଢ଼ଣୀରେ ଛାତ ଘରର ଲୁହା ଆଙ୍ଗେଲ୍‌ରେ ଝୁଲିପଡ଼ି ଥିଲେ। ଖବର ପାଇ ବାପା-ମାଆ ଆସି ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନିମାପଡ଼ା ଥାନା ଏଏସ୍‌ଆଇ ଚିନ୍ମୟ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନିମାପଡ଼ା ତାନାରେ କେସ୍ ନଂ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ତ୍ରିରଙ୍ଗା ମେଳା ଓ ତ୍ରିରଙ୍ଗା କନ୍ସର୍ଟ

ପୁରୀ,୧୩।୮ (ସମିସ): ହର୍ ଘର୍ ତିରଙ୍ଗା ହର୍ ଘର୍ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନ୍ତର୍ଗତ ତ୍ରିରଙ୍ଗା ମେଳା ଓ ତ୍ରିରଙ୍ଗା କନ୍ସର୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ପକ୍ଷରୁ ଟାଉନ ହଲ୍ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ପାଇଁ ଆମ ସମସ୍ତଙ୍କୁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ହର୍ ଘର୍ ତିରଙ୍ଗା ଓ ହର୍ ଘର୍ ସ୍ୱଚ୍ଛତାର ବାର୍ତ୍ତା ଆଜି ସମୟର ଆହ୍ୱାନ। ଏହାକୁ ଆମେ ସମ୍ମିଳିତ ଭାବେ ସଫଳ କରିବା ବୋଲି ସେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ଆମ ଦେଶ ମାତୃକାର ସୁରକ୍ଷା ଓ ଅଖଣ୍ଡତା ପାଇଁ ପ୍ରତିବଦ୍ଧ ହେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦେଶପ୍ରେମ ଓ ସ୍ୱଚ୍ଛତା ପାଇଁ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ସହାୟିକା ରେଶମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପରେ ଦେଶାତ୍ମବୋଧ ଓ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ସନାତନ ଧର୍ମର ସୁରକ୍ଷା ସାଧୁସନ୍ଥଙ୍କ ସଂକଳ୍ପ ହେଉ'

ପୁରୀ,୧୩।୮ (ସମିସ): ସନାତନ ଧର୍ମ ଏବେ ସଂକଟରେ। ସମାଜ ଏବେ ଅବକ୍ଷୟମୁଖି। ସଂସ୍କୃତି ଏବେ ବିପଦମୁହାଁ। ଏଭଳି ପରିସ୍ଥିତିରେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ନିମନ୍ତେ ସନାତନ ଧର୍ମର ସୁରକ୍ଷା, ବିକାଶ ଓ ଜନ କଲ୍ୟାଣକାରୀ ସେବା ପାଇଁ ସମସ୍ତ ସାଧୁସନ୍ଥ ସଂକଳ୍ପବଦ୍ଧ ହେବା ସହ ଜନଗଣଙ୍କ ଭିତରେ ଚେତନା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ଉତ୍ତରାଖଣ୍ଡର ଉଦାସୀ ସମ୍ପ୍ରଦାୟର ସନ୍ଥ ନିର୍ବାଣ ସିଦ୍ଧାର୍ଥ ମୁନି। ସିଦ୍ଧବକୁଳ ମଠଠାରେ ଉଦ୍‌ବୋଧନ ଦେଇ ସନ୍ଥ ସିଦ୍ଧାର୍ଥ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତ ଜଗନ୍ନାଥ ଭକ୍ତ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ମହନ୍ତ ଶ୍ରୀନିବାସ ଦାସ ମହାରାଜ ଯୋଗଦେଇ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଭାଗବତ, ଭଗବତ ଗୀତା ଓ ନାମ ସଂକୀର୍ତ୍ତନ ଏକମାତ୍ର ମାର୍ଗ ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧ ବକୁଳ ମଠର ସନ୍ଥ ପ୍ରେମାନନ୍ଦ ଦାସ ମହାରାଜ, ଯୁବ ଦଇତାପତି ସୋମନାଥ ଦାସ ମହାପାତ୍ର, ନୀଳାଦ୍ରି ମହାନ୍ତି, ଦେବାଶିଷ ଦାସ ମହାପାତ୍ର, ହରିହର ସେନାପତି ଓ ଡାକ୍ତର ଜଗତଜ୍ୟୋତି ଦାସ ଏହି ଅବସରରେ ଉପସ୍ଥିତ ଥିଲେ। ପରେ ସନ୍ଥ ସିଦ୍ଧାର୍ଥ ଗୁରୁ ନାନକଙ୍କ ମଙ୍ଗୁମଠ ଓ ସନ୍ଥ ହରିଦାସଙ୍କ ସିଦ୍ଧବକୁଳ ମଠ ପରିଭ୍ରମଣ କରି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓ ସୁନାବେଶ ଭଜନ ସମାରୋହ ସମିତିର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ବଦ୍ରି ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ମନୋଜ ଦାସମହାପାତ୍ର ପରିଚାଳନା କରିଥିଲେ।

# ସାକ୍ଷୀଗୋପାଳ କଲେଜରେ ନବସୃଜନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧୩।୮ (ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ବୁଧବାର ବାଣିଜ୍ୟ ଓ ଅର୍ଥନୀତି ବିଭାଗର ମିଳିତ ସହଯୋଗରେ ନବସୃଜନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି।



ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପଦୀପ ଅର୍ପଣ ସହିତ ସଂସ୍କୃତ ବିଭାଗର ଅଧ୍ୟାପିକା ସସ୍ମିତା ପ୍ରଧାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଷ୍ଟେଟ୍ ବ୍ୟାଙ୍କ ଉପ ଆଞ୍ଚଳିକ ପରିଚାଳିକା ସସ୍ମିତା ମିଶ୍ର ଯୋଗଦେଇ ଆଜିର ଦୁନିଆରେ ନବସୃଜନ ଓ ଷ୍ଟାର୍ଟଅପ୍ ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଧାରଣା ଦେଇଥିଲେ। ପ୍ରାରମ୍ଭରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ଆଲୋଚ୍ୟ ବିଷୟ ଉପରେ ସମ୍ପୂର୍ଣ୍ଣ ମତାମତ ରଖିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନବସୃଜନ ଓ ଷ୍ଟାର୍ଟଅପ୍ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସୂର୍ଯ୍ୟନାରାୟଣ ରଥ, ଆଶୀର୍ବାଦ ଜେନା, ଆକାଂକ୍ଷା ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, ଦେବେନ୍ଦ୍ର ମହାପାତ୍ର, ଆକାଶ ମହାନ୍ତି, ଲିଜା ପରିଡ଼ା, ଅନୁପମ ମିଶ୍ର ପ୍ରମୁଖ ସେମାନଙ୍କ ନିଜସ୍ୱ ପ୍ରସ୍ତୁତ ପ୍ରକଳ୍ପ ଉପସ୍ଥାପନା କରିଥିଲେ। ସେମାନଙ୍କ ମଧ୍ୟରୁ ଆକାଂକ୍ଷା ମହାପାତ୍ର ପ୍ରଥମ, ଆକାଶ ମହାନ୍ତି ଦ୍ୱିତୀୟ ଏବଂ ଦେବେନ୍ଦ୍ର ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀ ତଥା ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପିକା ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲାବେଳେ ବାଣିଜ୍ୟ ବିଭାଗର ଅଧ୍ୟାପିକା କଲବ୍ୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାକ୍ଷୀଗୋପାଳ କଲେଜରେ ସଂସ୍କୃତ ସପ୍ତାହ ସମାରୋହ

ସାକ୍ଷୀଗୋପାଳ,୧୩।୮ (ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ବୁଧବାର ସଂସ୍କୃତ ବିଭାଗ ପକ୍ଷରୁ 'ସଂସ୍କୃତ ସପ୍ତାହ ପାଳନ ସମାରୋହ' ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ସମାରୋହ ଉଦ୍‌ଘାଟିତ ହୋଇ ଏକ ସପ୍ତାହ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମଟିର ଶୁଭାରମ୍ଭ ବିଭାଗୀୟ ଅଧ୍ୟାପିକା ସସ୍ମିତା ପ୍ରଧାନଙ୍କ ବେଦପାଠ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ବିଶ୍ୱନାଥପୁର ନିବାସୀ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଭାସ୍କର ପ୍ରସାଦ ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ବୈଶିଷ୍ଟ୍ୟତା, ଧାର୍ମିକ, ସାଂସ୍କୃତିକ, ସୌନ୍ଦର୍ଯ୍ୟ ଆଦି ସମସ୍ତ ଦୃଷ୍ଟିରୁ ଏହାର ବିଶେଷତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ସଂସ୍କୃତ ସପ୍ତାହ ପାଳନର ଆଭିମୁଖ୍ୟ ଏବଂ ସଂସ୍କୃତ ଭାଷାର ପ୍ରାଚୀନତା, ଉପଯୋଗିତା, ମହନୀୟତା ସମ୍ପର୍କରେ ସ୍ୱ-ମତ ଉପସ୍ଥାପନା କରିଥିଲେ। ମଞ୍ଚାସୀନ ଅନ୍ୟତମ ଅତିଥି ପ୍ରାଧ୍ୟାପକ ରତ୍ନାକର ସାହୁ ମାନବ ଜୀବନର ଦୈନନ୍ଦିନ ଚାଲିଚଳନକୁ ଏହି ସଂସ୍କୃତ ସାହିତ୍ୟ ହିଁ ନିୟନ୍ତ୍ରିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ସମାରୋହର ଅନ୍ତିମ ପର୍ଯ୍ୟାୟରେ ସଂସ୍କୃତ ସପ୍ତାହ ପାଳନ ସମାରୋହ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମାରୋହରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ରାଜକିଶୋର ପତି, ସ୍ୱର୍ଣ୍ଣଲତା ମାହାରୀ, ସବିତା ମଲ୍ଲିକ, ବବିତା ପ୍ରଧାନ, ସାର୍ଥକ ମିଶ୍ର, ରଘୁନାଥ ପରିଡ଼ା, ସୌମ୍ୟାଶ୍ରୀ ମିଶ୍ର, ସଂସ୍କୃତ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଯୁକ୍ତ ୨ରେ ସଂସ୍କୃତ ବିଷୟ ରଖି ପଢୁଥିବା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମହେଶ୍ୱର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ 'ହର୍ ଘର୍ ତିରଙ୍ଗା'

ଚାରିଛକ,୧୩।୮ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ "ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବନାକୁ ଉଦ୍ରେକ କରିବା ନିମନ୍ତେ ସଂଗୀତ, ନୃତ୍ୟ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଯୋଗଦେଇଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସତ୍ୟବାଦୀ ଦିବସ ପାଳିତ



ସାକ୍ଷୀଗୋପାଳ,୧୩।୮ (ସମିସ): ସ୍ଥାନୀୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଗତବର୍ଷ ଭଳି ଏବର୍ଷ ମଧ୍ୟ ଦ୍ୱିତୀୟଥର ପାଇଁ "ସତ୍ୟବାଦୀ ଦିବସ-୨୦୨୫' ପାଳିତ ହୋଇଯାଇଛି। ଐତିହ୍ୟସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ତିଥିକୁ ଉତ୍ତରପିଢ଼ିଙ୍କ ପାଖରେ ପୁନର୍ଜୀବିତ କରିବା ପାଇଁ ଏହି "ସତ୍ୟବାଦୀ ଦିବସ'ର ସ୍ୱତନ୍ତ୍ର ପରିକଳ୍ପନା। ଏହି ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମ୍ମାନ୍ନ ଅନୁଷ୍ଠିତ ହୋଇଥିଲା। ପରେ କୁଳପତି, ଅତିଥି ଓ ଅଧ୍ୟାପକଙ୍କ ଦ୍ୱାରା ସର୍ବପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କବି ତଥା ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ। ନିଜ ବକ୍ତବ୍ୟ ମାଧ୍ୟମରେ ଡ. ପାଣ୍ଡବ ଗୋପବନ୍ଧୁଙ୍କ କବିତାର ଅଭିବ୍ୟକ୍ତି ଛଳରେ ଖଣ୍ଡକାବ୍ୟ ଧର୍ମପଦ, କାରାକବିତା, ନଚିକେତା ଉପାଖ୍ୟାନ ପ୍ରଭୃତି ସଂକଳନ ଉପରେ ବିସ୍ତୃତ ଭାବରେ ଚର୍ଚ୍ଚା କରିଥିଲେ। ଏପରିକି ଗୋପବନ୍ଧୁଙ୍କ ଉପରେ ନିଜେ ଲେଖିଥିବା କିଛି କବିତା ପଢ଼ି ଛାତ୍ରଛାତ୍ରୀଙ୍କୁ ଶୁଣାଇ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ ଯୁବ ସାହିତ୍ୟିକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର। ଡ. ମିଶ୍ର ଗୋପବନ୍ଧୁଙ୍କ ଗଦ୍ୟ-ଭାବ ଓ ଶିଳ୍ପଦୃଷ୍ଟି ଉପରେ ନିଜ ଅଭିଭାଷଣ ଦେବା ସହିତ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଆଧ୍ୟାତ୍ମିକ ତଥା ସମସ୍ୟାର ସ୍ୱର ସହିତ ସମ୍ଭାବନାର ବାଟ ଗୋପବନ୍ଧୁଙ୍କ ଗଦ୍ୟରେ କିଭଳି ଛତ୍ରେଛତ୍ରେ ପ୍ରତିଫଳିତ ହୋଇଛି ତାହାର ବ୍ୟାଖ୍ୟା କରିଥିଲେ। କୁଳପତି ପ୍ରଫେସର ପ୍ରଧାନ ନିଜ ସଭାପତି ଅଭିଭାଷଣରେ ଗୋପବନ୍ଧୁଙ୍କ ସାହିତ୍ୟର ଦର୍ଶନକୁ ଗଭୀର ଅଧ୍ୟୟନ ଦ୍ୱାରା କେବଳ ବୁଝିବା ସମ୍ଭବ ବୋଲି ପ୍ରକାଶ କରିଥିଲେ। ଆଦର୍ଶ ମଣିଷ, ସୁସ୍ଥ ସମାଜ ଓ ଉନ୍ନତ ଦେଶର ପରିକଳ୍ପନା କେବଳ ଉତ୍କଳମଣିଙ୍କର ରହିଥିଲା। ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଉକ୍ତ ସମ୍ମାନ୍ନରେ ନାରାୟଣ ପ୍ରସାଦ ବେହେରା, ଡ. ଶୁଭେନ୍ଦୁ ପରିଡ଼ା, ଡ. ସଙ୍ଗୀତା ଜେନା, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ, ଡ. ପ୍ରୀତିସୀମା ସ୍ୱାଇଁ, ବିଜୟ ମିଶ୍ର ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ତଥା ୩ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉଭୟ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ବିଶ୍ୱବିଦ୍ୟାଳୟ ପାଠାଗାର ନିମନ୍ତେ ସ୍ୱରଚିତ ପୁସ୍ତକଗୁଡ଼ିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦୦ ବୋତଲ ବିଦେଶୀ ମଦ ଜବତ; ୨ ଗିରଫ

ନୟାହାଟ,୧୩।୮ (ସମିସ): ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପାଟ୍ରୋଲିଂ କରିବା ସମୟରେ ବୁଧବାର ରାତି ୯ଟାରେ କୌଣସି ସୂତ୍ରରୁ ଖବର ପାଇ ଯୋଗେଶ୍ୱରପୁରଠାରୁ ଏକ ବାଇକ୍‌ରୁ ୧୦୦ରୁ ଉର୍ଦ୍ଧ୍ୱ ବିଦେଶୀ ମଦ ବୋତଲ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିବା ସହ ଏକ ବାଇକ୍ ଜବତ କରିଛନ୍ତି। ପ୍ରକାଶ ଯେ, କଟକ ଜିଲ୍ଲାରୁ ନୟାହାଟ ଅଞ୍ଚଳର ବାଲିଦଣ୍ଡା ଛକର ଏକ ପାନଦୋକାନକୁ ଏକ କଳା ପଲ୍‌ସର ଯୋଗେ ମଦ ଆସୁଥିବା ଖବର ପାଇ ପୁଲିସ ଜବତ କରିଛି। ଗିରଫ ଦ୍ୱୟ ବାଲିଦଣ୍ଡା ଗ୍ରାମର କୈଳାଶ ଦାସ ଓ ଚନ୍ଦ୍ରକାନ୍ତ ବେହେରା ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# ନିଶା ନିବାରଣ ଭାରତ ସଚେତନତା କାର୍ଯ୍ୟକ୍ରମ



ଚାରିଛକ,୧୩।୮ (ସମିସ): ଚାରିଛକ ଥାନା ପକ୍ଷରୁ ବୁଧବାର ନିଶା ନିବାରଣ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଓ କର୍ମଚାରୀମାନେ ନିଶା ନିବାରଣ ଭାରତ କାର୍ଯ୍ୟକ୍ରମରେ ଶପଥପାଠ କରିଥିଲେ। ଆମେ ନିଶାସେବନ କରିବୁ ନାହିଁ କିମ୍ବା କାହାରିକୁ ନିଶାସେବନ କରିବାକୁ ପ୍ରବର୍ତ୍ତାଇବୁ ନାହିଁ। ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଶପଥପାଠ ଉତ୍ସବରେ ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ଯୋଗଦେଇ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଯୁବଗୋଷ୍ଠୀଙ୍କୁ ଶପଥପାଠ କରାଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୩/୮/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୫,୮୭୩/- ସୁନା: ୦୦.୫୫୦ ଗ୍ରାମ୍ ରୁପା: ୫୯.୪୦୦ ଗ୍ରାମ୍



## ମହାପ୍ରଭୁଙ୍କୁ ଇସ୍କନ ଭକ୍ତଙ୍କ ଅପମାନ

# ଜଗନ୍ନାଥଙ୍କ ପିଜା କହି ଦେଉଛନ୍ତି ଭୁଲ୍ ତଥ୍ୟ

ପୁରୀ,୧୩।୮ (ସମିସ): ବାରମ୍ବାର ମହାପ୍ରଭୁଙ୍କୁ ଅପମାନିତ କରିଆସୁଛି ଇସ୍କନ। ଅଦିନିଆ ରଥଯାତ୍ରା କରି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ କୁଠାରାଘାତ କରୁଛି। ଏବେ ଇସ୍କନ ଭକ୍ତ ମଧ୍ୟ ଏହି ଧାରାକୁ ଆପଣାଇଛନ୍ତି। ମହାପ୍ରଭୁଙ୍କୁ ଅପମାନିତ କଲା ଭଳି ଭୁଲ୍ ତଥ୍ୟ ଦେଉଛନ୍ତି। ନିଜେ ଖାଉଥିବା ଏକ ପିଜାକୁ ଏହା ଜଗନ୍ନାଥଙ୍କ ପିଜା କହି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ମନ୍ତବ୍ୟ ରଖୁଛନ୍ତି। କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ସାନ୍ନିଧ୍ୟ ପାଇବା ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଛୁଟି ଆସିଥା'ନ୍ତି ଶ୍ରୀକ୍ଷେତ୍ରଧାମ। ବିଶ୍ୱନିୟନ୍ତାଙ୍କ ମାହାତ୍ମ୍ୟ ଏବଂ ମହିମା ଅପାର। ହେଲେ ମହାପ୍ରଭୁଙ୍କୁ ଅପମାନିତ କରିବା ଭଳି ଏକାଧିକ ଘଟଣା ନିକଟରେ ଦେଖିବାକୁ ମିଳିଥିଲା। ଘର ଦୁଆରେ, ବାଥ୍‌ରୁମ୍, ରୋଷେଇ ଘର ଦୁଆରେ ପକାଯାଉଥିବା ପା'ପୋଛରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ରହିଥିଲା। ଏବେ ସମାନ ଭାବେ ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି ଜଣେ ଇସ୍କନ ଭକ୍ତ ଅତୁଲ କ୍ରିଷ୍ଣା। ବିଭିନ୍ନ ସମୟରେ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାକୁ ନେଇ ୟୁଟ୍ୟୁବ୍‌ରେ ତଥ୍ୟ ରଖୁଥିବା ଅତୁଲ ନିଜକୁ ଇସ୍କନ ଭକ୍ତ ବୋଲି କହିଥା'ନ୍ତି।



ଅତୁଲ୍ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଏକ ପିଜାକୁ ଜଗନ୍ନାଥ ପିଜା ବୋଲି କହୁଛନ୍ତି। ଏପରିକି ଏହି ପ୍ରମୋସନରେ ୟୁଟ୍ୟୁବର ମହାପ୍ରସାଦ ମଧ୍ୟ କହୁଛନ୍ତି। କିନ୍ତୁ ଏହା ତାଙ୍କର ଅଫିସିଆଲ ଆକାଉଣ୍ଟ ନା ଫେକ୍ ଆକାଉଣ୍ଟ ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ। ପୂର୍ବରୁ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ ବାରମ୍ବାର ଅପମାନିତ କରିଥିବା ଇସ୍କନର ଏହା ଆଉ ଏକ ଚାଲ୍ ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମକୁ ନେଇ ବ୍ୟବସାୟ। ଏଥର ଜଗନ୍ନାଥଙ୍କ ନାମରେ ପିଜା ବିକ୍ରି କରୁଛି ଇସ୍କନ। ଏହାକୁ ପ୍ରମୋଟ୍ କରୁଛନ୍ତି ୟୁଟ୍ୟୁବର ଅତୁଲ କ୍ରିଷ୍ଣା, ଯିଏ କି ନିଜକୁ ଜଣେ ଇସ୍କନ ଭକ୍ତ ବୋଲି ମଧ୍ୟ ପରିଚୟ ଦେଇଥା'ନ୍ତି। ତେବେ ଇସ୍କନ ଜଗନ୍ନାଥଙ୍କ ନାମ ଓ ସଂସ୍କୃତିକୁ ବିଭିନ୍ନ ସମୟରେ ଯେପରି କଦର୍ଥ କରୁଛି ତାହା ଉପରେ କେବେ ଅଙ୍କୁଶ ଲାଗିବ ବୋଲି ସେ ପ୍ରଶ୍ନ କରିଛନ୍ତି।


## ପରିକ୍ରମା ପ୍ରକଳ୍ପ ପରିସରରେ ଧମକପୂର୍ଣ୍ଣ ଲେଖା


# 'ଶ୍ରୀମନ୍ଦିର ଭାଙ୍ଗିଦେବେ ଆତଙ୍କବାଦୀ'

ପୁରୀ,୧୩।୮ (ସମିସ)

ଶ୍ରୀମନ୍ଦିରକୁ ଆତଙ୍କବାଦୀ ଆକ୍ରମଣର ଧମକ। ପରିକ୍ରମା ପ୍ରକଳ୍ପ ପରିସର ବୁଢ଼ୀ ମା' ମନ୍ଦିର କାନ୍ଥରେ ଦେଖିବାକୁ ମିଳିଛି ଆତଙ୍କବାଦୀ ସାଙ୍ଗକୁ ଏକାଧିକ ଫୋନ୍ ନମ୍ବର ଓ ଏହା ପାର୍ଶ୍ୱରେ ଫୋନ୍ କର ନ କଲେ ପୁରୀ ରହିବ, କୂଳ ବୁଡ଼ିବ, ଆତଙ୍କବାଦୀ ବୋଲି ଲେଖାଯାଇଛି। ଏଥିସହିତ ପ୍ରଧାନମନ୍ତ୍ରୀ ମୋଦୀ, ମିଡିଆ ଲେଖା ମଧ୍ୟ ରହିଛି। ଦୁଇଟି

### ଲେଖିଥିବା ବ୍ୟକ୍ତିଙ୍କୁ ଉଠାଇ ଆଣିଲା ପୁଲିସ, ଡେମୋରୁ ସ୍ପଷ୍ଟ ଜଣାପଡ଼ିଲା





ଏମିତି ଧମକପୂର୍ଣ୍ଣ ଲେଖା। ଏଥିରେ କିଛି ଫୋନ୍ ନମ୍ବର ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ରହିଥିବାବେଳେ ଏହାକୁ ନେଇ ବୁଧବାର ଚାଞ୍ଚଲ୍ୟ ଖେଳି ଯାଇଥିଲା। ପୁଲିସ ତୁରନ୍ତ ଖୋଳତାଡ଼ କରି ଏହି ଲେଖା ଲେଖିଥିବା ବ୍ୟକ୍ତିଙ୍କୁ ଉଠାଇ ଆଣିବା ସହ ପଚରାଉଚରା କରିଥିଲା। ସମ୍ପୃକ୍ତ ବ୍ୟକ୍ତି ଏହାକୁ ଲେଖିଥିବା ନିଜେ ସ୍ୱୀକାର କରିଥିବାବେଳେ ପୁଲିସ ଥାନା କାନ୍ଥରେ ତାଙ୍କଠାରୁ ଡେମୋ ଦେଖିଥିଲା। ପରିକ୍ରମା ପ୍ରକଳ୍ପ ପରିସର ଲେଖା ଏବଂ ସିଂହଦ୍ୱାର ଥାନା କାନ୍ଥରେ ସମ୍ପୃକ୍ତ ବ୍ୟକ୍ତି ଲେଖିଥିବା ଲେଖା ଏକପ୍ରକାର ଜଣାପଡ଼ିବା ପରେ ସ୍ପଷ୍ଟ ହୋଇଥିଲା ପୁଲିସ।

ବାଲିସାହି ପ୍ରବେଶ ପଥ ଠିକ୍ ଡାହାଣ ପଟେ ଥିବା ବୁଢ଼ୀ ମା' ଠାକୁରାଣୀଙ୍କ କାନ୍ଥରେ ଏଭଳି ଧମକପୂର୍ଣ୍ଣ ଲେଖା ଦେଖିବାକୁ ମିଳିଥିଲା। ଗୋଟିଏ ପାର୍ଶ୍ୱରେ ମନ୍ଦିର ଭାଙ୍ଗିବେ ସ୍ଥାନରେ ଏପରି ଧମକପୂର୍ଣ୍ଣ ଲେଖା ରହିଥିଲା। ଚକ୍ ଖଡ଼ିରେ କେହି ଏହାକୁ ଲେଖିଥିବା ଜଣାପଡ଼ିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଥିଲା। ଘଟଣାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲା ପୁରୀ ପୁଲିସ। ଏସ୍‌ପି ପିନାକ୍ ମିଶ୍ର ନିଜେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। କିଏ ଏବଂ କାହିଁକି ଲେଖିଛି ସେ ନେଇ ପୁଲିସ ଖୋଳତାଡ଼ କରିଥିଲା। ସିସିଟିଭି ଫୁଟେଜ୍ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ପୁଲିସ କଣାସ ଗଡ଼ିଶାଗୋଦା ନୂଆଗାଁର ରଘୁନାଥ ସାହୁ (୫୫)ଙ୍କୁ ଧରି ସିଂହଦ୍ୱାର ଥାନାକୁ ଆଣି ପଚରାଉଚରା କରିଥିଲା। ଥାନାରେ ରିକ୍ରିଏସନ୍ କରାଯାଇଥିଲା। ଅର୍ଥାତ୍ ବୁଢ଼ୀ ମା' ମନ୍ଦିର କାନ୍ଥରେ ଯାହାସବୁ ଲେଖିଥିଲା ସେହି ଲେଖା ଥାନା କାନ୍ଥରେ ଚକ୍ ଖଡ଼ିରେ ଅଭିଯୁକ୍ତ ଅବିକଳ ରିକ୍ରିଏସନ କରିଥିଲା।

ଏ ସମ୍ପର୍କରେ ଏସ୍‌ପି ପିନାକ୍ ମିଶ୍ର କହିଛନ୍ତି, ସେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ସେ ନିଜେ ଲେଖିଥିବା ସ୍ୱୀକାର କରିଛନ୍ତି। ପାରିବାରିକ ସମସ୍ୟା ନେଇ ସେ ଏଭଳି ଆଚରଣ କରିଥିଲେ। ଅନ୍ୟପକ୍ଷରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଖୋଳତାଡ଼ ପରେ ଗଡ଼ିଶାଗୋଦା ନୂଆଗାଁର ରଘୁନାଥ ସାହୁ ଏହା ଲେଖିଥିବା ଜଣାପଡ଼ିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ପୁଲିସ କାବୁ କରି ଥାନାକୁ ଆଣିଥିଲା। ଥାନାରେ ତାଙ୍କୁ ପଚରାଉଚରା କରାଯିବାବେଳେ ସେ ଲେଖିଥିବା ସ୍ୱୀକର କରିଥିଲେ। ଏଥିସହ ତାଙ୍କ ଲେଖାର ରିକ୍ରିଏସନ କରାଯାଇଥିଲା। ବୁଢ଼ୀ ମା' ମନ୍ଦିର କାନ୍ଥ ଏବଂ ଥାନା କାନ୍ଥରେ ଲେଖା ମିଶି ଯାଇଥିଲା। ଏପରିକି ସେ ଯେଉଁ ଫୋନ୍ ନମ୍ବର ସବୁ ଲେଖିଛନ୍ତି ସେହି ନମ୍ବରଗୁଡ଼ିକ ତାଙ୍କ ମୋବାଇଲ୍ ଫୋନ୍‌ରେ ରହିଛି। ପୂର୍ବରୁ ସେ ଏକ ନିଶା ନିବାରଣ କେନ୍ଦ୍ରକୁ ଯାଇଥିଲେ। ସେଠାରୁ ବାହାରିବା ପରେ ପୁରୀରେ ଏଠିସେଠି ବୁଲାବୁଲି କରିବା ସହ ମାଗିଯାଚି ଚଳିଥା'ନ୍ତି। ଏହି ଘଟଣା ପରେ ତାଙ୍କ ପରିବାରର ଲୋକଙ୍କୁ ଡକାଯାଇ ତାଙ୍କ ଜିମା ଦିଆଯାଇଛି ବୋଲି କହିଛନ୍ତି ସିଟି ଡିଏସ୍‌ପି ଶ୍ରୀ ସାହୁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ପ୍ରତି ଆତଙ୍କବାଦୀ ଆକ୍ରମଣ ଭୟ ରହିଥିବା ପୂର୍ବରୁ ଏକାଧିକଥର ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ଆଧାର କରି ଗତ କିଛି ବର୍ଷ ହେବ ଏନ୍ଏସ୍‌ଜି ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଥିବା ବେଳେ ବିଭିନ୍ନ ପ୍ରସ୍ତାବ ମଧ୍ୟ ଦେଉଛନ୍ତି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟୁଛି। ମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା, ଗୁପ୍ତ କ୍ୟାମେରା ଖଞ୍ଜା ଯାଇଥିବା ଚଷମା ଯାଉଥିବାବେଳେ ଶ୍ରୀମନ୍ଦିର ରୋଷଘର ବୁଲି ଭାଙ୍ଗୁଛନ୍ତି ଦୁର୍ବୃତ୍ତ। ଏପରିକି ନିକଟରେ ମେଘନାଦ ପାଚେରି ଡେଇଁ ଭିତରକୁ ଭକ୍ତ ପଶୁଥିବାର ଭିଡିଓ ଭାଇରାଲ ହୋଇଥିବାବେଳେ ମନ୍ଦିର ପରିସରସ୍ଥ ବିଭିନ୍ନ ମନ୍ଦିରରୁ ଚୋରି ହେଉଥିବାର ମଧ୍ୟ ନଜିର ରହିଛି।

# ରାହୁରେଖା ଲାଗିହେଲେ ମହାପ୍ରଭୁ

ପୁରୀ,୧୩।୮ (ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କୁ ସୁନା ରାହୁରେଖା ଲାଗି କରାଯାଇଛି। ଦଇତାପତି ସେବକମାନେ ରାହୁରେଖା ଲାଗି କରିଛନ୍ତି। ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଅପରାହ୍ଣ ୨ଟା ୩୦ରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଝୋବାକଣ୍ଠି ମଇଲମ କରିଥିଲେ। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିଲେ। ବଣିଆମାନେ ସୁନା ରାହୁରେଖାକୁ ସଫା କରି ରଖିଥିଲେ। ଏହାପରେ ଅପରାହ୍ଣ ୨ଟା ୫୦ରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତି ମହାପାତ୍ରଙ୍କ ହାତକୁ ବଢ଼ାଇଥିଲେ। ପତି ମହାପାତ୍ର ସେସବୁକୁ ସଂସ୍କାର କରି ବଡ଼ବାଡ଼ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ ବଇତମ (ସଫା ଛିଣ୍ଡା କନା) ନେଇ ଠାକୁରମାନଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ରାହୁଲେଖା ଲାଗି ସାରି ଦଇତାପତି ବାହାରିବା ପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଯାଇଥିଲା। ଏହାପରେ ଶ୍ରୀବିଗ୍ରହମାନଙ୍କ ମଇଲମ ହୋଇ ବେଶ ବଢ଼ିଥିଲା। ମଧ୍ୟାହ୍ନଧୂପ ପୂଜା ସରିବା ପରେ ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍‌ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର। ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନଚିତା ଏବଂ ରାହୁରେଖା ଓଲାଗି ହୋଇଥାଏ। ସପ୍ତାବରଣ କାର୍ଯ୍ୟ ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରତ୍ନଚିତା ଏବଂ ରାହୁରେଖା ଲାଗି ହେବା ପରେ ଶ୍ରୀଅଙ୍ଗ ସ୍ୱର୍ଣ୍ଣସମ୍ପୂର୍ଣ୍ଣ ହୋଇଥାଏ। ଚିତାଲାଗି ଅମାବାସ୍ୟାରେ ରତ୍ନଚିତା ଏବଂ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି ହୋଇଥାଏ।

# ମିଥ୍ୟା ସତ୍ୟପାଠ; ସରପଞ୍ଚ ଅସିଦ୍ଧ ଘୋଷଣା

ପୁରୀ,୧୩।୮ (ସମିସ): ମିଥ୍ୟା ସତ୍ୟପାଠ ମାମଲା ନେଇ ପୁରୀ ସଦର ବ୍ଲକ୍ ପ୍ରତାପ ପୁରୁଷୋତ୍ତମପୁର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ମହାରଣା ସିଭିଲ୍ ଜଜ୍‌ଙ୍କ ଦ୍ୱାରା ଅସିଦ୍ଧ ଘୋଷଣା ହୋଇଛନ୍ତି। ଏହି ପଦ ପାଇଁ ସାନି ନିର୍ବାଚନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

**ସାନି ନିର୍ବାଚନ ନିର୍ଦ୍ଦେଶ**

ଗତ ପଞ୍ଚାୟତ ନିର୍ବାଚନବେଳେ ସଂଯୁକ୍ତା ମହାରଣା ମିଥ୍ୟା ସତ୍ୟପାଠ ଦେଇଥିଲେ ବୋଲି ତାଙ୍କ ପ୍ରତିପକ୍ଷ ସରପଞ୍ଚ ପ୍ରାର୍ଥୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କର ୨ରୁ ଅଧିକ ସନ୍ତାନ ଥିବାବେଳେ ସେ ମିଥ୍ୟା ସତ୍ୟପାଠ ଦେଇ ନିର୍ବାଚନ ଲଢ଼ିଥିଲେ। ଏପରିକି ସେ ବିଜୟୀ ହୋଇ ସରପଞ୍ଚ ମଧ୍ୟ ହୋଇଥିଲେ। ଏହାପରେ ତାଙ୍କ ପ୍ରତିପକ୍ଷ କୋର୍ଟକୁ ଯାଇ ତାଙ୍କ ମିଥ୍ୟା ସତ୍ୟପାଠକୁ ଚ୍ୟାଲେଞ୍ଜ କରିଥିଲେ। ସମସ୍ତ ତଥ୍ୟ ପ୍ରମାଣକୁ ଅନୁଧ୍ୟାନ ପରେ ସିଭିଲ୍ ଜଜ୍ ମଙ୍ଗଳବାର ସଂଯୁକ୍ତା ମହାରଣାଙ୍କୁ ଅସିଦ୍ଧ ଘୋଷଣା କରିଥିବାବେଳେ ସମ୍ପୃକ୍ତ ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ସାନି ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଧର୍ମ ଓ ନ୍ୟାୟର ବିଜୟ ବୋଲି କହିଛନ୍ତି।

# ଦାବି ପୂରଣ ନ ହେଲେ ରାସ୍ତାକୁ ଓହ୍ଲାଇବେ କନିଷ୍ଠ ଶିକ୍ଷକ

ପୁରୀ,୧୩।୮ (ସମିସ)




ପୁରୀ ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ଜିଲ୍ଲା ସଭାପତି ଅନୀତା ବେହେରାଙ୍କ ନେତୃତ୍ୱରେ ବୁଧବାର ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ଅନୁସାରେ ଦୀର୍ଘ ଦଶନ୍ଧି ପରେ ସରକାର ପ୍ରାଥମିକ ଶିକ୍ଷା ଓ ଶିକ୍ଷକଙ୍କ ଦୁଃଖ ବୁଝିପାରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଅଗଷ୍ଟ ୨ରେ ନିୟମିତ କରିବା ପାଇଁ ଚିଠି ଜାରି କରିଥିଲେ। ମାତ୍ର ଜାରି ହୋଇଥିବା ଚିଠିକୁ ୫ ଦିନ ପରେ ଉପଯୁକ୍ତ ସ୍ତରରେ ଗ୍ରହଣୀୟ ହୋଇ ନ ଥିବାର ଆଳ ଦେଖାଇ ପ୍ରତ୍ୟାହାର କରିନେଇଛନ୍ତି। ସରକାରଙ୍କ ଏପରି ପ୍ରତ୍ୟାହାର ନୀତିକୁ ସଂଘ ଦୃଢ଼ ନିନ୍ଦା କରିବା ସହିତ ଏହା ସମ୍ପୂର୍ଣ୍ଣ ଅମାନବୀୟ ରୂପେ ସମାଲୋଚନା କରିଛି। ଏଣୁ ପ୍ରତ୍ୟାହାର କରାଯାଇଥିବା ପ୍ରସ୍ତାବିତ ଚିଠିକୁ ପୁନର୍ବାର ଅନୁମୋଦନ ସହିତ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଂଘ ଦାବି କରିଛି। ଆଗାମୀ ୧୭ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି।

# ପୁରୀରେ ପତାକା ଉତ୍ତୋଳନ କରିବେ ଆଇନ ମନ୍ତ୍ରୀ

ପୁରୀ,୧୩।୮ (ସମିସ)

ପୁରୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସ୍ୱାଧୀନତା ଦିବସ ଅର୍ଥାତ୍ ଅଗଷ୍ଟ ୧୫ ପୂର୍ବାହ୍ଣ ୯ଟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମୁଖ୍ୟଅତିଥି ଶ୍ରୀ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ପରିଦର୍ଶନ କରି ଉଦ୍‌ବୋଧନ ଦେବେ। ପରେ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହେବ। ବିଭିନ୍ନ କଳାକାର, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଅନୁଷ୍ଠାନ ଦ୍ୱାରା ଭାରତୀୟମ୍ ନାମରେ ଦେଶାତ୍ମବୋଧ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡ୍‌ର ଶ୍ରେଷ୍ଠ ଦଳଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିବେ। ବନ ବିଭାଗ, ଉଦ୍ୟାନ ବିଭାଗ ଓ ସମ୍ପର୍କ ଅନୁଷ୍ଠାନ ସହଯୋଗରେ ପରେଡ୍ ପଡ଼ିଆଠାରେ ମୁଖ୍ୟଅତିଥି ଚାରାରୋପଣ କରିବା ପରେ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବେ। ପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବେ। ଜିଲ୍ଲା ରେଡ୍‌କ୍ରସ ସମିତି, ମୁଖ୍ୟ ଚିକିତ୍ସାଳୟ, ରକ୍ତ ଭଣ୍ଡାର, ଭାରତ ବିକାଶ ପରିଷଦ ଓ ବଡ଼ଶଙ୍ଖ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୩ଟାରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ।

ସେହିପରି ପ୍ରତ୍ୟୁଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯିବ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି କରାଯାଇ ଗାନ୍ଧୀ ଘାଟଠାରେ ସର୍ବଧର୍ମ ପ୍ରାର୍ଥନା ସଭା, ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟମାନଙ୍କରେ ପତାକା ଉତ୍ତୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।

# ରେଖା ପଞ୍ଚମୀ ପର୍ବ ପାଳିତ

ପୁରୀ,୧୩।୮ (ସମିସ): ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ବୁଧବାର ରେଖା ପଞ୍ଚମୀ ପର୍ବ ପାଳିତ ହୋଇଯାଇଛି। ସୂର୍ଯ୍ୟାସ୍ତ ସମୟରେ ଘରେ ଘରେ ଏହି ପର୍ବ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ପର୍ବ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଗୃହର ମୁଖ୍ୟ କବାଟ ସମେତ ଅନ୍ୟାନ୍ୟ କବାଟ ଏବଂ କୋଠିରେ ଥିବା କବାଟରେ ଶ୍ରୀଗଣେଶ, ଭୈରବ ଓ ମହାଦେବଙ୍କ ଚିତ୍ର ଅଙ୍କନ କରାଯାଇଥାଏ। ବିଭିନ୍ନ ପ୍ରକାର ଫୁଲ, ଚନ୍ଦନ, ସିନ୍ଦୂର, ଦୁବ ବରକୋଳିପତ୍ର ଆଦିକୁ ସୁସଜ୍ଜିତ କରି ପୂଜା କରାଯାଇଥାଏ। ପୂଜାରେ ସରୁ ଚକୁଳି, ପୁରୀ ଚକୁଳି ପିଠା ଭୋଗ କରାଯାଏ। ଜୁଣରେ ତିଆରି ପିଣ୍ଡୁଅକୁ ରକ୍ଷାକରଣ ମନ୍ତ୍ରରେ ଅଭିମନ୍ତ୍ରିତ କରି ଦ୍ୱାର ସମ୍ମୁଖ ଭାଗ ଚାଳରେ କିମ୍ବା ପକ୍କା ଘରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାନ୍ଧି ଓହଳାଇ ଦିଆଯାଏ। ଏହାଦ୍ୱାରା ସମସ୍ତ ପ୍ରକାର ଉପଦ୍ରବରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି।

# ଆଜି ଦେଶାତ୍ମବୋଧ କବିତା ପାଠୋତ୍ସବ

ପୁରୀ,୧୩।୮ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ସଦ୍‌ଭାବନା ସଭାଗୃହ ପରିସରରେ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଦେଶାତ୍ମବୋଧ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ପୁରୀ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ଅପରାହ୍ଣ ୩ଟାରେ ଏହି କବିତା ପାଠୋତ୍ସବ ଜିଲ୍ଲା ପ୍ରଶାସନ ଓ ପୁରୀ ସାହିତ୍ୟ ଉତ୍ସବ ସମିତି ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଏଥିରେ କବି, କବୟିତ୍ରୀ ଓ ସାହିତ୍ୟିକମାନେ ଯୋଗଦେବାକୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ଅମଲା ସଂଘ ଜିଦ୍‌ରେ ଅଟଳ

ପୁରୀ,୧୩।୮ (ସମିସ): ରାଜ୍ୟ ସରକାରଙ୍କ କଠୋର ଆଭିମୁଖ୍ୟ ପରେ ମଧ୍ୟ ଅମଲା ସଂଘ ନିଜ ଜିଦ୍‌ରେ ଅଟଳ ରହିଛି। ପୁରୀ ଜିଲ୍ଲା ଅମଲା ସଂଘ ପକ୍ଷରୁ ବୁଧବାର ସ୍ଥାନୀୟ ଅମଲା କ୍ଲବ୍ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ରାଜ୍ୟ ସରକାର ଆଲୋଚନା କରି ସମାଧାନର ରାସ୍ତା ବାହାର ନ କରିବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁ ରଖିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟରତ ଅମଲା ମୂଳ ଦରମା ୨୦୧୭ ମସିହା ଅନୁଯାୟୀ ଲେବୁଲ ୯କୁ ବୃଦ୍ଧି, ରାଜସ୍ୱ ଅମଲାଙ୍କ ରେସିଡେଣ୍ଟ ସୀମା ୬ ବର୍ଷ ସ୍ଥାନରେ ୪ ବର୍ଷକୁ ହ୍ରାସ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏସ୍‌ଓ ପଦ ଏକତ୍ରୀକରଣ, ସମସ୍ତ କର୍ମଚାରୀ ଓ ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଆଦି ୧୦ ଦଫା ଦାବିରେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି।

**● ସମୁଦ୍ର ସ୍ନାନ ବେଳେ ଅଘଟଣ**

# ବୁଡ଼ି ଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୩।୮ (ସମିସ): ପୁରୀ ସମୁଦ୍ରରେ ସ୍ନାନବେଳେ ଅଘଟଣ ଘଟିଛି। ରିପ୍ କରେଣ୍ଟରେ ପଡ଼ି ଦୁଇଜଣ ପର୍ଯ୍ୟଟକ ବୁଡ଼ି ଯାଉଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇଛି। ରେଣୁକା ଗଳି ସମ୍ମୁଖ ସମୁଦ୍ର କୂଳ ସେକ୍ଟର ୭ରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଉଦ୍ଧାର ପାଇଥିବା ଦୁଇ ପର୍ଯ୍ୟଟକ ହେଉଛନ୍ତି ଛତିଶଗଡ଼ ବିରା ଅଞ୍ଚଳର ଶୁଭମ୍ ସୁବାସ ଓ ବାଲେ ପଟେଲ। ଏମାନେ ସମ୍ପର୍କୀୟଙ୍କ ସହ ବୁଧବାର ଅପରାହ୍ଣ ୪ଟା ୧୦ରେ ସେକ୍ଟର ୭ରେ ଗାଧୋଉଥିଲେ। ଏହି ସମୟରେ ରିପ୍ କରେଣ୍ଟରେ ପଡ଼ି ସେମାନେ ଭିତରକୁ ଟାଣି ହୋଇଯାଉଥିଲେ। ସେମାନଙ୍କ ସମ୍ପର୍କୀୟ ଉଦ୍ଧାର ପାଇଁ ପାଟି କରିବାରୁ ଗଭୀର ସମୁଦ୍ର ଭିତରକୁ ଯାଇ ଲାଇଫ୍‌ଗାର୍ଡ ଜି. ମାଣିକ୍ୟମ୍ ଏବଂ ପି. ଗୋବିନ୍ଦ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ମୃତ୍ୟୁ ମୁହଁରୁ ବଞ୍ଚିଯାଇଥିବାରୁ ଉଦ୍ଧାର କରିଥିବା ଲାଇଫ୍‌ଗାର୍ଡଙ୍କୁ ଧନ୍ୟବାଦ ଜଣାଇଛନ୍ତି ପର୍ଯ୍ୟଟକ ଦ୍ୱୟ। ତେବେ ସମୁଦ୍ର ସ୍ନାନ ବେଳେ ଲାଇଫ୍‌ଗାର୍ଡମାନଙ୍କ ପରାମର୍ଶ ମାନିବାକୁ ଉଦ୍ଧାର ପାଇଥିବା ପର୍ଯ୍ୟଟକ ନିବେଦନ କରିଛନ୍ତି।

# ଅଟୋ ଚୋରି କରି ବନ୍ଧାହେଲେ ଯୁବକ

ପୁରୀ,୧୩।୮ (ସମିସ): ଏକ ଅଟୋ ଚୋରି କରିବା ଅଭିଯୋଗରେ ଚନ୍ଦନପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୀରପ୍ରତାପପୁରର ରାଜେଶ କୁମାର ନନ୍ଦ (୩୧)। ଅଭିଯୋଗ ଅନୁଯାୟୀ, ଚନ୍ଦନପୁର ଥାନା ଅନ୍ତର୍ଗତ ବସନ୍ତପାଟଣାର ଅଚ୍ୟୁତ ମଲ୍ଲିକ ଗତ ୭ ତାରିଖରେ ତାଙ୍କ ଅଟୋକୁ ଘରେ ରଖି ଶୋଇଥିଲେ। ସକାଳୁ ଉଠି ଦେଖିଲେ ଯେ, କେହି ଜଣେ ଦୁର୍ବୃତ୍ତ ତାଙ୍କ ଅଟୋଟିକୁ ଚୋରି କରି ନେଇଯାଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୧୭୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ଅଭିଯୁକ୍ତ ରାଜେଶ ଗୋଟିଏ ନକଲି ଚାବିରେ ଷ୍ଟାର୍ଟ କରି ଚୋରି କରିଥିଲା। ଏହାକୁ ନେଇ ବୀରପ୍ରତାପପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' କାମରୂପା କାଳୀ ମନ୍ଦିର ପାଖରେ ଚକ୍ରବର୍ତ୍ତୀ ବାଡ଼ିରେ ଗୋଟିଏ ବୁଦୁବୁଦିଆ ଜଙ୍ଗଲରେ ପାଲ ଓ ତାଳପତ୍ର ଘୋଡ଼ାଇ ରଖିଥିଲା। ଏହାକୁ ଖଣ୍ଡ ଖଣ୍ଡ କରି କାଟି କବାଡ଼ିଆକୁ ବିକ୍ରି କରିବ ବୋଲି ଯୋଜନା କରିଥିଲା। ପୁଲିସ ତଦନ୍ତ କରି ଚୋରି ଅଟୋକୁ ଉଦ୍ଧାର କରିବା ସହ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତ ରାଜେଶକୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି ପୁଲିସ।

## ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ବୈଠକ

# ପୂର୍ଣ୍ଣଚନ୍ଦ୍ର ନାୟକ ସଭାପତି, ଆଦିତ୍ୟ ରାଉତ ସାଧାରଣ ସମ୍ପାଦକ

ପୁରୀ,୧୩।୮ (ସମିସ)



ପିପିଲିସ୍ଥିତ ମାଣିକ ଗାର୍ଡେନଠାରେ ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ରାଜ୍ୟର ଅନ୍ୟତମ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଏବଂ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ସଭାପତି ହରିହର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ସଂଘକୁ ଶକ୍ତିଶାଳୀ କରି ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଏକତା ରକ୍ଷା ସବୁମତେ ଉଦ୍ୟମ ଜରୁରୀ ବୋଲି କହିଥିଲେ। ସଭା ମଞ୍ଚରେ ସାମ୍ବାଦିକ ସଞ୍ଜୟ ପତି ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଜିଲ୍ଲାର ସଭାପତି ପାଇଁ ପ୍ରସ୍ତାବ ରଖିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ କରତାଳି ଦେଇ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ନବନିଯୁକ୍ତ ସଭାପତିଙ୍କ ପ୍ରସ୍ତାବ କ୍ରମେ ଆଦିତ୍ୟ ରାଉତଙ୍କୁ ସାଧାରଣ ସମ୍ପାଦକ, ସମୀର କରଙ୍କୁ କୋଷାଧ୍ୟକ୍ଷ ଏବଂ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ତୁଷାର ଦୀକ୍ଷିତ, ବିଚିତ୍ରାନନ୍ଦ ସାହୁ ଓ ଅକ୍ଷୟ ବେହେରାଙ୍କୁ ପରାମର୍ଶଦାତା ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ସଂଘର ପ୍ରାକ୍ତନ ସଭାପତି ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସାମ୍ବାଦିକ ଅଜିତ୍ ମଲ୍ଲିକଙ୍କ ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଞ୍ଜୟ ପତି ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ବିଜୟ କୁମାର ମହାପାତ୍ର, ହେମନ୍ତ ସେଠୀ, ଆଦିତ୍ୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ରୁ ୧୦୬ ଜଣ ସାମ୍ବାଦିକ ଯୋଗଦେଇଥିଲେ।

### କୋଷାଧ୍ୟକ୍ଷ ହେଲେ ସମୀର କର

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ମେଲେରିଆ କମ୍ପନ

ରୋଗ ସଂକ୍ରମଣକୁ ଏକ ନିୟନ୍ତ୍ରିତ ସ୍ଥିତିରେ ରଖିବାକୁ ହେଲେ ନିବାରଣ ବା ନିରାକରଣକୁ ଅଧିକ ପ୍ରାଧାନ୍ୟ ଦେବା ଜରୁରୀ । ମେଲେରିଆ ଓ କଲେରା (ହଇଜା) ଭଳି ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରିଛି କେବଳ ପାନୀୟ ଉପଯୋଗୀ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶଗତ ସନ୍ତୁଳନ ରକ୍ଷା ମାଧ୍ୟମରେ । ଏକ୍ଷେତ୍ରରେ ଆମ ରାଜ୍ୟ କିନ୍ତୁ ଏକ ବ୍ୟତିକ୍ରମ । ନିକଟରେ ଯାଜପୁର ଜିଲ୍ଲାରେ ଦୂଷିତ ପାନୀୟ ଜଳ ଯୋଗୁଁ ଝାଡ଼ାବାନ୍ତି ସହ ହଇଜା ସଂକ୍ରମିତ ହୋଇଥିଲା । ନିକଟରେ ହସ୍ତଗତ ହୋଇଥିବା ଏକ ରିପୋର୍ଟରୁ ପ୍ରକାଶ ଯେ ଆମ ରାଜ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦେଶରେ ସର୍ବାଧିକ । ଜୁନ ଶେଷସୁଦ୍ଧା ୬ ମାସ ମଧ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ୩୬,୩୮୮ ଅତିକ୍ରମ କରିଛି । ଏହି ରୋଗ ସଂକ୍ରମଣର ବାହକ ହେଲେ ମଶା । ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ଘଟିଥାଏ । ଏବେ ଯେଉଁ ପରିସଂଖ୍ୟାନ ସାମ୍ନାକୁ ଆସିଛି ଆସନ୍ତା ଦୁଇତିନିମାସ ମଧ୍ୟରେ ତାହା କେତେ ବୃଦ୍ଧି ପାଇବ ଆକଳନ କରିବା କଷ୍ଟକର ।

ଜାତୀୟ ସଞ୍ଚାରଧର୍ମୀ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଭିବିଡିସି) ରିପୋର୍ଟରୁ ପ୍ରକାଶ ଯେ କିଛି ବର୍ଷ ତଳେ ମେଲେରିଆ ରୋଗ ସଂକ୍ରମଣ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଦାହରଣ ସୃଷ୍ଟି କଲା ଭଳି ରାଜ୍ୟ ହୋଇଥିବା ବେଳେ ହଠାତ୍ ଏହି ପରିବର୍ତ୍ତନ ଉଦ୍‌ବେଗର କାରଣ ହୋଇଛି । ଏଥିଲାଗି କେନ୍ଦ୍ରର ଅସହଯୋଗ ଦର୍ଶାଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେଲେ ଯେ ପରିସ୍ଥିତି ସୁଧୁରିଯିବ ଏକଥା ନୁହେଁ । ରାଜ୍ୟର ଯେଉଁ ଅଞ୍ଚଳ ବା ଜିଲ୍ଲାରେ ମେଲେରିଆ ସଂକ୍ରମଣ ବୃଦ୍ଧି ପାଇଛି ସେଠାକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅଭାବ ମୁଖ୍ୟ କାରଣ । ପରିବର୍ତ୍ତିତ ଜୀବନ ଧାରାରେ ମଶାଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବା ସଚେତନତା କ୍ରମେ ଗୁରୁତ୍ୱ ହରାଇଥିବାରୁ ମେଲେରିଆ ବଢ଼ିଚାଲିଛି । ସେହିଭଳି ମଶା ନିରାକରଣ ପାଇଁ ଔଷଧଯୁକ୍ତ ମଶାରି ବ୍ୟବହାର କ୍ରମେ ଗୁରୁତ୍ୱ ହରାଇଛି । କେନ୍ଦ୍ରସରକାରଙ୍କ ପକ୍ଷରୁ ଔଷଧଯୁକ୍ତି ମଶାରି (ଏଲଏଲଆଇଏନ) ଯୋଗଣ କ୍ରମାଗତ ଭାବେ ବନ୍ଦ ରହୁଛି । ଏକ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଚାହିଁଥିଲେ ନିଜସ୍ୱ ସୂତ୍ର ଓ ସମ୍ବଳରୁ ଔଷଧଯୁକ୍ତ ମଶାରି ସଂଗ୍ରହ କରି ବଣ୍ଟନ କରିପାରିଥା'ନ୍ତେ । ଏଥିଲାଗି ଯେ ଏକ ବଡ଼ଧରଣର ବ୍ୟୟଭାର ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡ଼ି ଥା'ନ୍ତା, ଏକଥା ନୁହେଁ । ବରଂ ଏହାକୁ ସଚେତନା ଓ ଦୂରଦୃଷ୍ଟିର ଅଭାବ କୁହାଯାଇପାରେ । ଅବଶ୍ୟ ବିଭାଗୀୟ ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ଗତବର୍ଷ କେନ୍ଦ୍ରୀୟ ଯୋଗାଣରେ ବିଳମ୍ବ ଘଟିବାରୁ ରାଜ୍ୟସରକାର ୫୬ ଲକ୍ଷ ଔଷଧଯୁକ୍ତ ମଶାରି କ୍ରୟ କରିଥିଲେ । ଗତ ନଭେମ୍ବର ଓ ଡିସେମ୍ବର ମାସରେ ରାଜ୍ୟର ୧୦ଟି ଜିଲ୍ଲାରେ ଏହି ମଶାରି ବଣ୍ଟନ କରାଯାଇଛି । ଛାତ୍ରଛାତ୍ରୀ ଆବାସସ୍ଥଳ ସକାଶେ ଆଉ ୩ ଲକ୍ଷ ଔଷଧଯୁକ୍ତ ମଶାରି ସଂଗ୍ରହ କରାଯାଇଛି ।

ଓଡ଼ିଶା ପଛକୁ ଯେଉଁ ରାଜ୍ୟରେ ମେଲେରିଆ ପ୍ରାଦୁର୍ଭାବ ବୃଦ୍ଧିପାଉଥିବାର ପରିଲକ୍ଷିତ ହେଉଛି ସେଗୁଡ଼ିକ ହେଲା – ଝାଡ଼ଖଣ୍ଡ (୧୪,୭୮୧), ଛତିଶଗଡ଼(୧୪,୭୧୩), ମହାରାଷ୍ଟ୍ର (୬,୮୧୭), ପଶ୍ଚିମବଙ୍ଗ(୩,୭୬୨), ଉତ୍ତର ପ୍ରଦେଶ(୨,୮୫୧), ମିରୋରାମ (୪,୯୯୯) ଓ ତ୍ରିପୁରା (୩,୪୫୬) । ସଂପୃକ୍ତ ରାଜ୍ୟଗୁଡ଼ିକର ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ବିଚାର କଲେ ମନେହୁଏ ଅନଗ୍ରସରତା ଓ ସଚେତନତାର ଅଭାବ ହିଁ ମେଲେରିଆ ସଂକ୍ରମଣର ମୁଖ୍ୟ କାରଣ । ଆମ ରାଜ୍ୟ ଏବେ ମଧ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ମିଜୋରାମ ଓ ତ୍ରିପୁରା ଭଳି ରାଜ୍ୟଠାରୁ ଏ କ୍ଷେତ୍ରରେ ପଛରେ ପଡ଼ିଛି । ଋତୁକାଳୀନ ବର୍ଷାଜଳ ଦିନ ଦିନ ଧରି ଜମି ରହିବା, ଅଳିଆ ଓ ଅବର୍ଜନା ପଡ଼ି ରହୁଥିବାରୁ ଅସମ୍ଭବ ଭାବେ ମଶାବଂଶ ବୃଦ୍ଧିପାଉଛି । ମେଲେରିଆ ଓ ଡେଙ୍ଗୁ ରୋଗ ବ୍ୟାପିବା ପଛରେ ଏହାର ଭୂମିକା ରହୁଥିଲେ ମଧ୍ୟ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପଛରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ଠାର ଅଭାବ ସାଙ୍ଗକୁ ନାଗରିକମାନଙ୍କର ମଧ୍ୟ ସେଭଳି ସଚେତନା ଥିବା ଭଳି ମନେ ହେଉନାହିଁ । କିନ୍ତୁ ଏକଥା ସତ ଯେ ବର୍ଦ୍ଧିତ ମେଲେରିଆ ପ୍ରାଦୁର୍ଭାବ ପାଇଁ ଆମ ରାଜ୍ୟ ଏକ ନିନ୍ଦିତ ସ୍ଥିତିରେ ରହିଛି ।

ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ହିଁ ସବୁଠାରୁ ଅଧିକ ମେଲେରିଆ ପ୍ରବଣ ଅଞ୍ଚଳ ରୁପେ ପରିଗଣିତ ହେଉଛି । କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୮,୦୨୯ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରେ ୭୦୮୧, କନ୍ଧମାଳରେ ୪୩୮୧, ମାଲାକାନଗିରିରେ ୪,୨୪୩, କୋରାପୁଟରେ ୩୮୯୬ ଓ ମୟୂରଭଞ୍ଜରେ ରୋଗୀସଂଖ୍ୟା ୩,୪୨୧ । ଆମେ ଏଠାରେ ଯେଉଁ ୬ଟି ଜିଲ୍ଲା କଥା ଉଲ୍ଲେଖ କରୁଛୁ ତାହା ମୁଖ୍ୟତଃ ଆଦିବାସୀ ଓ ଜନଜାତି ଅଞ୍ଚଳ ରୂପେ ପରିଗଣିତ । ସେମାନଙ୍କ ମଧ୍ୟରେ ଅପେକ୍ଷାକୃତ ରୋଗ ସଚେତନତା କମ । ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ନିୟମିତ ସଚେନତା ସୃଷ୍ଟି ସାଙ୍ଗକୁ ରକ୍ତ ପରୀକ୍ଷା କରି ଔଷଧ ବଣ୍ଟନ କରିବାର ଆବଶ୍ୟକତା ରହିଛି । ଅଥଚ ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି । ସତେଯେପରି ଏହି ରୋଗ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ସରକାରଙ୍କର ନୁହେଁ । ଏହି ବିଭାଗରେ ଖାଲି ପଡ଼ିଥିବା ପଦ ପୂରଣ ହେଉନାହିଁ । ଏମିତିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସବୁ ସ୍ତରରେ ପଦ ପଦବୀ ଖାଲି ପଡ଼ିଛି । ପାରାମେଡିକାଲ କର୍ମଚାରୀ ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କେବଳ ମେଡିକାଲ କଲେଜ ଖୋଲି ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରାଯାଇ ପାରିବ ଏକଥା ନୁହେଁ । ରାଜ୍ୟର ତିନିଟି ପ୍ରମୁଖ ମେଡିକାଲ କଲେଜ, ଯାହା ଉପରେ ରାଜ୍ୟବାସୀଙ୍କ ଭରସା ଓ ବିଶ୍ୱାସ ରହିଛି ସେଠାରେ ମଧ୍ୟ ଠିକଣା ଭାବେ ଚିକିତ୍ସା ସୁବିଧା ମିଳୁନି । ନୂଆ ମେଡିକାଲ କଲେଜକୁ ସକ୍ରିୟ କରିବା ସକାଶେ ପୁରୁଣାରୁ ନୂଆକୁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ସ୍ଥାନାନ୍ତର କରାଯାଥିବାରୁ ଦୁଇ ବ୍ୟବସ୍ଥା ଏକାବେଳେ ଭୁଶୁଡ଼ି ପଡ଼ିଛି ।

ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କ୍ରମେ ନିର୍ଭରଶୀଳତା ହ୍ରାସ ପାଇଥିବାର ପରିଲକ୍ଷିତ ହେଉଛି । ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା ପାଇଥିବା ଉପଭୋକ୍ତାଙ୍କୁ ଲୁଟିବା ସକାଶେ ଅପେକ୍ଷା କରି ବସିଛନ୍ତି କର୍ପୋରେଟ ହସପିଟାଲ । ବିଭିନ୍ନ ସ୍ତରରେ ବୀମା ଅର୍ଥ ଲୁଟପାଟ ଚାଲିଛି । ପାଞ୍ଚ ପଇସାର ରୋଗ ପାଇଁ ଦଶ ପଇସାର ଚିକିତ୍ସା । ଆବଶ୍ୟକତାଠାରୁ ଅଧିକ ଅର୍ଥ ଦାବି କରାଯାଇଥିବାରୁ ବୀମା ସରହଦ ମଧ୍ୟରେ ତାହାକୁ ଭରଣା କରଯାଇପାରୁନି । ତେଣୁ ଦିନକୁ ଦିନ ଜନ ଯନ୍ତ୍ରଣା ଓ ଜଞ୍ଜାଳ ବଢ଼ିବାର ଲାଗିଛି । ଯେଉଁ ନିମ୍ନ-ମଧ୍ୟବିତ୍ତ ବର୍ଗ ଲୋକ ସରକାରୀ ସୁବିଧାରୁ ବଞ୍ଚିତ, ସେମାନଙ୍କୁ ଆହା କହିବାକୁ କେହି ନାହିଁ । ଜିଲ୍ଲା ଜିଲ୍ଲାରେ ମେଡିକାଲ କଲେଜର ସୁଦୃଶ୍ୟ କୋଠା ଦେଖି ରାଜ୍ୟବାସୀଙ୍କ ପେଟ ପୂରିଯାଇଛି ସିନା ଚିକିତ୍ସା ଓ ନିଦାନ ବ୍ୟବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଯାଇଛି ।

## ସମାଜ-ବିରୋଧୀ ବ୍ୟକ୍ତିତ୍ୱ

ପ୍ରଫେସର ଫକୀର ମୋହନ ସାହୁ



ଆମର ସମସାମୟିକ ଜୀବନରେ ଯେଉଁ ବିଷବଳୟ କ୍ରମପ୍ରସାରିତ ହେବାରେ ଲାଗିଛି, ସେହି ଜୀବନମଞ୍ଚର ମୁଖ୍ୟ ଖଳନାୟକ ହେଉଛି ସମାଜ-ବିରୋଧୀ ବ୍ୟକ୍ତିତ୍ୱ । ପ୍ରତିଦିନ ସକାଳବେଳାର ମୁହଁରେ ଚା'ର ତୃପ୍ତିକର ଆସ୍ୱାଦନର ଅନୁଭବ ପୂର୍ବରୁ ନାରୀ ନିର୍ଯାତନା ଏବଂ ମଣିଷ ଚରିତ୍ରର ନଗ୍ନ ଦୃଶ୍ୟାବଳୀ ମନପ୍ରାଣକୁ ବିଷାକ୍ତ କରିଦେଉଛି । ଓଡ଼ିଶା ପରି ପରମ୍ପରାପ୍ରିୟ ରାଜ୍ୟରେ ମଧ୍ୟ ନାରକୀୟ କାର୍ଯ୍ୟକଳାପର ମାତ୍ରା ବଢ଼ି ଚାଲିଛି ।

ସବୁସମୟରେ ମନୋବିଜ୍ଞାନୀ ଏବଂ ମନୋଚିକିତ୍ସକମାନେ ମାନସିକ ବିପର୍ଯ୍ୟୟର ଏ ଦିଗଟି ପ୍ରତି ସଚେତନ ଥିଲେ । ଅତୀତରେ ଏ ଦିଗରେ ବିଶେଷ ଚର୍ଚ୍ଚା ହୋଇଛି ଏବଂ ପ୍ରତିକାର ବ୍ୟବସ୍ଥାର ପରାମର୍ଶ ମଧ୍ୟ ଦିଆଯାଇଛି । କିନ୍ତୁ ଏବେ ଅଧୋଗତିର ମାତ୍ରା ଏତେ ଅଧିକ ଯେ ପ୍ରତିକାର ବ୍ୟବସ୍ଥା ଆଶାନୁରୂପ ଭାବରେ ସଫଳ ହେଉନାହିଁ । ମାନସିକ ବିପର୍ଯ୍ୟୟର ଯେଉଁ ମାର୍ଗଦର୍ଶକ ପୁସ୍ତିକା ରହିଛି, ତାହାର ସୂଚନା ଅନୁଯାୟୀ ସମାଜବିରୋଧୀ ବ୍ୟକ୍ତିତ୍ୱର ମୁଖ୍ୟ ଲକ୍ଷଣ ହେଉଛି ଅନ୍ୟର ଅଧିକାର ପ୍ରତି ଅସମ୍ମାନ ଏବଂ ଅନ୍ୟର ଅଧିକାରକୁ ବିପର୍ଯ୍ୟସ୍ତ କରିବା । ଏହି ମାନସିକତା ନେଇ ସେମାନେ ଦାୟିତ୍ୱହୀନ, ଆକ୍ରମଣାତ୍ମକ ଓ ଛଳନାପୂର୍ଣ୍ଣ ବ୍ୟବହାର କରନ୍ତି ଏବଂ ଅନ୍ୟକୁ କ୍ଷତିଗ୍ରସ୍ତ କରନ୍ତି । ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ପୁଲିସ୍ ଓ ନ୍ୟାୟିକ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୁଏ । କିନ୍ତୁ ଶଠତା, ନାଟକୀୟତା ଓ ଛଳନା ମାଧ୍ୟମରେ ନିଜକୁ ରକ୍ଷା କରିବାର ଉଦ୍ୟମ କରନ୍ତି ।

ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ସମାଜବିରୋଧୀ ବ୍ୟକ୍ତିତ୍ୱ ଚିହ୍ନଟ କରିବା ସମୟରେ କେତେଗୁଡ଼ିଏ ତାଲିକାଭୁକ୍ତ ଖରାପ ବ୍ୟବହାର ମଧ୍ୟରୁ ଅନ୍ତତଃ ତିନୋଟିର ଉପସ୍ଥିତି ଠାବ କରି ବିପର୍ଯ୍ୟୟର ଚିହ୍ନଟ କରନ୍ତି । ସେହି ଲକ୍ଷଣସମୂହ ହେଉଛି ସମାଜର ମାନଦଣ୍ଡକୁ ମାନିନେବାରେ ବିଫଳତା, ମିଥ୍ୟାଚାର, ମାତ୍ରାଧିକ ଆବେଗପ୍ରବଣତା, ଆକ୍ରମଣାତ୍ମକ ବ୍ୟବହାର, ନିଜର ଓ ଅନ୍ୟର ସୁରକ୍ଷା ପ୍ରତି ଅବହେଳା, ଶିକ୍ଷାର୍ଥୀ ହୋଇଥିଲେ ଶିକ୍ଷାନୁଷ୍ଠାନରେ ଏବଂ କର୍ମଚାରୀ ହୋଇଥିଲେ କର୍ମସଂସ୍ଥାରେ ରୀତିମତ ଅବହେଳା, ଦୋଷକରି ଅନୁତାପ ନ କରିବା ଏବଂ କୌଣସି ପ୍ରକାର ସାମାଜିକ କଟକଣା କିମ୍ବା ଶାସ୍ତିବିଧାନକୁ ଭ୍ରୂକ୍ଷେପ ନ କରିବା ।

ସମାଜବିରୋଧୀ ବ୍ୟକ୍ତିତ୍ୱ ସଂପର୍କରେ ଯେଉଁ ସମସ୍ତ ମନସ୍ତାତ୍ତ୍ୱିକ ଗବେଷଣା ହୋଇଛି, ତାହାର ଫଳସ୍ୱରୂପ ଏହି ବିପର୍ଯ୍ୟୟର ଦୁଇଟି ପୃଥକ୍ ଉପାଦାନକୁ ଚିହ୍ନଟ କରାଯାଇଛି । ପ୍ରଥମଟି ହେଉଛି ଆବେଗିକ ଓ ସାମାଜିକ ଦିଗ । ଏପରି ବିକୃତିସମ୍ପନ୍ନ ଲୋକମାନଙ୍କର କୌଣସି ଅପରାଧବୋଧ ନ ଥାଏ । ସମାନାନୁଭୂତି ଓ ସମ୍ବେଦନଶୀଳତା ପ୍ରାୟ ନ ଥାଏ । ବହୁ ସମାଜବିରୋଧୀ ବ୍ୟକ୍ତିଙ୍କର ବାଲ୍ୟକାଳୀନ ଇତିହାସରୁ ଦେଖାଯାଏ ଯେ କୌଣସି ଦୁଃଖଦ ଘଟଣା ସମୟରେ କାନ୍ଦିବା କିମ୍ବା ଦୁଃଖପ୍ରକାଶ କରିବାର ଉଦାହରଣ ବିରଳ । ନିଜର ଉପରଠାଉରିଆ ଆକର୍ଷଣଶୀଳତାର ସୁଯୋଗ ବ୍ୟବହାର କରି ଏମାନେ ଅନ୍ୟମାନଙ୍କୁ ପ୍ରତାରିତ କରନ୍ତି । ଦ୍ୱିତୀୟ ଉପାଦନଟି ବ୍ୟବହାରିକ ଦିଗ । ସମାଜବିରୋଧୀ କାର୍ଯ୍ୟ (ଯଥା- ଚୋରିକରିବା, ଜାତୀୟ ସମ୍ପତ୍ତି ନଷ୍ଟ କରିବା) କରିଥା'ନ୍ତି । ଦାୟିତ୍ୱହୀନ ଭାବରେ ଆତ୍ମନିୟନ୍ତ୍ରଣ ହରାଇବସନ୍ତି । ଅତିମାତ୍ରାରେ ପରନିର୍ଭରଶୀଳତା ଓ ଉତ୍ତେଜନାପ୍ରବଣ କାର୍ଯ୍ୟକଳାପ ପରିଦୃଷ୍ଟ ହୁଏ ।

ସମାଜବିରୋଧୀ ବ୍ୟକ୍ତିତ୍ୱର କାରଣ ଅନୁସନ୍ଧାନ କରିବା ସମୟରେ ଗବେଷକମାନେ ଅଳ୍ପକିଛି ପରିମାଣର ବଂଶାନୁଗତର ପ୍ରମାଣ ପାଇଥିଲେ ମଧ୍ୟ ଯେଉଁ ମୂଳ ଉପାଦାନଟି ସର୍ବାଧିକ ଦୃଷ୍ଟି ଆକର୍ଷଣ କରିଛି, ତାହା ହେଉଛି ଭୟ ସମ୍ପର୍କିତ ସିଦ୍ଧାନ୍ତ । ଆମେ ସମସ୍ତେ ଜାଣୁ ଯେ, ଭୟ ଏକ ନକାରାତ୍ମକ ଆବେଗ । ସବୁ ସମୟରେ ଆମକୁ ନିର୍ଭୀକ ରହିବା ପାଇଁ ଉପଦେଶ ଦିଆଯାଏ । ଏହା ସତ ହେଲେ ମଧ୍ୟ କିଛି ପରିମାଣରେ ଭୟ ପ୍ରାଣୀଜୀବନରେ ସକାରାତ୍ମକ ଭୂମିକା ନିଏ । ମନୁଷ୍ୟ ଭୟପାଇ ହିଂସ୍ର ଜୀବଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଉଦ୍‌ବର୍ତ୍ତନ ତା' ମଧ୍ୟରେ କିଛି ଭୟ ଦେଇଛି । ଫଳରେ ମନୁଷ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ନେଇପାରୁଛି । ଠିକ୍ ସେହିପରି ଆମେ ଭୟ ପ୍ରଦର୍ଶନର ସହାୟତା ନେଇ ଲୋକମନରେ ବାଞ୍ଛନୀୟ ବ୍ୟବହାର ଗଠନ କରୁ । ତୁମେ ଅଧିକ ଧୂମପାନ କଲେ ହୃଦ୍‌ଘାତର ଶିକାର ହେବ - ଏପରି ଭୟ ଦେଖାଇ ବ୍ୟକ୍ତିକୁ ସୁସ୍ଥ ରଖିବାର ପ୍ରୟାସ କରୁ । ଜୀବନର ଆରମ୍ଭରୁ ପରିବାର ଓ ସମାଜରେ ଯେଉଁ ସାମାଜୀକରଣ ପ୍ରକ୍ରିୟା ଆରମ୍ଭ ହୁଏ, ତାହା ମଧ୍ୟ ଭୟ ଓ ଶାସ୍ତିବିଧାନର ନୀତିଉପରେ ପ୍ରତିଷ୍ଠିତ । ନିୟମକୁ ମାନିବା ପାଇଁ ପୁରସ୍କାର ସହିତ ନିୟମର ଅବମାନନାରେ ଶାସ୍ତିର ବ୍ୟବସ୍ଥା ଥାଏ ।

ଗବେଷଣାରୁ ଦେଖାଯାଉଛି ଯେ ସମାଜବିରୋଧୀ ଶିଶୁ, କିଶୋର/କିଶୋରୀ ଏବଂ ଯୁବକଯୁବତୀ ମଧ୍ୟରେ ଏପରି ସକାରାତ୍ମକ ଭୟର ମାତ୍ରା କମ୍ । ଏହାଫଳରେ ସେମାନଙ୍କର ବିବେକ (ଭଲମନ୍ଦର ଜ୍ଞାନ) ମନ୍ଥର ହୁଏ । ଅନୈତିକ କାର୍ଯ୍ୟ ନ କରିବା ପାଇଁ ଯେଉଁ ଅନ୍ତର୍ବୋଧ ଓ ସଂଯମ ଆବଶ୍ୟକ, ତାହାର ଅଭାବ ହୁଏ ।

ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ ପାଇଁ ମନୋଚିକିତ୍ସକମାନେ କେତେକ ଔଷଧପତ୍ରର ଉପଯୋଗ କରୁଥିଲେ ମଧ୍ୟ ସଫଳତା ସେପରି ପ୍ରଶଂସନୀୟ ନୁହେଁ । ଔଷଧ ମାଧ୍ୟମରେ ମୁଖ୍ୟତଃ ଅତିଚଞ୍ଚଳତା, ଆବେଗପ୍ରବଣତା ଏବଂ ଆକ୍ରମଣାତ୍ମକ ମନୋଭାବର ହ୍ରାସ କରିବାର ପ୍ରୟାସ କରାଯାଏ । ମନୋବିଜ୍ଞାନୀମାନେ ସେମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଆତ୍ମସଂଯମ, ସମାନୁଭୂତି ବା ଏମ୍ପାଥି, ଅନ୍ୟର ଦୃଷ୍ଟିଭଙ୍ଗୀକୁ ବିଚାର କରିବାର ଉଦାରତା ଶିକ୍ଷା ଦିଅନ୍ତୁ । ସମାଜବିରୋଧୀ ମାନସିକତା କିପରି ନିଜର ଓ ଅନ୍ୟର କ୍ଷତିସାଧନ କରିବ, ତାହାର ବିଶଦ ବ୍ୟାଖ୍ୟା ଦିଅନ୍ତୁ । ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ କ୍ଷେତ୍ରରେ ସମ୍ମିଳିତ ଭାବରେ ଏକାଧିକ ପନ୍ଥା ଏବଂ ଏକାଧିକ ବିଶେଷଜ୍ଞଙ୍କ ସହାୟତା ଉପଯୋଗୀ ମନେ ହୁଏ ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭ ୯

## ସମୃଦ୍ଧ ଓଡ଼ିଶାର ପ୍ରତୀକ: କୋଟପାଡ଼ ହସ୍ତତନ୍ତ

ରାଜେଶ ରାୟ



ଓଡ଼ିଶାର ଦକ୍ଷିଣ ରାଇଜରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ପ୍ରାକୃତିକ ପରିବେଶକୁ ନେଇ ଯେତିକି ପ୍ରସିଦ୍ଧ, ସେତିକି ନିଜର ଐତିହ୍ୟ ଓ ପରମ୍ପରାକୁ ନେଇ ସମୃଦ୍ଧ । ଜିଲ୍ଲାର ବିଭିନ୍ନ କୋଣରେ ବସବାସ କରୁଥିବା ଆଦିମ ଆଦିବାସୀମାନଙ୍କ ପାଖରେ ଦେଖିବାକୁ ମିଳେ ନିଆରା ପରମ୍ପରା, ଯାହା ବିଶ୍ୱବିଦିତ । ଆଦିବାସୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଉତ୍ପାଦରେ ଉଙ୍କିମାରେ ସେମାନଙ୍କ ସରଳ ଜୀବନଶୈଳୀ ଏବଂ ଅଭିନବ ସଂସ୍କୃତିର ପ୍ରତିଛବି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କୋଟପାଡ଼ର ହସ୍ତତନ୍ତ ।

କୋରାପୁଟ ଜିଲ୍ଲାର ଏକ ବ୍ଲକ ତଥା ବିଧାନସଭା କ୍ଷେତ୍ରର ନାମ ହେଉଛି କୋଟପାଡ଼ । ଆଦିବାସୀ ହସ୍ତତନ୍ତର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ କୋଟପାଡ଼ କେବଳ ଓଡ଼ିଶାରେ ନୁହେଁ, ବରଂ ଦେଶବିଦେଶରେ ବେଶ୍ ପରିଚିତ । କୋଟପାଡ଼ରେ ବସବାସ କରୁଥିବା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ହସ୍ତତନ୍ତ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ସେମାନେ ପ୍ରାକୃତିକ ଉପାୟରେ ଲାଲ୍, ମାଟିଆ, କଳା ଓ ଧଳା ରଙ୍ଗର କୋମଳ ସୂତାରୁ ଶାଢ଼ି ଓ ଓଢ଼ଣି ଆଦି ବୁଣିଥା'ନ୍ତି, ଯାହା ଓଡ଼ିଶା ଓ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ପ୍ରାକୃତିକ ଉପାୟରେ ଧଳା ସୂତାକୁ ରଙ୍ଗଦେଇ କଳା, ମାଟିଆ ଓ ଲାଲ୍ ଏହିପରି ତିନି ରଙ୍ଗର ସୂତା ପ୍ରସ୍ତୁତ କରିଥା'ନ୍ତି । ଏଥିପାଇଁ ସେମାନେ ପ୍ରାକୃତିକ ଜୈବିକ ପଦାର୍ଥ ଯଥା ଗୋବର, ଜଡ଼ାତେଲ, ପାଉଁଶ ଆଦି ବ୍ୟବହାର କରନ୍ତି । ସୂତାକୁ ରଙ୍ଗଦେବା ପ୍ରକ୍ରିୟାରେ କେବଳ ମିର୍ଗାନ୍ ସମ୍ପ୍ରଦାୟର ମହିଳାମାନେ ଭାଗ ନିଅନ୍ତି, ଯାହା ନାରୀ ସଶକ୍ତୀକରଣର ଛବିକୁ ଉପସ୍ଥାପନ କରେ ଏବଂ ପୁରୁଷମାନେ ବୁଣାକାର ଭାବେ କାର୍ଯ୍ୟ କରନ୍ତି । ଏଠାରେ ସୂତାକୁ ରଙ୍ଗ ଦେବା ପ୍ରକ୍ରିୟାଟି ଖୁବ୍ ଆକର୍ଷଣୀୟ । ପ୍ରଥମେ ଧଳା ସୂତାକୁ ଆଣି ୧୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ । ପରେ ଆବଶ୍ୟକ ମୁତାବକ ଗୋବର ଓ ଜଡ଼ାତେଲର ମିଶ୍ରଣକୁ ଲେପ ଦିଆଯାଇ କାଠ ସାହାଯ୍ୟରେ ଶୁଖାଯାଏ (ଏଥିରେ ଗୋବର ବ୍ଲିଚିଂ ଏଜେଣ୍ଟ ପରି କାମକରେ) । ସୂତାଗୁଡ଼ିକ ମେହେନ୍ଦି ରଙ୍ଗ ପଡ଼ି ଆସିଲେ ତା'କୁ ନେଇ ପାଉଁଶ ପାଣିରେ ବୁଡ଼ାଇ ୧୫ ରୁ ୨୦ ଦିନ ଯାଏଁ ରଖାଯାଏ । ସୂତାକୁ ନାଲିରଙ୍ଗ ଦେବା ପାଇଁ ଆଲ୍ ନାମକ ଏକ ଗଛର ଛାଲିକୁ ପାଣିରେ ପକାଇ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମେହେନ୍ଦି ରଙ୍ଗର ସୂତା ନେଇ ସିଝାଯାଏ । ମେରୁନ୍ ବା ମାଟିଆ ରଙ୍ଗ ପାଇଁ ମଧ୍ୟ ଆଲ୍ ଗଛର ଛାଲିକୁ ଅଳ୍ପ କିମ୍ବା ବହୁତ ପରିମାଣର ବ୍ୟବହାର କରାଯାଏ ଏବଂ ସୂତାକୁ କଳା ରଙ୍ଗ ଦେବା ପାଇଁ ହରିଡ଼ା, ହୀରାକଷି(ଏକ ଗଛର ମଞ୍ଜି) ଆଦିକୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ବ୍ୟବହାର କରନ୍ତି । ସୂତାଗୁଡ଼ିକୁ ପ୍ରାକୃତିକ ଉପାୟରେ ରଙ୍ଗ କରାଯାଉଥିବାରୁ ତାହା ଶରୀର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ ।

କୋଟପାଡ଼ର ହସ୍ତତନ୍ତରେ ମିର୍ଗାନ ସମ୍ପ୍ରଦାୟର ଆଦିବାସୀମାନେ ମାଛ, ବେଙ୍ଗ, ହରିଣ, ଗଛ ଓ ମୟୂର ଆଦି ପ୍ରତିଛବିଗୁଡ଼ିକୁ ବୁଣିଥା'ନ୍ତି, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏହି ହସ୍ତତନ୍ତରେ ଆଲ୍ ଗଛର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏବେ କୋଟପାଡ଼ର ଆଖପାଖ ଅଞ୍ଚଳରେ ଆଲ ଜଙ୍ଗଲ ସୃଷ୍ଟି କରାଯାଇଛି । କୋଟପାଡ଼ ହସ୍ତତନ୍ତର ବିଶେଷତ୍ୱ ହେଉଛି ତାହା ସଂପୂର୍ଣ୍ଣ ପ୍ରାକୃତିକ ଓ ଦୀର୍ଘସ୍ଥାୟୀ । ଏହି ହସ୍ତତନ୍ତରେ ମିର୍ଗାନ୍ ଆଦିବାସୀଙ୍କ ସରଳ ଓ ପ୍ରାକୃତିକ ଜୀବନଶୈଳୀ ଜୀବନ୍ତ ହୋଇଉଠେ । ଗୋଟିଏ ଶାଢ଼ି ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭକରି ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ସେଇଥିପାଇଁ ଆଜି କୋଟପାଡ଼ର ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପାରଦର୍ଶିତାକୁ ବହନ କରୁଛି ।

ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ବୟନିକା ମାଧ୍ୟମରେ କୋଟପାଡ଼ ଆଦିବାସୀଙ୍କ ହସ୍ତତନ୍ତକୁ ଏବେ କିଣାଯାଉଛି । ସେଥିପାଇଁ ଏକ ବୁଣାକାର ସମିତି ଗଠନ କରାଯାଇଛି । ଏହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇ ପାରୁଛନ୍ତି । ଅନ୍ୟ ରାଜ୍ୟ ଓ ଦେଶରୁ ଆଗନ୍ତୁକମାନେ ଆସି କୋଟପାଡ଼ର ଆଦିବାସୀ ହସ୍ତତନ୍ତକୁ କିଣୁଛନ୍ତି । ଏବେ ମିର୍ଗାନ୍ ସମ୍ପ୍ରଦାୟର ଯୁବପିଢ଼ି ମଧ୍ୟ ଏହି କୌଳିକ ବୃତ୍ତିକୁ ଆଦରି ନେଲେଣି । ଯଦି ଏହି ହସ୍ତତନ୍ତର ସଠିକ୍ ସୁରକ୍ଷା, ପ୍ରଚାର ପ୍ରସାର ହୁଅନ୍ତା ଏବଂ ସରକାରଙ୍କ ତରଫରୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀଙ୍କ ପାଇଁ ଯଦି କିଛି ସୁବିଧା ସୁଯୋଗ କରାଯା'ନ୍ତା ତେବେ ବୟନଶିଳ୍ପ କ୍ଷେତ୍ରରେ କୋଟପାଡ଼ ହସ୍ତତନ୍ତ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ସମୃଦ୍ଧ କରିପାରନ୍ତା । ରାଜ୍ୟ ସରକାର ୨୦୩୬ ମସିହା ବେଳକୁ ପରିକଳ୍ପନା କରିଥିବା ସମୃଦ୍ଧ ଓଡ଼ିଶାର ଚିତ୍ର ଆଉଟିକେ ସ୍ପଷ୍ଟ ଦିଶନ୍ତା ।

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

## ଗୋଦାବରୀର ପବିତ୍ର ପ୍ରବାହ: ଗୋଦାବରୀଶ ମିଶ୍ର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସୁପ୍ରସିଦ୍ଧ, ସୁପ୍ରଶସ୍ତ, ସୁବିଶାଳ ଗୋଦାବରୀ ନଦୀର ପବିତ୍ରତା, ଉଦାରତା, ଚିର ପ୍ରବହମାନତା ଯେ ମାନବୀୟ ବିଗ୍ରହରେ ହୋଇପାରେ ଆବିର୍ଭୂତ, ଏହି ଅନ୍ତଃସତ୍ୟ ପ୍ରଦର୍ଶିତ ହୋଇଯାଇଛି ଗୋଦାବରୀଶ ମିଶ୍ରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସର୍ଜନାରେ । ସତ୍ୟବାଦୀ ବନବିଦ୍ୟାଳୟର ତ୍ୟାଗପୂତ ଆଦର୍ଶ ଶିକ୍ଷକ ଭାବରେ ସେ ସୃଷ୍ଟି କରିଥିଲେ ଯେଉଁ ଜାତୀୟତାର ଭାବସ୍ରୋତ, ତାହା କ୍ରମଶଃ ଅଧିକ ପ୍ରଭାବଶାଳୀ, ଚେତନାଦୀପ୍ତ ଓ ପ୍ରେରଣାପୂର୍ଣ୍ଣ ହୋଇ ସମଗ୍ର ଓଡ଼ିଶାର ଜନମାନସକୁ ପରିପ୍ଲାବିତ କରିଦେଇଛି ଅସାମାନ୍ୟ ଶକ୍ତି ବହନ କରି । ଜଣେ ସ୍ୱଦେଶାନୁରକ୍ତ ସାହିତ୍ୟ ସ୍ରଷ୍ଟା ଭାବେ କବିତା, ଗଳ୍ପ, ନାଟକ-ଯାହା ବି ସେ ଲେଖନ୍ତୁ ନା କାହିଁକି ସର୍ବତ୍ର ଜାତୀୟ-ଗୌରବ ସ୍ପନ୍ଦିତ ହୋଇ ଉଠିଲା ଗଭୀର ଉଚ୍ଛ୍ୱାସ ବହନ କରି । 'କିଶଳୟ', 'କୁସୁମ', 'ଗୀତାୟନ', 'କବିତାୟନ', 'ଗୀତିଗୁଚ୍ଛ', 'ଚୟନିକା' ଆଦି କବିତା ଗ୍ରନ୍ଥରେ ତାଙ୍କ ପ୍ରାଣାବେଗ କି ମର୍ମସ୍ପର୍ଶୀ! ମନ୍ମୟଧର୍ମୀ ସ୍ନିଗ୍ଧତା କି ସୁଷମାମଣ୍ଡିତ! ସେହିପରି ସେ ଲେଖନ୍ତି 'ଆଲେଖିକା' । ସେଥିରେ ଅତୀତ ଓଡ଼ିଶାର କାରୁଣ୍ୟ ବିଜଡ଼ିତ ଜୀବନ ସହ ଗୌରବମୟ ଅମଳିନ ବୀରତ୍ୱ ଓ ସାହସିକତା କିପରି ମର୍ମରିତ ହୋଇ ନ ଉଠିଛି! 'କାଳିଜାଈ' ଓ 'ଦୁଃଖୀଧନ' କବିତାର କରୁଣ ମୂର୍ଚ୍ଛନା ସାମାନ୍ୟ ସମ୍ବେଦନାସିକ୍ତ ପାଠକ ଅନ୍ତରରେ ଆଜି ବି ବାରମ୍ବାର ସୃଷ୍ଟି କରି ଆସୁ ଛି ଅସଂଖ୍ୟ ଅଶ୍ରୁକଣା ।

'ଧୀରେ କରି ନାଆ ବୁହାରେ ନାଉରି, ଝିଅକୁ ମାଡୁଚି ଡର, ଗଡ଼େ ଗଡ଼ୁ ଲୋକ ଚାହିଁ ବସିଥିବେ ଝିଅ ଯିବ ଶାଶୂ ଘର' କିମ୍ବା 'ବାପା ପଚାରନ୍ତି ଖୋଜି ନାଉରିରେ ଝିଅ ମୋର ଗଲା କାହିଁ?, ବୁଜି ଆଖି ଠିଆ ନାଉରି ନିଜେ ଲୋ ତୁଣ୍ଡ ତା ଫିଟଇ ନାହିଁ' । ଯେତେଦିନ ପର୍ଯ୍ୟନ୍ତ ଚିଲିକାର ନୀଳ ଜଳରାଶି ଲହରାୟିତ ସେ ପର୍ଯ୍ୟନ୍ତ ଏହି ପଦଗୁଡ଼ିକର ଗୁଞ୍ଜରଣ ଛାତି ଥରାଇ ଦେଉଥିବ ନିଶ୍ଚୟ ।

ସେ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ । ଅଥଚ ଗାଥା ବା ବାଲାଡ଼ ରଚନାର ପାଶ୍ଚାତ୍ୟ ପ୍ରଣାଳୀକୁ ସେ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ ନ କରିବାର କାରଣ ହେଉଛି ତାଙ୍କର ଏହି ଅନ୍ତଃଆହ୍ୱାନ । 'ମୁକୁନ୍ଦଦେବ', 'ପୁରୁଷୋତ୍ତମଦେବ' ନାଟକ ରଚନା ପଶ୍ଚାତରେ ମଧ୍ୟ ଏହି ଆତ୍ମିକ ସମ୍ବନ୍ଧର ପ୍ରଗାଢ଼ତା ହିଁ କ୍ରିୟାଶୀଳ । 'ପୁରୁଷୋତ୍ତମଦେବ' ନାଟକରେ ଯେଉଁ ଉଦ୍‌ବୋଧନ ସଂଗୀତ ସେ ସଂଯୁକ୍ତ କରିଛନ୍ତି ତାହା ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ସଂଗୀତ ଭାବରେ ପ୍ରତିଟି କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ସମ୍ମିଳିତ କଣ୍ଠରେ ଗାନ କରାଯାଏ - 'ତୁଙ୍ଗ ଶିଖରୀ-ଚୂଳ କୁଞ୍ଜ କାନନ-ମାଳ ପୁଣ୍ୟ ଜଳଧି-ଜଳ ଖେଳିଉଠୁ ସଘନେ / ପ୍ରାଚୀ ଗଗନ-ଶିରେ ଭାସି କନକ-ନୀରେ ଆସ ତପନ ଉଇଁ ଏ ଉତ୍କଳ ଭୁବନେ ।' ଏ ସଂଗୀତର ଶବ୍ଦ-ସଂଯୋଜନା, ସାଙ୍ଗୀତିକ ମୂର୍ଚ୍ଛନା, ଉଦବୋଧନକ୍ଷମ ଭାବ ଓ ଭାଷାର ବୈଭବ ଯେକୌଣସି ତରୁଣପ୍ରାଣରେ ସୃଷ୍ଟି କରେ ସାମୁଦ୍ରିକ ଉତ୍ତାଳ ତରଙ୍ଗ ।

କବିତା, ନାଟକ ରଚନାରେ ଗୋଦାବରୀଶ ଯେପରି ସୁନୀଳ ଆକାଶତଳେ ସୃଷ୍ଟି କରିପାରିଛନ୍ତି ଗୋଦାବରୀର ଆବେଗମୟ ଲହରୀ, ଠିକ ସେହିପରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନାରେ ପ୍ରସ୍ଫୁଟିତ କରିଦେଇଛନ୍ତି ଦୁର୍ଲଭ ମାନବିକତାର ମହାମନ୍ତ୍ର । 'ଘଟାନ୍ତର', 'ଅଭାଗିନୀ', 'ଅଠରଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସରେ ବାହ୍ୟ ଶିଳ୍ପକଳାଠାରୁ ଅଧିକ ମହିମାନ୍ୱିତ ମାନବତାର ଅନ୍ତଃସ୍ୱର । ମାନବ-ସଂପ୍ରୀତି, ପ୍ରକୃତି ସହ ନିବିଡ଼ ଆତ୍ମୀୟତା ଓ ବିଭୁଚେତନା ତାଙ୍କ ସାହିତ୍ୟକୁ କରିଛି ଏପରି ରସୋଚ୍ଛଳ ଯେ, ବାସ୍ତବିକ ଗୋଦାବରୀର ସମ୍ପ୍ରସାରିତ ବକ୍ଷସ୍ଥଳ ସଦୃଶ ସେ ପରିଣତ ହୋଇଯାଇଛନ୍ତି ନିର୍ମଳ ଭାବସ୍ରୋତରେ । ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ତାଙ୍କ ସଂଘର୍ଷମୟ ଅଥଚ ସଚ୍ଚୋଟ ଜୀବନଧାରା ସ୍ୱାଭାବିକ ଛନ୍ଦରେ ଗତିଶୀଳ । ଜୀବନୀମୂଳକ ପ୍ରବନ୍ଧ ରଚନା କରି ସେ ପ୍ରଦର୍ଶିତ କରିଛନ୍ତି ଆଲୋକର ପଥ । ତାଙ୍କ ରଚିତ 'ନେପୋଲିଅନ' ଓ 'ଦାସତ୍ୱ-ମୋଚନ' ଦୁଇଟି ଉଚ୍ଚକୋଟୀର ଜୀବନୀ ଗ୍ରନ୍ଥ । 'ଅସମ୍ଭବ' ଶବ୍ଦଟି ନେପୋଲିଅନଙ୍କ ଅଭିଧାନରେ ନଥିବା ପ୍ରସଙ୍ଗ ଚିରସ୍ମରଣୀୟ ।

ବୁକର ଟାଲିଆ ଫେରୋ ୱାସିଂଟନଙ୍କ ଦାରିଦ୍ର୍ୟ ନିପୀଡ଼ିତ ଜୀବନ ଗୋଦାବରୀଶଙ୍କୁ ପ୍ରେରଣାପ୍ଲୁତ କରିଥିବା ଉପଲବ୍ଧି କରାଯାଇପାରେ ଏଥିରୁ । ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ତାଙ୍କ ଆଲୋକପାତ ବହୁଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । 'ସମ୍ବୋଧ ଗୀତିକା'ରେ ତାଙ୍କ ନଦୀ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ହୃଦୟସ୍ପର୍ଶୀ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସାଧନାମଗ୍ନ ସାହିତ୍ୟଶିଳ୍ପୀର ଉତ୍ସର୍ଗୀକୃତ ପ୍ରାଣ ଥିଲା ଅନୁରୂପ ଭାବରେ ଅନନ୍ୟ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପୁରୀ-ଲାଲ୍‌ଗଡ଼ ଏକ୍ସପ୍ରେସ ସମ୍ପ୍ରସାରିତ

**ମହୋଦଧି ସହ ଯୋଡ଼ିହେବ ମରୁଭୂମି**

ପୁରୀ,୧୩।୮ (ସମିସ): ମହୋଦଧି ସହ ଯୋଡ଼ିହେବ ମରୁଭୂମି। ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡ଼ିହେବ। ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ। ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ବୁଧବାର ଏହି ସମ୍ପ୍ରସାରିତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଏହି ଅବସରରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର୍ ମରୁଭୂମି



ନିକଟରେ ଥିବା ଶ୍ରୀଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆଣା ଏବଂ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଛି। ସାପ୍ତାହିକ ଏହି ଟ୍ରେନ୍‌ଟି ପ୍ରତି ବୁଧବାର ସକାଳ ୬ଟା ୩୫ରେ ପୁରୀ ଷ୍ଟେସନ୍ ଛାଡ଼ି ତା' ପରଦିନ ରାତି ୮ଟା ୩୫ରେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଷ୍ଟେସନ୍‌ରେ ପହଞ୍ଚିବ। ପୁରୀ ଏବଂ ଶ୍ରୀଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ଟି ଷ୍ଟପେଜ୍‌ରେ ରହିବ। ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନର ନବୀକରଣ କରାଯିବ। ରାଜ୍ୟସଭା ସାଂସଦ ତଥା ରେଲୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକଟ୍ କାଉଣ୍ଟର କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବ। ଏହି ଅବସରରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**SALE**

1 Number of TRACTOR – MAHINDRA 605 DI ARJUN NOVO-50 HP 4 WD/ 2023, Registration No.- OD-11-AB-8519, Model-2023, ENGINE NO – NMJ4WBE0028, CHASSIS NO -MBNWHBDWFMNJ01002, For Details, contact – 7978329379, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ, 757001, PH. NO-06792-253348


# ବ୍ୟବସ୍ଥାଗତ ବିଫଳତାକୁ ସ୍ୱୀକାର କଲେ ସରକାର: ବିଜେଡି

**୨୦୨୩ରୁ କାର୍ଯ୍ୟକ୍ଷମ ହୋଇସାରିଛି ମୁଖ୍ୟମନ୍ତ୍ରୀ ଡ୍ୟାସ୍‌ବୋର୍ଡ**

ଭୁବନେଶ୍ୱର,୧୩।୮ (ସମିସ): ଲୋକସେବା ଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ୧୦ଟି ଦିଗ ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁଥିରେ ରାଜ୍ୟ ସରକାରଙ୍କ ୧୪ ମାସର ବ୍ୟବସ୍ଥାଗତ ବିଫଳତାକୁ ସ୍ୱୀକାର କରାଯାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ୟୁଆଇ ନୋଟର ତୁରନ୍ତ ଉତ୍ତର ଓ ନିଆଯାଇଥିବା ପଦକ୍ଷେପ ସଂପର୍କିତ ତଥ୍ୟ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ସରକାରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମଧ୍ୟ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ।

ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟରେ ଏଆଇ କ୍ୟାମେରା ଲଗାଇବା ନିଷ୍ପତ୍ତିକୁ ନେଇ ମଧ୍ୟ ବିଜେଡି ପ୍ରଶ୍ନ କରିଛି। ପୁରୀ ରଥଯାତ୍ରାରେ ସରକାର ୨୪୩ଟି ଏଆଇ କ୍ୟାମେରା ଲଗାଇଥିଲେ। ଏହା ସତ୍ତ୍ୱେ ରଥଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା ହେଲା। ଏଣୁ ଏଆଇ କ୍ୟାମେରା ଲଗାଇବାର ଫଳ କ'ଣ ହେଲା ରାଜ୍ୟବାସୀ ଦେଖିଛନ୍ତି। ଲୋକଙ୍କୁ ସେବା ପ୍ରଦାନରେ ବିଳମ୍ବର ଅନୁଧ୍ୟାନ କରାଯିବ ବୋଲି ସରକାର କହିଛନ୍ତି। ଏହାର ଅର୍ଥ ଲୋକମାନେ ସାଧାରଣ ସେବା ପାଉ ନାହାନ୍ତି ବୋଲି ପ୍ରରୋକ୍ଷରେ ସରକାର ସ୍ୱୀକାର କରିଛନ୍ତି। ସେହିପରି ୨୦୨୩ ମେ' ମାସରୁ ମୁଖ୍ୟମନ୍ତ୍ରୀ ଡ୍ୟାସବୋର୍ଡ କାର୍ଯ୍ୟକ୍ଷମ ହୋଇସାରିଥିଲେ ମଧ୍ୟ ବର୍ତ୍ତମାନ ସରକାର ଆଗାମୀ ଅକ୍ଟୋବର ମାସରୁ ଏହା ଆରମ୍ଭ କରାଯିବ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କ୍ଷମତାକୁ ଆସିବାର ୧୪ ମାସ ପରେ କେନ୍ଦ୍ରୀୟ ସ୍କିମ୍ ସଠିକ ଭାବେ କାର୍ଯ୍ୟ କରୁନାହିଁ ବୋଲି ସରକାର ବୁଝି ପାରିଛନ୍ତି। ପୂର୍ବରୁ ବିଜେଡି କରିଥିବା ଏହି ଅଭିଯୋଗ କରି ଆସୁଥିଲା, ଆଜି ଏବର ସରକାର ତାହାକୁ ସ୍ୱୀକାର କରିଛନ୍ତି। କ୍ଷେତ୍ର ପରିଦର୍ଶନ ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବା ବିଜେଡି ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ପୁଣି ସ୍ମରଣ କରାଇ ଦେଇଛି। କ୍ଷମତାକୁ ଆସିବା ପରେ ବିଜେପି ସରକାର ବନ୍ଦ କରିଦେଥିବା ବିଜେଡି ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ରିଅଲ ଟାଇମ ମନିଟରିଂକୁ ବର୍ତ୍ତମାନ ପୁଣି ସରକାର ଆରମ୍ଭ କରିବାକୁ ଯାଉଛନ୍ତି। ତେଣୁ ନବୀନ ବାବୁଙ୍କ ନେତୃତ୍ୱରେ ବିଜେଡି ସରକାର ଦେଖାଇଥିବା ରାସ୍ତାରେ ଅଗ୍ରସର ହେବାକୁ ବିଜେପି ସରକାର ବାଧ୍ୟ ହୋଇଛନ୍ତି ବୋଲି ଲେନିନ କହିଛନ୍ତି।


**AFFIDAVIT**

I, Dinesh Chandra Khimji Nanda S/o Khimji Dayabhai, Resident At Plot No-515, Ambika House, BJB Nagar, PS-Badagada, Bhubaneswar, Dist-Khordha PIN-751014, Odisha declare by this affidavit No.7138 dated 13.08.2025 that now onwards I shall be known as **DINESH KHIMJI** for all future purposes.


## ଋଣ ଚାପ

# ବିଷ ପିଇଲେ ଚାଷୀ

ଟିଟିଲାଗଡ଼, ୧୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଚାଷରେ କ୍ଷତି ହେବାରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ଗାଚରଣ ଗୁପରଣ ଆଣି ଚାଷରେ ଲଗାଇଥିଲେ। ଚାଷରେ କ୍ଷତି ହେବା ଦେଖି ମାନସିକସ୍ତରରେ ଭାଙ୍ଗିପଡି ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଟିଟିଲାଗଡ଼ ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତରିତ କରିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ଚାଷୀଙ୍କ ଭାଇ ଭାସ୍କର ଭୋଇ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂଘକୁ ସରକାରଙ୍କ...

ଚିଠିରେ ମଧ୍ୟ ଅନୁରୂପ କଥା ଉଲ୍ଲେଖ ରହିଛି । ଅନଧିକୃତ ଭାବରେ ଅନୁପସ୍ଥିତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ସେମାନଙ୍କର ଦରମା ସ୍ଥଗିତ ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଅବଧିକୁ ସେବା ବିରତି ଭାବରେ ବିବେଚନା କରାଯିବ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ସେବା ପୁସ୍ତିକାରେ ମଧ୍ୟ ଏହା ରେକର୍ଡ କରାଯିବ । ଏହା ବ୍ୟତୀତ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ସେବା ସର୍ତ୍ତାବଳୀ ଏବଂ ଆଚରଣର ଉଦ୍ଦେଶ୍ୟମୂଳକ ଏବଂ ଗମ୍ଭୀର ଉଲ୍ଲଂଘନ ପାଇଁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅପରପକ୍ଷରେ ରାଜସ୍ୱ ବିଭାଗ ଓ ମନ୍ତ୍ରୀଙ୍କ ନାଲିଆଖିକୁ ସଂଘ ଡରିବ ନାହିଁ ବୋଲି ଘୋଷଣା କରିଛି । ସଂଘ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ରାଷ୍ଟ୍ରରେ କେହି କାହାକୁ ଚେତାବନୀ ଦେଇପାରିବେ ନାହିଁ। ସରକାରଙ୍କର ଆମେ ପରିବାର ଲୋକ । ତେଣୁ ଆମକୁ ଡାକିକି ଆଲୋଚନା କରିବା ପରିବର୍ତ୍ତେ ଦରମା ବନ୍ଦ ଓ ନାଲି ଆଖି ଦେଖାଇବାକୁ ଯେଉଁ ଉଦ୍ୟମ ହୋଇଛି, ସେଥିରେ ସଂଘ ପଛକୁ ହଟିବ ନାହିଁ। ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ରାଜସ୍ୱ ଅମଲାଙ୍କ ନ୍ୟାଯ୍ୟ ଦାବି ପୂରଣ ହୋଇପାରୁ ନାହିଁ। ସେଥିପାଇଁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି । ଏହା ପୂର୍ବରୁ ସରକାରଙ୍କ ସହ ଆଲୋଚନା ହୋଇଥିଲା । ପ୍ରତିଶ୍ରୁତି ପୂରଣ ପାଇଁ ସମୟସୀମା ମଧ୍ୟ ଦିଆଯାଇଥିଲା ।। ଏହା ସ।।ତ୍ତ୍ୱେ ଦାବି ପୂରଣ ହେଉନାହିଁ। ଯେପର୍ଯ୍ୟନ୍ତ ସରକାର ସଂଘର ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

### ୭ ପ୍ରସ୍ତାବକୁ...

କରିଛନ୍ତି । ସେ କହିଛନ୍ତି ଯେ ପ୍ରସ୍ତାବିତ ମଡେଲ ମଣ୍ଡି ଗୁଡ଼ିକରେ ଧାନକ୍ରୟ କାର୍ଯ୍ୟକ୍ରମକୁ ସୁଗମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସୁବିଧା ରହିବ। ରାଜ୍ୟର ସମସ୍ତ ଜିଲ୍ଲାରେ ମଡେଲ ମଣ୍ଡି ସ୍ଥାପନ ନେଇ ସର୍ଭେ ସରିବା ପରେ ପ୍ରଥମ ପର୍ଯ୍ୟାୟରେ ମୋଟ ୩୮ଟି ମଣ୍ଡି ସ୍ଥାପନ ହେବ। ଏଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ। ଏଥିପାଇଁ ସମବାୟ ବିଭାଗ ୩୦୦କୋଟି ଟଙ୍କାର ବ୍ୟୟ ଅଟକଳ କରିଛି। ଆରଏମସିଗୁଡ଼ିକର ନିଜସ୍ୱ ଅର୍ଥରୁ ୧୫୦କୋଟି ଓ ବାକି ରାଜ୍ୟ ସରକାର ୧୫୦କୋଟି ଟଙ୍କା ଦେବେ।

ସେହିପରି ଓଡ଼ିଶାର ୧୧୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏଲଇଡି ସାର୍ବଜନୀନ ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ମୋଟ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି। ଅବଶିଷ୍ଟ ୨୦୦ କୋଟି ଟଙ୍କା ପାଇଁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଉପଲବ୍ଧ ଥିବା ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ବ୍ୟବହାର ହେବ। ଅନୁରୂପ ଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିଶ୍ୱସ୍ତରୀୟ ବିମାନ ଚଳାଚଳ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହାଲ(ଏମ୍‌ଆରଓ) ସୁବିଧା ପ୍ରତିଷ୍ଠାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ସେହିପରି ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି । ୩୮୨.୪୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ମହାରାଷ୍ଟ୍ରର ଏମ/ଏସ ଇଗଲ ଇନଫ୍ରା ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୭ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶେଷ ହେବ। ପୁନଶ୍ଚ ଓଡ଼ିଶା ନର୍ସିଂ ଶିକ୍ଷା ସେବା ନିୟମାବଳୀ, ୨୦୨୫ ତିଆରି ପାଇଁ ଉପସ୍ଥାପିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହା ଗଠନ ହେବା ଦ୍ୱାରା ଏହି କ୍ୟାଡର ଅଧିନରେ ଖାଲି ପଡ଼ିଥିବା ମୂଳ ଟ୍ୟୁଟର ପଦବୀ ଗୁଡ଼ିକ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ । ଏହାବ୍ୟତୀତ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫କୁ କ୍ୟାବିନେଟ ଅନୁମୋଦନ ମିଳିଛି ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସଟି ସଂଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିଅର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବଲିସମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ । ୮୦ ପ୍ରତିଶତ ଜୁନିଅର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ଦ୍ୱାରା ଓ ୨୦ ପ୍ରତିଶତ ଗ୍ରୁପ-ଡି କର୍ମଚାରୀଙ୍କଠାରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ। ରାଜ୍ୟର ସଂଗ୍ରହାଳୟ ଗୁଡ଼ିକର ସୁପରିଚାଳନା ଓ ସମନ୍ୱୟ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଗତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଏହି ନିର୍ଦ୍ଦେଶାଳୟର ପରିଚାଳନା ପାଇଁ କ୍ୟାଡର ନିୟମାବଳୀକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ ମୋଟ ୪୦ଟି ପଦବୀ ରହିବ ବୋଲି ଜଣାପଡ଼ିଛି।

### ଭୋଟରଙ୍କ ହିତରେ...

ହେଉଛି ଯେ ଭୋଟର ତାଳିକାରେ ଅଧିକରୁ ଅଧିକ ଲୋକମାନଙ୍କୁ ସାମିଲ କରିବା ଲାଗି ନିର୍ବାଚନ କମିସନ ଅଧିକ ଦସ୍ତାବିଜର ବିକଳ୍ପ ଦେଇଛନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚି କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ପାଇଁ କମିସନର କ୍ଷମତା ରହିଛି। ସଂଶୋଧନ କରାନଗଲେ ମୃତକଙ୍କ ନାମ କେମିତି କଟିବ। ଯେଉଁମାନେ ଅନ୍ୟ ନିର୍ବାଚନମଣ୍ଡଳୀକୁ ପଳାଇଛନ୍ତି ସେମାନଙ୍କର ନାମ କିପରି କଟିବ। ତେବେ ଏହି ପ୍ରକ୍ରିୟାରେ ଏମିତି କିଛି ବ୍ୟବସ୍ଥା କରାଯାଇଛି, ତାହାର ଯାଞ୍ଚ କରାଯାଇପାରିବ ବୋଲି କୋର୍ଟ କହିଛନ୍ତି। ଆବେଦନକାରୀ ଏଡିଆର ପକ୍ଷରୁ ବରିଷ୍ଠ ଓକିଲ ଶଙ୍କର ନାରାୟଣନ କହିଲେ ଯେ ଭୋଟର ତାଲିକା ସଂଶୋଧନ ପାଇଁ କମିସନଙ୍କର କ୍ଷମତା ରହିଛି। କିନ୍ତୁ ଏବେ ଯେଉଁ ଢଙ୍ଗରେ କରାଯାଉଛି, ତାହା ଏହାପୂର୍ବରୁ କେବେ ହୋଇନଥିଲା। ସାରା ଭାରତରେ ଏଭଳି ପ୍ରକ୍ରିୟା ଆରମ୍ଭ ହେଲେ ସମସ୍ୟା ସୃଷ୍ଟି ହେବ। କାରଣ ଏଭଳି ସଂଶୋଧନ ଲାଗି କୌଣସି ଆଇନ କମିସନକୁ କ୍ଷମତା ଦେଇନାହିଁ। ଅଭିଯୋଗକାରୀଙ୍କ ପକ୍ଷର ଅନ୍ୟତମ ଓକିଲ ଅଭିଷେକ ସିଂହଭୀ କହିଲେ ଯେ ଭୋଟର ତାଲିକା ସଂଶୋଧନ ନାମରେ କମିସନ ନାଗରିକତ୍ୱ ଉପରେ ପ୍ରଶ୍ନ ଉଠାଇବାରେ ଲାଗିଛି। ଜଣେ ଭୋଟର ଭାରତୀୟ ନାଗରିକ ନୁହେଁ ବୋଲି କେହି ଅଭିଯୋଗ କଲେ କମିସନ ତାଙ୍କୁ ନୋଟିସ ଜାରି କରିବେ ଏବଂ ଦୁଇ ମାସ ମଧ୍ୟରେ ପ୍ରମାଣ ଦେବାକୁ କହିବେ। ଏହା କେମିତି ସମ୍ଭବ ବୋଲି ପ୍ରଶ୍ନ କରି ସେ କହିଛନ୍ତି ଯେ ଡିସେମ୍ବର ମାସ ପରେ ମଧ୍ୟ ଏସଆଇଆର ପ୍ରକ୍ରିୟା ଚାଲିଲେ କୌଣସି ଆପତ୍ତି ନାହିଁ। ସେ କହିଲେ ଯେ ସଂସଦ ନିର୍ବାଚନର ଏକ ବର୍ଷ ପୂର୍ବରୁ ୨୦୦୩ରେ ଏସ୍‌ଆଇଆର୍ କରାଯାଇଥିଲା। କିନ୍ତୁ ଏଥର ବିହାର ବିଧାନସଭା ନିର୍ବାଚନ ନଭେମ୍ବରରେ ଥିବା ବେଳେ ଜୁଲାଇ ମାସରେ କାହିଁକି ଏସ୍‌ଆଇଆର୍ କରାଯାଉଛି। ଏହାପଛରେ କମିସନଙ୍କର କିଛି ଚାଲ ଅଛି ବୋଲି ସେ ସନ୍ଦେହ ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ କୋର୍ଟ ସ୍ପଷ୍ଟ କରିଥିଲେ ଯେ ଏସଆଇଆର୍ ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇଥିବାର ପ୍ରମାଣ ମିଳିଲେ ଏହାକୁ ରଦ୍ଦ କରାଯାଇପାରିବ। କୋର୍ଟ ଆହୁରି କହିଥିଲେ ଯେ ଜଣେ ବ୍ୟକ୍ତି ଭାରତର ନାଗରିକ କି ନୁହେଁ, ସେନିଷ୍ପତ୍ତି ନେବାର କ୍ଷମତା ନିର୍ବାଚନ କମିସନଙ୍କର ଅଛି କି ନାହିଁ ତାହାର ତର୍ଜମା କରାଯିବ। ଆସନ୍ତାକାଲି ମଧ୍ୟ ସର୍ବୋଚ୍ଚ ଅଦାଲତରେ ଶୁଣାଣି ଜାରି ରହିବ।


**FORM No.1**

**SUMMONS/NOTICES FOR SERVICE BY ADVERTISEMENT IN NEWSPAPER**

(Order - 5 Rule 20)

(Succession Case)

**IN THE HON'BLE COURT OF THE CIVIL JUDGE SENIOR DIVISION, KORAPUT**

**I.C case No.01/2025**

**Application for grant of Succession Certificate**

**Indrani Namdeo & 2 others** ... Petitioners

Vs

**Relationship Mangeer, Retail Sales ICICI Prudential Assy. Management Company Limited & others** ... Opposite Parties

Notice:

To

1. Relationship Manager, Retail Sales, ICICI Prudential Asset Management Company Limited, At; Ground Floor, Dharma Nagar, lane 5Berhampur, Dist; Ganjam, Odisha, PIN: 760002
2. Manager, Retail sales, ICICI Prudential Asset Manager, Po/Ps: SemiligudaDist; Koraput
3. Rambhubati, aged about 62 Years,S/O; Bhingu Saanta,Vill; Gopabandu Nagar, PO/Ps; Semiliguda, Dist; Koraput,

General Public

WHEREAS the petitioners Indrani Namdeo & 2 others have filed the above petition before this Court for the grant of succession certificate regarding the assets left by the deceased, (Ramayan Prasad Namdeo, S/O; Chooteal Namdeo of Gopabandu Nagar, Semiliguda, Po/Ps; Semiliguda, Dist; Koraput) who died on 22.8.2020.

Notice is issued in the name of respondent(s) that in case anybody has any objection for grant of succession certificate, he/she can file objection to the same on or before 06.09.2025, failing which the petition will be decided in accordance with law.

Given under my hand and seal of the Court, this **08th day of Aug, 2025.**

**Civil Judge (Sr. Division),Koraput.**



eMail: se_nerwkjr@rediffmail.com O-586

GOVT. OF ODISHA

OFFICE OF THE CHIEF CONSTRUCTION ENGINEER

RURAL WORKS CIRCLE: KEONJHAR

*****

No. 3204/Date 12.08.2025

**1st Corrigendum Notice**

Under unavoidable circumstances, **the availability of tender online for bidding & opening of Technical Bids** of the tender invited vide eProcurement Notice No. 3001 Dtd: 22.07.2025 / Bid Identification No. **NCB-10 / RWCKJR / 2025-26** of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10 / RWCKJR / 2025-26 | Dt.30.07.25 at 11.00 A.M. | Dt.29.08.25 up to 5.00 P.M. | Dt.26.08.25 up to 5.00 P.M. | Dt.30.08.25 at 11.00 A.M. | Will be intimated later |

**All other contents remain unchanged.**

OIPR-25177/11/0084/2526

Chief Construction Engineer, R.W. Circle, Keonjhar.



**PM SHRI SCHOOL JAWAHAR NAVODAYA VIDYALAYA, TARBHA, DIST: SONEPUR (ODISHA)**

(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT OF INDIA)

Dated: 13.08.2025

**WALK IN INTERVIEW**

PM SHRI SCHOOL Jawahar Navodaya Vidyalaya, Tarbha, Dist-Sonepur (Odisha) is inviting qualified and experienced teacher/person/expert purely on Part time/Contract basis for the session 2025-26 under PM Shri Scheme. Interested candidates can attend the Walk-in-Interview in the Vidyalaya on 21-08-2025 Thursday at 11.00 A.M. along with their educational qualification certificates/experience certificates and other relevant documents.

| Sl. No. | Teacher/ Coach/Expert & No. of posts | Essential Qualification/Certificate | Remuneration | For the session 2025-26 |
|---|---|---|---|---|
| 1. | Yoga Teacher 01(One) | M.P.Ed. with Yoga is compulsory subject in M.P.Ed. & B.P.Ed. OR M.A./M.Sc. in Yoga OR Graduate with 01 year Post Graduate Diploma/Certificate in Yoga OR Bachelor Degree in Yoga with 2 year work experience. (Upper Age limit upto 50 years) | Rs.34125/- per month. | 08 months. |
| 2. | Yoga Trainer (Preference will be given to female) 01(One) | Graduate with PG Diploma in Yoga or M.P.Ed with Yoga Specialization from recognized University. Priority will be given on the basis of experience. | Per month Rs. 12500/- (for 08 month) | 03 Session Per Week |
| 3. | Sports Teacher/ Coach (Football & Handball) 02(Two) | Bachelor Degree in Physical Education or equivalent from recognized University/Institution. Priority will be given on the basis of experience. | Per month Rs. 20000/- (for 05 month) | 04 Session in a week X 04 weeks = 16 session in a month, Rs. 1250 per session |
| 4. | Music Expert 01(One) | Skilled in instruments like Guitar, Tabla, Keyboard Congo, Flute, Octopad etc., Certificate/Diploma/Degree in Music with professional experience etc. Priority will be given on the basis of experience. | Per month Rs. 20000/- (for 05 month) | 06 Session Per Week |
| 5. | Dance Expert 01(One) | Certificate/Diploma/Degree in Classical/Folk/Modern Dance/Local/Traditional with performance experience etc. specialized in Odishi/ Kathak Dance/Bharat Nattiyam/Kuchipudi. Priority will be given on the basis of experience. | Per month Rs. 20000/- (for 05 month) | 06 Session per Week |
| 6. | Self Defense Trainer (Female) 01(One) | Expert in Judo/Karate (Relevant Degree/Certificate from recognized institute) Priority will be given on the basis of experience. | Per month Rs. 12500/- (for 08 month) | 04 Times in a month |
| 7. | Atal Tinkering Lab. Facilitator 01(One) | M.Sc. in Physics with Specialization in Electronics/ Robotics/ IT or MCA in related trade | Per week Rs.2500/- | 03 days in a week. |

The candidate should attend the walk-in-interview on the above scheduled date and time alongwith the self attested Xerox copies of certificates and a pass port size photograph. The attending of walk-in-interview does not confirm any candidate for selection or appointment. No T.A./D.A. will be given to the candidate by the Vidyalaya for attending the said interview. The undersigned reserve the rights to cancel part or whole of the Walk-in-Interview. Willing candidates can submit their Bio-data, certificates/documents by hand OR through Email ID: jnvsonepur.rect@gmail.com

**Sd/- PRINCIPAL, PM SHRI SCHOOL JNV SONEPUR (ODISHA)**



**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 12.08.2025, I Basanti Behera resident at Qr.No- Type-II/A, Census Campus Colony, Bhoinagar,Bhubaneswar Khurdha, PIN-751022 , declare that I have changed the name of my Son from Badal Behera to Badal Naik . Henceforth, He shall be known as **BADAL NAIK** for all future purposes.

BASANTI BEHERA

**AFFIDAVIT**

By virtue of an affidavit sworn before Executive Magistrate, Pipili, AF.NO-2975, dated 12-08-2025 I, **Dhadu Swain,** permanent resident of Village At- Maligaon, PO- Sadangoi, PS-Delang, Dist- Puri, State- Odisha, PIN- 752015, declare that I have changed my name from **DHADIA SWAIN** (Old name) to **DHADU SWAIN** (New name), Henceforth, I shall be known as **DHADU SWAIN** for all purposes.

Sd-( **Dhadu Swain** )

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 12.08.2025, I Krushna Das resident At-Khurtia Sahi, Po-Balisahi, Dist-Puri, Odisha, PIN-752001 declare that I have changed my name from Krushnachandra Das to Krushna Das. Henceforth, He shall be known as **KRUSHNA DAS** for all future purposes.

KRUSHNA DAS

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Kamalu Krishani, S/o- Late Dhan Krishani, resident of Vill./Po.- Kularsing, Ps.-Padwa, Dist.- Koraput, Odisha, Pin- 764038 state that, I have changed my name from **Kamala Lochan Kirsani** to **Kamalu Krishani**. Henceforth I shall be known as **Kamalu Krishani** for all future purposes.

**AFFIDAVIT**

By virtue of an affidavit sworn before Notary Public, Bargarh vide No. 504 dated 12.08.2025 I Sankalp Sarangi, S/o- Sanjib Kumar Sarangi resident of Ward No.9, Bandutikira, Bargar, Po./Ps./Dist.- Bargarh state that, in my voter I. Card my name has been mentioned as Sankalp Sarangi but in my Aadhar Card my name has been mentioned as Sankalpa Sarangi. Both the names **Sankalp Sarangi** and **Sankalpa Sarangi** is of same and one person.

**AFFIDAVIT**

By virtue of an affidavit sworn before Executive Magistrate, Jatni, AF.NO-07, dated 12-08-2025 I, **Abdul Rauf Khan,** S/o Abdul Ishaque Khan, permanent resident of At- Raja Bazar, Fakada Basti (Part) PO- Jatni, PS-Jatni, Dist- Khordha, State- Odisha, PIN- 752050, declare that I have changed my name from **RAUF KHAN** (Old name) to **ABDUL RAUF KHAN** (New name), Henceforth, I shall be known as **ABDUL RAUF KHAN** for all purposes.

Sd-( **ABDUL RAUF KHAN** )

**AFFIDAVIT**

I, Kajipopy Khatun, D/O- Kazi Sorabuddin, residence of Vill: Barbil, Ward No- 07, PO/PS: Barbil, Dist: Keonjhar, Pin- 758035, Odisha, India, declare by this affidavit No- 02 dated 07.08.2025 that now onwards I shall be known as **Popy Mondal** for all future purposes.

**AFFIDAVIT**

I, **Ashis Kumar Sahu**, S/o Gouranga Chandra Sahu, resident of HIG-1/77, BDA Colony, Kapilaprasad, Bhubaneswar - 751002 by affidavit No- 503, dtd-12/08/2025 state that my father's name is recorded as Gouranga Chandra Sahu in PAN, but in my HSC Certificate it is reflected as Gouranga Charan Sahu. **Gouranga Chandra Sahu** & **Gouranga Charan Sahu** refer to one and same person. The correct legal name of my father is **Gouranga Chandra Sahu** for all purposes.

Sd- ( **Ashis Kumar Sahu** )

**AFFIDAVIT**

I, Prasana Kumar Rout, S/o- Bhikari Charan Rout, resident of At-Duburi, Po- Duburi, Dist-Jajpur, PIN- 755026, Odisha declared by this affidavit No. 882, dtd-05/06/2024 that now onwards I shall be known as **PRASANNA KUMAR ROUT** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/08/2025. I, **Arjuna Pradhani** (Applicant name), S/O- Purnananda Pradhani, Permanent resident of At-Tentulipada, P.O. Katarkela, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Pihoo Pradhani** (old name) to **Pihu Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Pihu Pradhani** (new name).

**Arjuna Pradhani**

**AFFIDAVIT**

I, Shantanu Sarkar, aged about 38 years, S/o- Sudhansu Sekhar Behera, resident of At- DDL-1145, Phase-2, Housing Board Colony, Dumduma, Ps-Khandagiri, Bhubaneswar, Dist- Khurda, Odisha, Pin-751019 declare by this affidavit No. 1616, dtd-13/08/2025, that now onwards I shall be known as **SANTANU SARAKAR** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 30/072025. I **Sushil Kumar Sahu,** S/o- Gouranga Charan Sahu, resident of Village- Gangarampur, Po-Jaria, P.S/Tahasil- Pattamundai, Dist-Kendrapada, Odisha. My Name has been mentioned **Sushil Sahoo** instead of **Susil Kumar Sahu** in postal savings account No- 010010882445 of Jaria Post Office branch. I declare that my self **Susil Kumar Sahu** and **Sushil Sahoo** is one and same person for all purposes.

**Sushil Kumar Sahu**

**AFFIDAVIT**

I, Sidhee Mangaraj, aged about 31 years, W/o- Sumit Kumar Mangaraj, resident of At- Kudiary, Dolamandap Sahi, Street No- 30Q, Ward No- 23, Ps-Jatni, Dist- Khurda, Odisha, Pin- 752050 declare by this affidavit No. 1606, dtd. 12/08/2025, that now onwards I shall be known as **SIDHEE** for all future purposes.

**AFFIDAVIT**

I, Susama Panda, aged about 41 years, W/o- Muna Panda, resident of At-Bajarakbati Road, Professor pada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN-753003, Odisha declare by this affidavit No. 1617, dtd-13/08/2025, that now onwards I shall be known as **SUSHAMA PANDA** for all future purposes.

**AFFIDAVIT**

I, Shaikh Rahim Bakhas, S/o- Late Shaikh Ibrar Bakhas, resident of At/Po-Gop, Ps- Gop, Dist- Puri, PIN- 752110, Odisha declared by this affidavit No-2921, dtd-19/07/2025 that now onwards I shall be known as **SK RAHIM BAKHAS** for all future purposes.

**AFFIDAVIT**

I, Suryamani Barik, H/o- Puspa Nayak, resident of At- L-345, Phase-4, HB Colony, Dumduma, Bhubaneswar, Dist-Khurda, PIN- 751019, Odisha declared by this affidavit No. 640, dtd-11/08/2025 that now onwards I shall be known as **SURYAMANI BARICK** for all future purposes.

## ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା

# ପ୍ରଶ୍ନବାଣରେ ବ୍ୟାଙ୍କ ସମ୍ପାଦକ ଓ ଜିଲ୍ଲାପାଳ ଘାଇଲା

**ସଭାପତିତ୍ୱ ଦ୍ୱନ୍ଦ୍ୱ ପାଇଁ ବାତିଲ୍ ହେଲା ବୈଠକ**



ନୟାଗଡ଼,୧୩।୮ (ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିବା ସାଧାରଣ ସଭା ବୁଧବାର ବାତିଲ୍ ହୋଇଛି। ସଭାପତିତ୍ୱ ଦ୍ୱନ୍ଦ୍ୱକୁ ନେଇ ବୈଠକ ବାତିଲ୍ ହୋଇଛି। ନୟାଗଡ଼ ଜିଲ୍ଲା ପରିଷଦ ସ୍ମୃଜନ ସଭାଗୃହରେ ବୈଠକ ଆୟୋଜନ ହୋଇଥିଲା। ବୈଠକ ଆରମ୍ଭରୁ ଏହା ୬୭ତମ ସାଧାରଣ ସଭା ନା ୬୭ତମ ବୋଲି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ବ୍ୟାଙ୍କ ସମ୍ପାଦକ ଏଡ଼ାଇ ଯାଇଥିଲେ। ବୈଠକରେ କିଏ ସଭାପତିତ୍ୱ କରିବେ ବୋଲି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଜିଲ୍ଲାପାଳ ସଭାପତିତ୍ୱ ତଥା ସଂଯୋଜନା କରିବା ପାଇଁ କହିବା ପରେ ଜୋରଦାର୍ ବିରୋଧ ହୋଇଥିଲା। ସଦସ୍ୟମାନେ ଜିଲ୍ଲାପାଳ ସଭାପତିତ୍ୱ କରିବାକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବ୍ୟାଙ୍କ ସମ୍ପାଦକ ଭୋଟିଂ ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳଙ୍କ ସଭାପତିତ୍ୱ ପାଇଁ ୧୦ ଜଣଙ୍କ ସମର୍ଥନ ମିଳିଥିବାବେଳେ ଶତାଧିକ ସଦସ୍ୟ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଜିଲ୍ଲାପାଳ ବୈଠକକୁ ବାତିଲ୍ ଘୋଷଣା କରିବା ସହ ଉଠି ଚାଲିଯାଇଥିଲେ। ବ୍ୟାଙ୍କ ସମ୍ପାଦକ ମଧ୍ୟ ପରିସ୍ଥିତିକୁ ଦେଖି କାଗଜପତ୍ର ଧରି ବୈଠକରୁ ଚାଲି ଯାଇଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ପରିଚାଳନା ପରିଷଦ ଓ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଛି। ଏହି ବିବାଦ ମଧ୍ୟରେ ସମ୍ପାଦକଙ୍କ ପକ୍ଷରୁ ତୃତୀୟ ଥର ପାଇଁ ଆହ୍ୱାନ କରାଯାଇଥିବା ସାଧାରଣ ସଭାରେ ଜୋରଦାର୍ ବିରୋଧ ହୋଇଛି। ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ସାଧାରଣ ସଭା କରିବାକୁ ବ୍ୟାଙ୍କ କର୍ମଚାରୀ ଓ ଜିଲ୍ଲାପାଳ ପରୋକ୍ଷରେ ବିରୋଧ କରିବା ମହଙ୍ଗା ପଡ଼ିଛି। ଏହି ବୈଠକ ବାତିଲ୍ ହେବା ଯୋଗୁଁ ବଜେଟ୍ ପାରିତ ହୋଇପାରି ନ ଥିବାବେଳେ ଆଗାମୀ ଦିନରେ କେଉଁଭଳି ଭାବେ ବ୍ୟାଙ୍କ ପରିଚାଳନା ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ବ୍ୟାଙ୍କ ସାଧାରଣ ସଭାରେ ପରିଚାଳନା ପରିଷଦ ସଦସ୍ୟଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହିଥିଲେ ମଧ୍ୟ ସାଧାରଣ ସଭାକୁ ସମର୍ଥନ ମିଳିପାରି ନ ଥିବା ଜଣାପଡ଼ିଛି। ଏହି ବୈଠକରେ ପ୍ରବଳ ହୋ-ହଲ୍ଲା ହୋଇଥିବାବେଳେ ବରିଷ୍ଠ ସମବାୟବିତ୍ ସନ୍ୟାସୀ ପ୍ରଧାନଙ୍କ ପ୍ରଶ୍ନବାଣ ସମସ୍ତଙ୍କୁ ଘାଇଲା ପରିସ୍ଥିତିକୁ ସାମ୍ନା କରିବାକୁ ବାଧ କରିଛି। ଏହି ବୈଠକରେ ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ କୁମାର ନାୟକ, ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ଅନ୍ୟପକ୍ଷେ ବୈଠକରେ ସଦସ୍ୟଙ୍କୁ ଖାତା କଲମ ଦେବା ଆଳରେ କିଛି ସଦସ୍ୟଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ଦେଖାଯାଇଛି। ଯାହାକୁ ଭୁଲ୍ ବାଟରେ ବ୍ୟବହାର କରିବାକୁ ବ୍ୟାଙ୍କ କର୍ମଚାରୀମାନେ ଯୋଜନା ପ୍ରସ୍ତୁତ କରିଥିବା ଅନୁମାନ କରାଯାଉଛି।

## ଲୋକସଭା ଅଧିବେଶନ ପାଇଁ ସମିତି ବୈଠକ ସ୍ଥଗିତ!

ଗଣିଆ,୧୩।୮ (ସମିସ): ଗଣିଆ ପଞ୍ଚାୟତ ସମିତି ତରଫରୁ ବୁଧବାର ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏଥିପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଚିଠି କରାଯାଇଥିଲା। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଆଲୋଚନା କରାଯିବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଥିଲା। ତେବେ ମଙ୍ଗଳବାର ଅଚାନକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ଅଷ୍ଟମ ସାଧାରଣ ଅଧିବେଶନକୁ ସ୍ଥଗିତ ରଖାଗଲା ବୋଲି ଜଣାପଡ଼ିଛି। ଏ ନେଇ ସାଂସଦ, ବିଧାୟକ, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ ତଥା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଲୋକସଭା ଚାଲିଥିବା ବେଳେ ସମିତି ବୈଠକ ହୋଇପାରିବ ନାହିଁ ତେବେ କିଭଳି ଚିଠି କରାଯାଇଥିଲା। ଚିଠି ୫ ଅଗଷ୍ଟରେ ହୋଇଥିବା ବେଳେ ଚିଠି ପୂର୍ବରୁ ଲୋକସଭା ଅଧିବେଶନ ଆରମ୍ଭ ହୋଇଛି। ତେବେ ଏଭଳି ଦାୟିତ୍ୱହୀନତା ପାଇଁ କିଏ ଦାୟୀ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଅଲଗା ବ୍ଲକରେ ଦଶମ ସାଧାରଣ ଅଧିବେଶନ ଶେଷ ହୋଇଥିବା ବେଳେ ଗଣିଆରେ ମାତ୍ର ୭ଟି ଅଧିବେଶନ ଶେଷ ହୋଇଛି। ଗଣିଆରେ ଶିକ୍ଷା, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସମିତି ବୈଠକ ଠିକରେ ନହେବା ବିଭାଗୀୟ ଅପାରଗତାକୁ ପଦାରେ ପକାଉଛି। ସମିତି ବୈଠକ ସରଗରମ ହେବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଥିବାବେଳେ ବୈଠକ ବାତିଲ ହେବା ଘଟଣାର ରହସ୍ୟ ଜଣାପଡ଼ିନାହିଁ।

## ନବତରୁଣ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ




ଗଣିଆ,୧୩।୮ (ସମିସ): ଗଣିଆରେ ଥିବା ଡ. ରାମଚନ୍ଦ୍ର ସାମନ୍ତରାୟ ବିଜ୍ଞାନ, କଳା ଏବଂ ପ୍ରଯୁକ୍ତିବିଦ୍ୟା ଶିକ୍ଷାନୁଷ୍ଠାନ ପରିସରରେ ନୂତନ ଭାବେ ଯୋଗଦେଇଥିବା ନବତରୁଣ ବିଦ୍ୟାର୍ଥୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ "ସ୍ୱୀକୃତି' ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ନିର୍ଦ୍ଦେଶକ କରୁଣାକର ନନ୍ଦ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ଆଦର୍ଶ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଝାଡ଼େଶ୍ୱର ପାଣିଗ୍ରାହୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ମଳୟ କୁମାର ପଣ୍ଡା, ପରିଚାଳନା କମିଟି ସଦସ୍ୟ କବିଚନ୍ଦ୍ର ସାମନ୍ତରାୟ, ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକୃତ ଶିକ୍ଷା ସହିତ ଉତ୍ତମ ସଂସ୍କୃତି ପ୍ରଦାନ କରିବା ସାମନ୍ତରାୟ ମହାବିଦ୍ୟାଳୟର ପ୍ରଥମ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ସାମନ୍ତରାୟ ମହାବିଦ୍ୟାଳୟ ଦିନକୁ ଦିନ ତା'ର ଶତ ପ୍ରତିଶତ ସଫଳତା ବଜାୟ ରଖିଥିବାରୁ ଆମେ ଏଠାରେ ପାଠପଢ଼ି ଗର୍ବିତ ବୋଲି ପୁରାତନ ଛାତ୍ରଛାତ୍ରୀ ମତପୋଷଣ କରିଥିଲେ। ପରିଶ୍ରମ କଲେ ଫଳ ସୁନିଶ୍ଚିତ ବୋଲି ଉପାଧ୍ୟକ୍ଷ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହିତ ସବୁଦିନ ମହାବିଦ୍ୟାଳୟକୁ ଆସିବାକୁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଜିତେନ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

**ଅନ୍‌ଲାଇନ୍ ଉପସ୍ଥାନକୁ ବିରୋଧ**

## ଶିକ୍ଷକଙ୍କ ବିକ୍ଷୋଭ; ଜିଲ୍ଲାପାଳଙ୍କ ଅଫିସ ଘେରଉ




ନୟାଗଡ଼,୧୩।୮ (ସମିସ): ଅନ୍‌ଲାଇନ୍ ଉପସ୍ଥାନକୁ ବିରୋଧ କରି ନୟାଗଡ଼ ଜିଲ୍ଲା ମିଳିତ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରରେ ଜୋର୍‌ଦାର୍ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯାଇଥିଲା। ଜିଲ୍ଲାର ସମସ୍ତ ୮ଟି ବ୍ଲକ୍‌ର ଶିକ୍ଷକମାନେ ଏଥିରେ ସାମିଲ୍ ହୋଇ ଏକ ବିଶାଳ ରାଲିରେ ନ୍ୟୁ ଟାଉନ୍‌ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରା ଦେଇ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ବଜାର ପରିକ୍ରମା କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି କାର୍ଯ୍ୟାଳୟ ସାମ୍ନା ମୁଖ୍ୟ ରାସ୍ତାକୁ ଅବରୋଧ କରି ପ୍ରତିବାଦ ସଭା କରିଥିଲେ। ଏଥିରେ ଜିଲ୍ଲାରେ କାର୍ଯ୍ୟରତ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନଭୁକ୍ତ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକ ସଂଘ, ଅଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ପ୍ରଭୃତି ସାମିଲ୍ ହୋଇ ସରକାରଙ୍କ ଦ୍ୱାରା ଅଗଣତାନ୍ତ୍ରିକ ଉପାୟରେ ଶିକ୍ଷକଙ୍କ ଉପରେ ଲଦି ଦିଆଯାଇଥିବା ଅନ୍‌ଲାଇନ୍ ଉପସ୍ଥାନ ନିଷ୍ପତ୍ତିକୁ ଜୋର୍‌ଦାର୍ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହିତ ସମସ୍ତ ବିଧାୟକଙ୍କୁ ଘେରଉ ତଥା ରାଜ୍ୟସ୍ତରରେ ଏହାକୁ ଜୋର୍‌ଦାର୍ କରାଯିବା ପାଇଁ ଶିକ୍ଷକ ସଂଘ ପ୍ରକାଶ କରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରଗୁଡ଼ିକୁ ଜିଲ୍ଲାପାଳଙ୍କ ପକ୍ଷରୁ ଉପଜିଲ୍ଲାପାଳ ପ୍ରତିବାଦ ସ୍ଥଳକୁ ଆସି ଗ୍ରହଣ କରିଥିଲେ। ଏହି ଆନ୍ଦୋଳନରେ ଶିକ୍ଷକ ନେତା ଶେଖ୍ ଅବ୍‌ଦୁଲ ଖାଲିକ, ବ୍ରଜବନ୍ଧୁ ସୁବୁଦ୍ଧି, ବାମନ ବାରିକ୍, ବିଭୁ ସାହୁ, ସୁରେଶ ବେହେରା, ଦୀନବନ୍ଧୁ ସାହୁ, ପ୍ରସନ୍ନ ଲେଙ୍କା, ପଞ୍ଚାନନ ମହାପାତ୍ର, ବିଘ୍ନେଶ୍ୱର ବେହେରା, ଅଯୋଧ୍ୟା ନାୟକ, ବିନାୟକ ପରିଡ଼ା, ମାଣିକେଶ୍ୱର ସ୍ୱାଇଁ, ଜ୍ୟୋତିରଞ୍ଜନ ଦାଶ, ଭକ୍ତ ମିଶ୍ର, ନରେଶ ପାଣିଗ୍ରାହୀ, ସୁରେଶ ମହାପାତ୍ର, ଦୀନବନ୍ଧୁ ଦାସ, ସୁରେଶ ସେଠୀ, ପୀତବାସ ପ୍ରଧାନ ପ୍ରମୁଖ ସାମିଲ୍ ହୋଇ ସରକାରଙ୍କ ଅନ୍‌ଲାଇନ୍ ଉପସ୍ଥାନ ନିଷ୍ପତ୍ତିକୁ ଜୋର୍‌ଦାର୍ ବିରୋଧ କରିଥିଲେ।

## ସମବାୟ ସମିତି ସମ୍ପାଦକଙ୍କ ବହିଷ୍କାର ଦାବି

ଓଡ଼ଗାଁ,୧୩।୮ (ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା ଅନ୍ତର୍ଗତ ହନୁମନ୍ତିଆ ପ୍ରାଥମିକ କୃଷି ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ସନ୍ତୋଷ କୁମାର ନାୟକ, ସ୍ତ୍ରୀ ରୁନାରାଣୀ ନାୟକ ଏବଂ ନିଜ ଭାଇ ପ୍ରମୋଦ କୁମାର ନାୟକଙ୍କୁ ସମବାୟ ନିର୍ବାଚନ ସମୟରେ ତଞ୍ଚକତାର ଉଭୟଙ୍କୁ ନିର୍ଦ୍ଦେଶକ ଭାବେ ନିର୍ବାଚିତ କରିବାରେ ସହାୟତା କରିଥିବା ନେଇ ଅଭିଯୋଗ ହୋଇଛି। ଏହା ସମବାୟ ଆଇନର ଧାରା ୨୮ (୩) (ଘ)ର ବିରୁଦ୍ଧାଚରଣ କରୁଥିବାରୁ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କୁ ୭ ଦିନ ମଧ୍ୟରେ କାର୍ଯ୍ୟରୁ ବହିଷ୍କାର କରିବାକୁ ଅନ୍ୟମାନଙ୍କ ତରଫରୁ ବଂଶୀଧର ନାୟକ ଉପନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କ ଅଭିଯୋଗ କରିଛନ୍ତି। ଏଥି ସହିତ ସେ ଏ ନେଇ ରେଜିଷ୍ଟ୍ରାର ସମବାୟ ସମିତି ସମୂହ, ଭୁବନେଶ୍ୱର, ଜିଲ୍ଲାପାଳ ନୟାଗଡ଼, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଜଣାଇଛନ୍ତି। ସୂଚନା ଥାଉକି ସମବାୟ ଆଇନ ଅନୁସାରେ ଯେକୌଣସି ସମିତିର ବେତନ ଭୋଗୀ କର୍ମଚାରୀଙ୍କ ପରିବାରର କୌଣସି ବ୍ୟକ୍ତି ଉକ୍ତ ସମବାୟ ସମିତି ନିର୍ବାଚନରେ ଭାଗନେଇ ପାରିବେନାହିଁ। ତେବେ ନିୟମକୁ ଅଣଦେଖା କରି ନିଜର ସ୍ୱାର୍ଥସାଧନ ପାଇଁ ସମ୍ପାଦକ ଜାଣିଶୁଣି ଏଭଳି ଭୁଲ୍ କାର୍ଯ୍ୟ କରିଥିବାରୁ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ଦାବି ହୋଇଛି। ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ଏହାକୁ ଏଡାଇ ଯିବା ଏକ ଅନୈତିକ କାର୍ଯ୍ୟକଳାପର ଇସାରା କରୁଛି।

## ସୁଶାନ୍ତ ସାହୁ ବିଜେଡିରୁ ନିଲମ୍ବିତ

ନୟାଗଡ଼,୧୩।୮ (ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୯ ନମ୍ବର ଜିଲ୍ଲା ପରିଷଦ ଜୋନ୍ ସଦସ୍ୟ ସୁଶାନ୍ତ କୁମାର ସାହୁଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ପ୍ରତାପ କୁମାର ଜେନା ତାଙ୍କୁ ନିଲମ୍ବନ କରିଥିବା ଦଳ ପ୍ରେସ୍ ବାର୍ତ୍ତାରୁ ଜଣାପଡ଼ିଛି।

## ବିଷପିଇ ନାବାଳିକାର ଆତ୍ମହତ୍ୟା

ଓଡ଼ଗାଁ,୧୩।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୁରାଳ ଗାଁରେ ଜଣେ ନାବାଳିକାର ଆତ୍ମହତ୍ୟା ଘଟଣାକୁ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱର୍ଗତ ପର୍ଶୁରାମ ଚୌଧୁରୀଙ୍କ ନାବାଳିକା ୧୨ ବର୍ଷର ଝିଅ ବୁଧବାର ସକାଳେ ଟ୍ୟୁସନରୁ ଘରକୁ ଫେରିବା ପରେ ସ୍କୁଲ୍ ଯିବାକୁ ମନାକଲା। ଏ ନେଇ ମାଆ ତାକୁ ସ୍କୁଲ ଯିବାକୁ କହିଥିଲେ। ଏହି ସାମାନ୍ୟ କଥାକୁ ନେଇ ଝିଅଟି ଘରେ ଥିବା କୀଟନାଶକ ଔଷଧ ଖାଇଦେଇଥିଲା। ତୁରନ୍ତ ତାକୁ କୁରାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ବାର୍ହା ଆକ୍ରମଣରେ ଦମ୍ପତି ଆହତ

ଭାପୁର,୧୩।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ନିକଟ ବୋଲଗଡ଼ ବ୍ଲକ୍ ସାଗରଗାଁ ପଞ୍ଚାୟତ ବାଲସିଂହ ଗ୍ରାମର ପୂର୍ବତନ ସେନା କର୍ମଚାରୀ ବଳଭଦ୍ର ଦଳାଇ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ଦଳାଇ ବାର୍ହା ଆକ୍ରମଣରେ ଆହତ ହୋଇ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ବୁଧବାର ସକାଳ ସମୟରେ ଘର କବାଟ ଖୋଲି ବାହାରକୁ ଆସିବା ସମୟରେ ଘର ପାଖରେ ଲୁଚି ରହିଥିବା ଏକ ବାର୍ହା ଆକ୍ରମଣ କରି ଉଭୟଙ୍କୁ ଆହତ କରିଥିଲା। ଏହାପରେ ଗ୍ରାମବାସୀମାନେ ପାଟିତୁଣ୍ଡ କରିବାରୁ ବାର୍ହାଟି ପଳାଇଥିଲା। ବାର୍ହା ବଂଶ ବୃଦ୍ଧି ଘଟିଥିବାରୁ ଭାପୁର ବ୍ଲକ୍ ଓ ଆଖପାଖ ଅଞ୍ଚଳରେ ଦିନବେଳା ଗହୀରରେ ମଧ୍ୟ ବାର୍ହା ବୁଲୁଥିବା ଦେଖିବାକୁ ମିଳୁଛି। ବନ୍ୟଜନ୍ତୁ ଆକ୍ରମଣ କଲେ ସରକାରୀ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା ଥିବାରୁ ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଜାତୀୟ କୃମିନାଶକ ଦିବସ ପାଳିତ

ନୟାଗଡ଼,୧୩।୮ (ସମିସ): ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨ଟି ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁଞ୍ଜବିହାରୀ ଓ କୋସ୍‌କା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟରେ ଏହି ଔଷଧ ପ୍ରଦାନ କରାଯିବ ବୋଲି ଖଣ୍ଡପଡ଼ା ଓ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ବିଶ୍ୱ ଅଙ୍ଗଦାନ ଦିବସ ପାଳିତ




ନୟାଗଡ଼,୧୩।୮ (ସମିସ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଭାସୀ ଯୋଗେ ଯୋଡ଼ି ହୋଇଥିବା ସମସ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ କରିଥିବା ପରିବାରଙ୍କୁ ବୁଧବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ "ସୁରଜ୍ ଆୱାର୍ଡ' ଆର୍ଥିକ ପ୍ରୋତ୍ସାହନ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ଓସ୍ୱାନ ଭିଡିଓ ସମ୍ମିଳନୀ କକ୍ଷରେ ସିଡିଏମ୍‌ଓ ଡା. ସୁଶାନ୍ତ କୁମାର ଦାସ, ଡେପୁଟି କଲେକ୍ଟର, ତପତି ରାଜ୍, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏଥିରେ ଯୋଡ଼ି ହୋଇଥିଲେ। ନୟାଗଡ଼ ଜିଲ୍ଲା ନୟାଗଡ଼ ପୁରୁଣା ସହର ଦାଣ୍ଡସାହିର ସ୍ୱର୍ଗତ ଶିବୁନ ସିଦ୍ଧାର୍ଥ ସାହୁ ଲିଭର ପ୍ରଦାନ କରିଥିବାରୁ ତାଙ୍କ ମାଆ ହିତାଧିକାରୀ ଜୟନ୍ତୀ ସାହୁଙ୍କୁ "ସୁରଜ୍ ଆୱାର୍ଡ' ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତାଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ସଂସ୍କୃତ ଦିବସ ପାଳିତ

ନୟାଗଡ଼,୧୩।୮ (ସମିସ): ନୟାଗଡ଼ ନିକଟସ୍ଥ ଗୋବିନ୍ଦପୁର ଭାଗୀରଥି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସଂସ୍କୃତ ସପ୍ତାହ ମଙ୍ଗଳବାର ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା ସହିତ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା ମଙ୍ଗଳାଚରଣ ପାଠପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ସଂସ୍କୃତ ଶିକ୍ଷାର ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସଂସ୍କୃତ ନୀତିଶ୍ଳୋକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ରଣସିଂହ, ଦୀପକ କୁମାର ମଙ୍ଗଳ, ବେଣୁଧର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ସୂର୍ଯ୍ୟତା ବେହେରା, ଅନସୂୟା ବେହେରା ସହଯୋଗ କରିଥିଲେ।

**ମହିଳାଙ୍କ ଗଳାକାଟି ହତ୍ୟା ଘଟଣା**

## ତ୍ରିକୋଣୀୟ ପ୍ରେମରୁ ହତ୍ୟା; ୩ ଗିରଫ

ଭାପୁର,୧୩।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଭାପୁର ଗ୍ରାମ ମହୋତ୍ସବ ପଡ଼ିଆ ନିକଟରେ ରବିବାର ରାତିରେ ଜଣେ ବିଧବା ମହିଳାଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହା ତ୍ରିକୋଣୀୟ ପ୍ରେମ ଯୋଗୁଁ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଦୁଇ ପ୍ରେମିକ ଓ ତାଙ୍କର ଜଣେ ସହଯୋଗୀ ମିଶି ମହିଳାଙ୍କ ଗଳାକାଟି ହତ୍ୟା କରିଥିଲେ। ତିନି ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।




ଭାପୁର ଗ୍ରାମର ସ୍ୱର୍ଗତ ସୁରେଶ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା ଭାପୁର ମହୋତ୍ସବ ପଡ଼ିଆ ନିକଟରେ ତାଙ୍କର ଦୁଇ ନାବାଳକ ପିଲାଙ୍କୁ ଧରି ରହୁଥିଲେ। ନିକଟସ୍ଥ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠରେ ୪ ମାସ ହେଲା ପାଚିକା ଭାବେ କାର୍ଯ୍ୟ କରୁଥିଲେ। ଜୟନ୍ତୀଙ୍କ ସ୍ୱାମୀ ସୁରେଶ (ମିଟୁ)ଙ୍କର ୨ ବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଜୟନ୍ତୀ ତାଙ୍କର ସମ୍ପର୍କିୟ ଦିଅର କଟକ ଜିଲ୍ଲା ବୈଦେଶ୍ୱର ଗ୍ରାମର ମନୋଜ ବେହେରାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ମନୋଜଙ୍କ ମାଧ୍ୟମରେ ବୈଦେଶ୍ୱର ପାଇକସାହିର ରହୁଥିବା ଦଶପଲ୍ଲା ମଧ୍ୟଖଣ୍ଡ ଗ୍ରାମର ସନ୍ତୋଷ ରାଉତ ଜୟନ୍ତୀଙ୍କ ସହ ଚିହ୍ନା ପରିଚିତ ହୋଇଥିଲେ। ମନୋଜ ଓ ସନ୍ତୋଷ ଉଭୟେ ଉଭୟଙ୍କୁ ନ ଜଣାଇ ପ୍ରେମ ସମ୍ପର୍କରେ ଥିଲେ। ରବିବାର ସନ୍ଧ୍ୟାରେ ସନ୍ତୋଷ ରାଉତ ଜୟନ୍ତୀଙ୍କ ଘରେ ଥିବା ବେଳେ ମନୋଜ ଓ ତା'ର ଜଣେ ସହକର୍ମୀ ବୈଦେଶ୍ୱର ଗ୍ରାମର ପ୍ରକାଶ କାଠୁଆ ଆସି ପହଞ୍ଚିଥିଲେ। ଏହାପରେ ଦୁଇ ବନ୍ଧୁ ମନୋଜ ଓ ସନ୍ତୋଷ ପରସ୍ପର ସହ ଝଗଡ଼ା ଲାଗିବା ସହ ଜୟନ୍ତୀଙ୍କ ସହ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ପ୍ରବଳ ପାଟିତୁଣ୍ଡ ଓ ଗଣ୍ଡଗୋଳ ପରେ ସନ୍ତୋଷ ଓ ପ୍ରକାଶ ଜୟନ୍ତୀଙ୍କୁ ମାଡ଼ି ବସିଥିଲେ ଓ ମନୋଜ ରୋଷେଇ ଘରେ ଥିବା ଏକ ପରିବା କଟା ଛୁରୀରେ ଜୟନ୍ତୀଙ୍କ ଗଳା କାଟି ଦେଇ ଘର ବାଡ଼ି ପଟ ଦେଇ ପଳାଇଥିଲେ। ଏହି ଘଟଣାରେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ତଦନ୍ତ କରି ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି।

**ୟୁଜେଏ ଜିଲ୍ଲା କାର୍ଯ୍ୟକାରିଣୀ ଓ ଖଣ୍ଡପଡ଼ା ସଂଘର ବାର୍ଷିକୋତ୍ସବ**

## କଲମ ମୁନକୁ ସ୍ୱଚ୍ଛ ଓ ଶାଣିତ ଭାବରେ ଚଳାଇବାକୁ ପରାମର୍ଶ

ଖଣ୍ଡପଡ଼ା,୧୩।୮ (ସମିସ)




ଖଣ୍ଡପଡ଼ା ଏନ୍‌ଏସି ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇଥିଲେ। ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦା ହାନୀ କରିବା ଭଳି କାର୍ଯ୍ୟ ନ କରି କଲମ ମୁନକୁ ସ୍ୱଚ୍ଛ ଓ ଶାଣିତ ଭାବରେ ଚଳାଇବାକୁ ଶ୍ରୀ କର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନୟାଗଡ଼ ଜିଲ୍ଲା ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ଜିଲ୍ଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଉପଦେଷ୍ଟା ଆଇନଜୀବୀ ବିକ୍ରମ କେଶରୀ ଦେଓ, ସମାଜସେବୀ ତଥା ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଡ. ପ୍ରଫୁଲ୍ଲ କୁମାର ଦାଶ, ରବିନ୍ଦ୍ର ପଟ୍ଟନାୟକ, ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ରଥଗଡ଼ା ଛକରେ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସାମ୍ବାଦିକ ଜନ୍ମେଜୟ ଦଲେଇ ମଞ୍ଚ ପରିଚାଳନା କରିଥିଲେ। ସଂଘର ସମ୍ପାଦକ ସରୋଜ କୁମାର ଚୌଧୁରୀ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସାମ୍ବାଦିକ ନିଜ ନିଜ ମଧ୍ୟରେ ଏକତା ବଜାୟ ରଖିବା ସହ ନିର୍ଭିକ, ସଚ୍ଚୋଟ, ସାହାଯ୍ୟ ମନୋଭାବ ଓ ସାଲିସ୍‌ବିହୀନ ସାମ୍ବାଦିକତା କରିବା ପାଇଁ ଅତିଥିମାନେ କହିଥିଲେ। ଏଥିସହ ସାମ୍ବାଦିକ ସୁରକ୍ଷା ଆଇନ, ବୟସ୍କଙ୍କୁ ପେନ୍‌ସନ୍ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାକୁ ବର୍ଦ୍ଧିତ କରିବାକୁ ସରକାରଙ୍କ ପାଖରେ ଦାବି ରଖିବାକୁ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ବିଭିନ୍ନ ସାମାଜିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁ କିଶୋର ସିଂହସାମନ୍ତ, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ, ସମାଜସେବୀ ମହେନ୍ଦ୍ର ବାରିକ ଓ ଶବ ସଂସ୍କାରକ କୈଳାଶ ମହାପାତ୍ର ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍‌ର ସମସ୍ତ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ସାମ୍ବାଦିକ ମନୋରଞ୍ଜନ ରଥ, ତପନ ମହାପାତ୍ର, ନିରଞ୍ଜନ ପଣ୍ଡା, ପ୍ରଦୀପ ବେହେରା, ପ୍ରଶାନ୍ତ ସାହୁ ପ୍ରମୁଖ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟରେ ନୂତନ ସଭ୍ୟ ଭାବେ ଯୋଗଦେବା ସହ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍‌ର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ପକ୍ଷରୁ ନିରଞ୍ଜନ ଦାସ, ତପନ କୁମାର ଦାଶ, ସଂଗ୍ରାମ କେଶରୀ ଦେଓ, ଶିବ ନାରାୟଣ ଦାସ, ପ୍ରଭାତ ପଶାୟତ, ନିଗମାନନ୍ଦ ଦାଶ, ସଦାଶିବ ପାତ୍ର, ଶରତ ବେହେରା, ତପନ ମହାପାତ୍ର, କନକଲତା ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା



ଖୋର୍ଦ୍ଧା,୧୩।୮ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜୟୀ ରାଜଗୁରୁ ଟାଉନ୍ ହଲ ପର୍ଯ୍ୟନ୍ତ ବୁଧବାର ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯାତ୍ରାରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ଦେଶ ମାତୃକାର ସେବାରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଯେଉଁ ତ୍ରିରଙ୍ଗା ଯାତ୍ରା କରାଯାଉଛି ତାହା ଲୋକଙ୍କ ମଧ୍ୟରେ ଉନ୍ମାଦନା ଜାଗ୍ରତ କରିବ। ସମାଜକୁ ବଞ୍ଚାଇବାକୁ ଅଛି ଓ ଦେଶକୁ ଆଗେଇବାର ଅଛି ବୋଲି ସେ କହିଥିଲେ। ଏଥିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଏସ୍‌ପି ଅମ୍ରିତ ପାଲ୍ ସିଂ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଡେପୁଟି କଲେକ୍ଟର, ଜନପ୍ରତିନିଧି, ଛାତ୍ରଛାତ୍ରୀ, ମିଶନ ଶକ୍ତି ମହିଳା ପ୍ରମୁଖ ସାମିଲ ହୋଇଥିଲେ।

# ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କୁ ଦାୟିତ୍ୱ ପରେ ଦାୟିତ୍ୱ ପ୍ରଦାନ

ଖୋର୍ଦ୍ଧା,୧୩।୮ (ସମିସ): ଖୋର୍ଦ୍ଧା ପୌରପରିଷଦ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ଜଣେ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଦାୟିତ୍ୱ ପରେ ଦାୟିତ୍ୱ ପ୍ରଦାନ କରି ଚାଲିଛନ୍ତି। ଏହି ଅସ୍ଥାୟୀ ଡିଏଲଆରଙ୍କୁ ନେଇ ବିବାଦ ବଢୁଥିବାବେଳେ ଏ ଚର୍ଚ୍ଚାକୁ ପୌର ପ୍ରଶାସନର ପଦକ୍ଷେପ ଆହୁରି ତେଜୁଛି। ମାତ୍ର ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନସିଲର ସବୁ ଜାଣି ନିରବ ରହିବା ଏବଂ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଏକ ପ୍ରକାର ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି।

ଉକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ଉପରେ ବରୁଣେଇଠାରେ ଥିବା ପିଣ୍ଡି, ବିବାହ ମଣ୍ଡପ, ନୂଆ

- ସନ୍ଦେହ ଘେରରେ ପୌର ପ୍ରଶାସନ
- କର୍ତ୍ତୃପକ୍ଷଙ୍କ ଅଗୋଚରରେ ସାର୍ବଜନୀନ ହେଉଛି କାର୍ଯ୍ୟାଳୟ ନୋଟିସ୍
- ଯାଞ୍ଚ କମିଟି ଗଠନକୁ ପୌର ନିର୍ବାହୀ ଅଧିକାରୀଙ୍କ ଖଣ୍ଡନ

ବସଷ୍ଟାଣ୍ଡ, ଆହାର କେନ୍ଦ୍ର, ଟ୍ରେଡ ଲାଇସେନ୍ସ, ପାର୍କିଂ ନିଲାମ, ପୋଖରୀ ନିଲାମ ଭେଣ୍ଡିଂଜୋନ୍ ପ୍ରଭୃତି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୌର ପ୍ରଶାସନ ପକ୍ଷରୁ ନ୍ୟସ୍ତ କରାଯାଇଛି। ଏମିତିକି ଗତ ଜୁଲାଇ ମାସରେ



ଖୋର୍ଦ୍ଧା ପୌର ପରିଷଦ

ଅବସର ନେଇଥିବା କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିବା ବିଭାଗୀୟ କାର୍ଯ୍ୟ ତାଙ୍କ ହାତକୁ ଟେକିଦେଇଛି ପୌରପ୍ରଶାସନ। ଯାହା ସମସ୍ତଙ୍କୁ ବେଶୀ ଚକିତ କରିଛି। ଏହି କର୍ମଚାରୀ ବିଭିନ୍ନ ଆଳରେ ଟଙ୍କା କଲେକ୍ସନ କରିବାକୁ ନୂଆ ଫଣ୍ଡାକୁ ଆପଣାଉଛନ୍ତି। ପୌରାଞ୍ଚଳରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଦୋକାନ ଗୃହ ଲିଜ୍ ସୂତ୍ରରେ ଦିଆଯାଇଛି। ପୌରପରିଷଦ ପକ୍ଷରୁ ଅଗଷ୍ଟ ୧ ତାରିଖରୁ ସହିଦ ମାର୍କେଟ ଏବଂ ପୁରୁଣା ବସଷ୍ଟାଣ୍ଡସ୍ଥିତ ଏନ୍‌ଏଏସି ମାର୍କେଟରେ ଥିବା ଦୋକାନ ଗୃହର ମାସିକ ଲାଇସେନ୍ସ ଫି' ଆଦାୟ ଦାୟିତ୍ୱ ସମ୍ପୃକ୍ତ କର୍ମଚାରୀଙ୍କୁ ଦିଆଯାଇଛି। ଏହାର ସୁଯୋଗରେ ଲିଜ୍ ସୂତ୍ରରେ ନେଇଥିବା ଦୋକାନୀଙ୍କୁ ବିଭିନ୍ନ ଆଳରେ ଭୟଭୀତ କରି ଟଙ୍କା ଆଦାୟ କରିବାର ମସୁଧା ସମ୍ପୃକ୍ତ ବ୍ୟକ୍ତି ଆରମ୍ଭ କରିଥିବା ଅଭିଯୋଗ ହେଉଛି। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। କାହା ସ୍ୱାର୍ଥରେ ଉକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଦାୟିତ୍ୱ ପରେ ଦାୟିତ୍ୱ ନ୍ୟସ୍ତ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ୧୧ଜଣ ବ୍ୟବସାୟୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପୌରପରିଷଦ ପକ୍ଷରୁ ନୋଟିସ ହୋଇଥିବା ଖବର ନିର୍ଦ୍ଦିଷ୍ଟ ଖବରକାଗଜରେ ପ୍ରକାଶ ପାଇଛି। ତାକୁ ନେଇ ଉଠିଛି ଚର୍ଚ୍ଚା। କାହା ନିର୍ଦ୍ଦେଶରେ ଯାଞ୍ଚ କମିଟି ଗଠନ କରାଯାଇଛି ଏବଂ କେଉଁମାନେ ଏହାର ସଦସ୍ୟ ଅଛନ୍ତି ସେ ସମ୍ପର୍କରେ କାହାକୁ ଅବଗତ କରାଯାଉନି। କେଉଁ ମାର୍ଗଦର୍ଶିକା ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା କରାଯାଇ ୧୧ ଜଣଙ୍କୁ ଚୁକ୍ତି ଖିଲାପକାରୀ ଭାବେ ଚିହ୍ନଟ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶିତ ହେବାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରିଛି। ପୌର କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଦୋକାନ ଗୃହଗୁଡ଼ିକୁ ଯାଞ୍ଚ କମିଟି ଯାଞ୍ଚ କରିଛି ନା ନାହିଁ ଏବଂ ଯଦି ଯାଞ୍ଚ କମିଟି ଯାଞ୍ଚ କରିଛି, ତେବେ ଅଧୀନରେ ଥିବା ସମସ୍ତ ଦୋକାନ ଗୃହଗୁଡ଼ିକୁ ଯାଞ୍ଚ କରାଯାଉ ଏବଂ ସଠିକ୍ ତଥ୍ୟ ପ୍ରକାଶ କରାଯାଉ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ସମ୍ପୃକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ ପରେ ଏପରି ଚୁକ୍ତି ଖିଲାପକରୀଙ୍କୁ ଚିହ୍ନଟ କରିଛନ୍ତି ବୋଲି ବ୍ୟବସାୟୀ ଅଭିଯୋଗ କରିଛନ୍ତି। ମାତ୍ର ପୂର୍ବରୁ ଦୀର୍ଘଦିନ ହେବ ଲାଇସେନ୍ସ ଫି' ଆଦାୟ କରୁଥିବା ବରିଷ୍ଠ ସ୍ଥାୟୀ କର୍ମଚାରୀ ଏହା କିପରି ଜାଣିପାରି ନ ଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ବିଧିବଦ୍ଧ ତଦନ୍ତ ଓ ପ୍ରଦାନ କରାଯାଇଥିବା ଦୋକାନ ଗୃହ ଲାଇସେନ୍ସ ଫି' ଆଦାୟ ଦାୟିତ୍ୱରୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିବୃତ୍ତ କରିବାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ଚୁକ୍ତି ଖିଲାପକାରୀଙ୍କ ନୋଟିସ ଉକ୍ତ ବ୍ୟବସାୟୀଙ୍କ ହସ୍ତଗତ ହୋଇ ନ ଥିବାବେଳେ କେଉଁ ଆଧାରରେ ନୋଟିସ ଫଟୋ କପି ସହ ଏକ ନିର୍ଦ୍ଦିଷ୍ଟ ଖବରକାଗଜରେ ପ୍ରକାଶିତ ହୋଇଛି ତାକୁ ନେଇ ଉଠିଛି ପ୍ରଶ୍ନ। ପୌର କାର୍ଯ୍ୟାଳୟ ତଥ୍ୟ କର୍ତ୍ତୃପକ୍ଷଙ୍କ ଅଗୋଚରରେ ସାର୍ବଜନୀନ କରିବା ଅପରାଧ ହୋଇଥିଲେ ହେଁ ଏ କ୍ଷେତ୍ରରେ ସମ୍ପୃକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ବ୍ୟବସାୟୀଙ୍କୁ ନୋଟିସ୍ ସମ୍ପର୍କରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କୁ ପଚାରିବାରେ ସେମାନେ ଜାଣି ନ ଥିବା ପ୍ରକାଶ କରିଛନ୍ତି।

ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କୁ ପଚାରିବାରେ ସେ କୁହନ୍ତି ଖିଲାପକାରୀଙ୍କୁ ଲାଇସେନ୍ସ ଫି' ଆଦାୟକାରୀଙ୍କ ରିପୋର୍ଟ ଅନୁସାରେ ନୋଟିସ କରାଯାଇଛି। ଏନେଇ କୌଣସି ଯାଞ୍ଚ କମିଟି କରାଯାଇନି। ଯଦି ଏପର୍ଯ୍ୟନ୍ତ ବ୍ୟବସାୟୀ ନୋଟିସ୍ ପାଇନାହାନ୍ତି, ତେବେ କିପରି ଏହା ସାର୍ବଜନୀନ ହୋଇଛି ତାହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଏଚ୍‌ଆଇଭି ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ





ବାଣପୁର,୧୩।୮ (ସମିସ): ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ୍ ରିବନ କ୍ଲବ ପକ୍ଷରୁ ଏଚଆଇଭି ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ତ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ଅଶୋକ କୁମାର ବେହେରା ସାଧନ କର୍ମୀ ଭାବେ ଯୋଗଦେଇ ଏଡ୍ସ ରୋଗର ଭୟାବହତା ଓ ନିରାକରଣ ସମ୍ପର୍କରେ ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ତଥା ରେଡ୍ ରିବନ କ୍ଲବ୍ ଅଧିକାରିଣୀ ପ୍ରମୋଦିନୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ସାମ୍ପ୍ରତିକ ସମାଜରେ ଏଡ୍‌ସ୍ ରୋଗର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆସନ୍ତା ବୁଧବାର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏଡ୍‌ସ୍ ସମ୍ପର୍କିତ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ୨୨ ତାରିଖରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଭୁଷଣ୍ଡପୁର,୧୩।୮ (ସମିସ): ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତ ଦେଉଳସାହିର ସମାଜସେବୀ ବୈଦ୍ୟନାଥ ମହାରଣାଙ୍କ ଦ୍ୱାଦଶାହରେ ବାଲିପାଟପୁର ଦୋଳପଡ଼ିଆରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଆଇନଜୀବୀ ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥି ରୂପେ ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ପାଟ୍ଟଶାଣି, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ଭୁଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର, ଗାୟକ ରବୀନ୍ଦ୍ର କୁମାର ସାମନ୍ତରାୟ, ବିରଞ୍ଚି ନାରାୟଣ ପ୍ରଧାନ, ସାମ୍ୟବାଦୀ ନେତା ଗିରୀଶ ମହାରଣା, ବିଧୁଭୂଷଣ ମହାରଣା, ଯୁବନେତା ତାରାପ୍ରସାଦ ପଟ୍ଟନାୟକ, ପ୍ରଭାସ ମଣ୍ଡଳ, ରାଜକିଶୋର ନାୟକ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ବୈଦ୍ୟନାଥଙ୍କ ସ୍ମୃତିଚାରଣ କରିଥିଲେ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

ଖୋର୍ଦ୍ଧା,୧୩।୮ (ସମିସ): ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ସପ୍ତାହର ପ୍ରତ୍ୟେକ ଦିନ ପ୍ରାର୍ଥନା ସଭାରେ ପିଲାଙ୍କ ଦ୍ୱାରା ସଂସ୍କୃତ ନୀତିବାଣୀ ଅର୍ଥ ସହ ଆବୃତି କରାଯାଇଥିଲା। ସଂସ୍କୃତ ଭାଷାରେ ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର ଆଲୋଚନା ହୋଇଥିଲା। ପିଲାମାନଙ୍କ ମଧ୍ୟରେ ସରଳ ସଂସ୍କୃତ ସମ୍ଭାଷଣ ହୋଇଥିଲା। ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଗୀତାପାଠ, ସଂସ୍କୃତ ଗୀତ, ବକ୍ତୃତା, ନୃତ୍ୟ ପ୍ରତିଯୋଗିତା ସହ ସଂସ୍କୃତ ପ୍ରଦର୍ଶନୀ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଞ୍ଜନ କୁମାର ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ସଂସ୍କୃତ ଭାଷା ଓ ଆମ ସଂସ୍କୃତିର ମହତ୍ତ୍ୱ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ଦାଶ ବିଜ୍ଞାନ ଓ ସଂସ୍କୃତ ଭାଷାର ସମ୍ପର୍କ ଆଲୋଚନା କରିଥିଲେ।



ଶିକ୍ଷକ ବିଭୁପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଜଗନ୍ନାଥ ରାଉତ, ଏମଡି ଖତିବୁଦ୍ଦିନ, ଦିଲୀପ କୁମାର ନାୟକ, ଚିନ୍ମୟ ମାର୍ଥା, ଦୀପକ ଛୋଟରାୟ, ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ନିବେଦିତା ଛୁଆଳସିଂ, ଅନୁପମା ସାହୁ, ରୋଜାଲିନ ରାଉତରାୟ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା, ସୀମାରାଣୀ ବେହେରା, ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ରେ ରକ୍ତଦାନ ଶିବିର

ନିରାକାରପୁର,୧୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଟାଙ୍କୋଳରେ ମା' ତାରାଦେବୀ ନାଟ୍ୟ ସଂସଦ ଓ ଜଙ୍କିଆ ଥାନା ମିଳିତ ସହଯୋଗରେ ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ରକ୍ତକର୍କଟ ଓ ଥାଲାସେମିଆ ରୋଗରେ ପୀଡ଼ିତ ଶିଶୁଙ୍କ ନିମନ୍ତେ ରକ୍ତ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେଇ ରକ୍ତଦାନ କରିବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ନିରାକାରପୁର,୧୩।୮ (ସମିସ): ନିରାକାରପୁର ନିକଟ ଗଡ଼ଖାରଦ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ହାଡ଼ିବନ୍ଧୁ ମାନସିଂହଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ପରୋପକାରୀ, ମେଳାପୀ, ସରଳ ସ୍ୱଭାବର ବ୍ୟକ୍ତି ଥିଲେ। କିଛି ଦିନ ହେବ ଅସୁସ୍ଥତା କାରଣରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବ ପରେ ଗଡ଼ଖାରଦ ଓ ପାଖାପାଖି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି।



## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର କ୍ଲଷ୍ଟରସ୍ତରୀୟ ବୈଠକ

ବାଣପୁର,୧୩।୮ (ସମିସ): ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଅଭିଯାନ ନିର୍ଦ୍ଦେଶାନୁସାରେ ନାଚୁଣୀ ଗୋଦାବରୀଶ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର କ୍ଲଷ୍ଟରସ୍ତରୀୟ ଶିକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବସନ୍ତ ଶବରଙ୍କ ସଂଯୋଜନା ତଥା ସିଆରସିସି ମଧୁସୂଦନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ ଓ ତାଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଲାଇ ଯୋଗଦେଇଥିଲେ। ସଲପଡିହ ସରକାରୀ ଉନ୍ନୀତ ହାଇସ୍କୁଲ, ବାପୁଜୀ ଆଶ୍ରମ ହାଇସ୍କୁଲ, ଗୋରଡ଼ାଝରୀ, ନାଚୁଣୀ, ଆମ୍ବଝର, ଲୋକିପୁର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଏସ୍‌ଏମସି ଅଧ୍ୟକ୍ଷ, ଶିକ୍ଷା କମିଟି ସଦସ୍ୟ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ନାଚୁଣୀ କ୍ଲଷ୍ଟର ଓ ପ୍ରତି ସ୍କୁଲସ୍ତରୀୟ ନୂତନ କମିଟି ଗଠନ କରି ଶିକ୍ଷା ସଚେତନତା ଅଭିଯାନ ମାଧ୍ୟମରେ ସ୍କୁଲ ଛାଡ଼ିଥିବା ପିଲାଙ୍କୁ ପୁଣି ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପ୍ରୟାସ କରିବାକୁ ମତ ପ୍ରକାଶ ପାଇଥିଲା। ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ ଶବର କ୍ଲଷ୍ଟରସ୍ତରୀୟ କମିଟିର ସମସ୍ତ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। କମିଟି ସଦସ୍ୟ ଭାବେ ପ୍ରଦୀପ ସୁବୁଦ୍ଧି, ନମିତା ଦେବୀ, ମନୋଜ ପ୍ରଧାନ, ପ୍ରଦୀପ ମହାରଣା, ସୁବାସ ତ୍ରିପାଠୀ, ସଙ୍ଗୀତା ଆଚାର୍ଯ୍ୟ, ନାଚୁଣୀ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ସବିତା ଦେଈ ଉପସ୍ଥିତ ଥିଲେ। ଚାଇଲ୍ଡ ଟ୍ରାକିଂ ସର୍ଭେ (ସିଟିଏସ) ମାଧ୍ୟମରେ ନାଚୁଣୀ କ୍ଲଷ୍ଟରରେ ଅଧାରୁ ବିଦ୍ୟାଳୟ ଛାଡ଼ିଥିବା ୩୧ ପିଲା ଚିହ୍ନଟ ହୋଇଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। ସେମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣି ସରକାରଙ୍କ ଶିକ୍ଷାନୀତିର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାରେ ସାମିଲ କରିବା, ସେମାନଙ୍କ ନିକଟରେ ମୌଳିକ ଶିକ୍ଷା ପହଞ୍ଚାଇବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମ୍ପର୍କରେ ସିଆରସିସି ମଧୁସୂଦନ ଭୋଇ ମତବ୍ୟକ୍ତ କରିଥିଲେ।

## ମଦ ସହ ବାଇକ ଜବତ; ୪ ଗିରଫ

ବେଗୁନିଆ,୧୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ତଥା ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୧୧୬ ଲିଟର ଦେଶୀମଦ ଓ ବାଇକ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ସଞ୍ଜୟ କୁମାର ସୁବୁଦ୍ଧି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ସିକୋ ଗ୍ରାମର ସନ୍ତୋଷ କୁମାର ଚହଟରାୟ, ଜଟିଆ ଚହଟରାୟ, ହୀରାପୁରର ବସନ୍ତ କୁମାର ବେହେରା ଓ ଚଟୁଆର ସନ୍ତୋଷ ସାହୁ।

## ଯୁବକ ନିଖୋଜ; ଫାଣ୍ଡିରେ ଅଭିଯୋଗ

ଟାଙ୍ଗୀ,୧୩।୮ (ସମିସ): ଟାଙ୍ଗୀ ଥାନା କନ୍ତଳବାଇ ପଞ୍ଚାୟତ ଝଟିନୂଆଗାଁ କଲୋନୀ ବାସିନ୍ଦା ପରିତୋଷ ମଣ୍ଡଳଙ୍କ ପୁଅ ବିବେକ ମଣ୍ଡଳ (୧୯) ନିଖୋଜ ହୋଇଯାଇଥିବା ଭୁଷଣ୍ଡପୁର ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ ହୋଇଛି। ବିବେକଙ୍କ ଉଚ୍ଚତା ୫ ଫୁଟ, ଗୌର ବର୍ଣ୍ଣ, ମୁହଁ ଲମ୍ବା, ପତଳା ସ୍ୱାସ୍ଥ୍ୟ ଓ ଆଗ ଦାନ୍ତ ପୋକ ଖାଇ କଳା ପଡ଼ିଯାଇଛି। ପ୍ରାୟ ୬ଦିନ ହେଲା ତାଙ୍କ ସନ୍ଧାନ ମିଳୁନାହିଁ। କୌଣସି ସହୃଦୟ ବ୍ୟକ୍ତି ତାଙ୍କ ସନ୍ଧାନ ପାଇଲେ ମୋବାଇଲ ନଂ ୭୨୦୫୨୧୬୩୬୦ରେ ଜଣାଇବାକୁ ବାପା ପରିତୋଷ ନିବେଦନ କରିଛନ୍ତି।

## ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ

ଜଟଣୀ,୧୩।୮ (ସମିସ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ବୁଧବାର ସ୍ଥାନୀୟ ରେଳମଣ୍ଡଳ ମୁଖ୍ୟାଳୟରେ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଡିଆରୟୁସିସି) ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ମଣ୍ଡଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବାଣିଜ୍ୟ ଏବଂ ଶିଳ୍ପ ଚାମ୍ବର, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ, ଯାତ୍ରୀସଂଘ, ଗ୍ରାହକ ମଞ୍ଚ ଏବଂ ଅନ୍ୟ ହିତାଧିକାରୀ ଗୋଷ୍ଠୀର ପ୍ରତିନିଧିଙ୍କ ସମେତ ବହୁ ଡିଆରୟୁସିସି ସଦସ୍ୟ ଯୋଗଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ତ୍ରିପାଠୀ ଡିଆରୟୁସିସି ସଦସ୍ୟଙ୍କ ମୂଲ୍ୟବାନ ମତାମତ ଏବଂ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରି ଯାତ୍ରୀସେବା ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ବୈଠକ ସମୟରେ ଉପସ୍ଥାପନ କରାଯାଇଥିବା ମୂଲ୍ୟବାନ ପରାମର୍ଶ ଏବଂ ଚିନ୍ତାକୁ ପ୍ରାଥମିକତା ଦିଆଯିବ ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ରେଳ ବ୍ୟବହାରକାରୀଙ୍କ ପାଇଁ ଉନ୍ନତ ସୁବିଧା ଏବଂ ଉତ୍ତମ ସେବା ପ୍ରଦାନ ସୁନିଶ୍ଚିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।



ବୈଠକରେ ଯାତ୍ରୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ମତ ବିନିମୟ ହୋଇଥିଲା। ଯାତ୍ରୀ ସୁବିଧା ଏବଂ ସେବା ବୃଦ୍ଧି, ଜନସାଧାରଣଙ୍କ ଦାବିର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଜନା ଆଦି ବିଷୟରେ ଆଲୋଚନା ହୋଇଥିଲା। ସଦସ୍ୟମାନେ ନୂତନ ଟ୍ରେନ୍ ପ୍ରଚଳନ, ବିଦ୍ୟମାନ ସେବାର ସମ୍ପ୍ରସାରଣ ଏବଂ ଆଞ୍ଚଳିକ ଆବଶ୍ୟକତା ପୂରଣ କରିବା ସହ ଟ୍ରେନଗୁଡ଼ିକ ପାଇଁ ଅତିରିକ୍ତ ରହଣି ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ବେହେରା, ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଧିବେଶନକୁ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ସଚିବ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନୀଲ କୁମାର ଏସ୍ ସଂଯୋଜନା କରିଥିଲେ।

## ଜଟଣୀ ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ପୂଜା ପାଇଁ ସମସ୍ତ ସୁବିଧା ପ୍ରଦାନ କରାଯିବ

ଜଟଣୀ,୧୩।୮ (ସମିସ): ଜଟଣୀ ପୌର ପରିଷଦ ଓ ବ୍ୟବସାୟୀ ମହାସଂଘ ପକ୍ଷରୁ ଜଟଣୀ ଗଣେଶ ପୂଜା ପାଇଁ ପୃଥକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ଗଣେଶ ପୂଜାକୁ ସୁରୁଖୁରୁରେ ପାଳନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଜଟଣୀ ପୌରାଧ୍ୟକ୍ଷ



ଅନନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଟଣୀ ଗଣେଶ ପୂଜା ସମୟରେ ପରିମଳ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳଯୋଗାଣ, ଗମନାଗମନ ସହ ଆଇନଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଆଗତ ସମସ୍ତ ଅଭିଯୋଗର ସମାଧାନ ପୂଜା ପୂର୍ବରୁ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ପୌର ଉପାଧ୍ୟକ୍ଷା ଆରତୀ ରାଉତ, ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣ ମିଶ୍ର, ଥାନା ଏସ୍‌ଆଇ, ଅଗ୍ନିଶମ ଅଧିକାରୀ, ଆରଆଣ୍ଡବି ଯନ୍ତ୍ରୀ, ୱାଟକୋ ଯନ୍ତ୍ରୀ, ବିଦ୍ୟୁତ ବିଭାଗ ଏସଡିଓ ସମେତ ବିଭିନ୍ନ ସାହିବସ୍ତି ଏବଂ କ୍ଲବ ପୂଜା କମିଟିର ସଦସ୍ୟ, ସ୍ଥାନୀୟ କାଉନସିଲର ଓ ଜନସାଧାରଣ ଯୋଗଦେଇଥିଲେ। ତେବେ ଜଟଣୀ ଗଣେଶ ପୂଜାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଜଟଣୀ ବ୍ୟବସାୟୀ ମହାସଂଘରୁ କେବଳ ତିନି ବ୍ୟବସାୟୀ ସଂଘର କର୍ମକର୍ତ୍ତା ଏହି ବୈଠକରେ ଯୋଗଦେଇଥିଲା ବେଳେ ଅନ୍ୟ ବ୍ୟବସାୟୀ ସଂଘ, ବିଧାୟକ, ସାଂସଦ ଓ ସେମାନଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ଜଟଣୀ ବ୍ୟବସାୟୀ ମହାସଂଘ ଓ ଭସାଣି କମିଟି ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। କୁଦିଆରୀ ଗ୍ରାମସ୍ଥ ଝରଣା କଲ୍ୟାଣ ମଣ୍ଡପ ପରିସରରେ ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ ଏବଂ ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ନେତୃତ୍ୱରେ ବୈଠକ ଓ ସାମ୍ବାଦିକ ସମିଳନୀ ହୋଇଥିଲା। ଏଥିରେ ଜଟଣୀର ୨୦ ବ୍ୟବସାୟ ସଂଘ ସଭାପତି, ସମ୍ପାଦକଙ୍କ ସହ ବହୁ ବ୍ୟବସାୟୀ ଯୋଗଦେଇଥିଲେ। ୨୭ ତାରିଖ ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ଭସାଣି ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ପୂଜା ଆୟୋଜନ ନେଇ ଆଲୋଚନା ହୋଇଥିଲା। ଜଟଣୀ ବ୍ୟବସାୟ ପେଣ୍ଠସ୍ଥଳରେ ଥିବା ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟିରେ ରହିଥିବା ସୁବିଧା ଅସୁବିଧାକୁ ବଜାର କମିଟି ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ମିଳୁଥିବା ପ୍ରତିଶ୍ରୁତିକୁ ସଠିକ ଭାବେ ପାଳନ କରାଯାଉ ନ ଥିବାରୁ ବୈଠରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଟଣୀ ବ୍ୟବସାୟୀ ମହାସଙ୍ଘ ଅଧୀନରେ ସମସ୍ତ ବ୍ୟବସାୟୀ ପରମ୍ପରା ଓ ଐତିହ୍ୟକୁ ବଜାୟ ରଖି ପୂଜା ପାଳନ କରିବା ପାଇଁ ସର୍ବସମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ଭଳି ଭସାଣି ପରଦିନ ଜଟଣୀର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବା, ପୂଜା ସମୟରେ ୨୪ ଘଣ୍ଟା ବିଦ୍ୟୁତ, ସହର ଏବଂ ପୂଜା ପେଣ୍ଡାଲ ଚାରିପାଖର ପରିମଳ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ପେଣ୍ଡାଲରେ ଅଗ୍ନି ନିରାପତ୍ତା, ପାନୀୟ ଜଳ ଏବଂ ଆଶୁ ଚିକିତ୍ସା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।



ସମସ୍ତ ସୁବିଧା ଅସୁବିଧା ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇ ପୂଜା ପୂର୍ବରୁ ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ମହାସଂଘ ସଭାପତି ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ପୂର୍ବତନ ଜଟଣୀ ନଗରପାଳ ତଥା ଭସାଣି କମିଟି ସଭାପତି ସଂଗ୍ରାମକେଶରୀ ରାଉତରାୟ, ବ୍ୟବସାୟୀ ମହାସଂଘ ଯୁଗ୍ମ ସମ୍ପାଦକ ରମେଶଚନ୍ଦ୍ର ମହାପାତ୍ର, ଜାନକୀବଲ୍ଲଭ ମିଶ୍ର, ସୁରେନ୍ଦ୍ର ସାହୁ, ରବୀନ୍ଦ୍ର ଅଗ୍ରୱାଲ, ଶରତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବାଲୁଗାଁ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

ବାଲୁଗାଁ,୧୩।୮ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ବାଲୁଗାଁ ମହାବିଦ୍ୟାଳୟ ତରଫରୁ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସ୍କୃତ ଶିକ୍ଷକ ଅଶୋକ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ସମ୍ପର୍କରେ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ସଂସ୍କୃତ ଭାଷାରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଯୁକ୍ତଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେବଭାଷା ସଂସ୍କୃତର ଲୋକପ୍ରିୟତା ଲାଗି ସମସ୍ତ ଅନୁଷ୍ଠାନ କାର୍ଯ୍ୟ କରିବା ଉଚିତ ବୋଲି ଅଧ୍ୟକ୍ଷ ଡ. ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ବିଭିନ୍ନ ପୁରାଣ ଓ ଭାଗବତ ଗୀତାରୁ ଶ୍ଲୋକ ଆବୃତ୍ତି କରିଥିଲେ। ଅଧ୍ୟାପିକା ମୋନାଲିସା ମାନସିଂହ, ରୀନା ରାଉତ ଓ ପ୍ରିୟମ୍ବଦା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ସଂସ୍କୃତ ଭାଷାରେ ଧନ୍ୟବାଦ ଅର୍ପଣ କରିଥିଲେ।



# ଆସନ୍ତା ମାସ ଆମେରିକା ଯିବେ ମୋଦୀ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ିବାରେ ଲାଗିଛି। ସେ ଭାରତ ଉପରେ ୫୦ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛନ୍ତି। ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସ ଶେଷ ସପ୍ତାହରେ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସେ ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ବାର୍ଷିକ ବୈଠକରେ ସାମିଲ ହୋଇପାରନ୍ତି। ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରି ବ୍ୟବସାୟ ଏବଂ ଶୁଳ୍କ ସମ୍ବନ୍ଧିତ ବିବାଦର ସମାଧାନ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ। ଏହି ଅବସରରେ ଉଭୟ ନେତା ବାଣିଜ୍ୟ ଚୁକ୍ତିର ଘୋଷଣା ମଧ୍ୟ କରିପାରନ୍ତି। ମୋଦୀ ସେପ୍ଟେମ୍ବର ୨୬ରେ ୟୁଏନଜିଏକୁ ସମ୍ବୋଧନ କରିବେ। ଏହି ସମୟରେ ସେ ଟ୍ରମ୍ପ ଏବଂ ଅନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କି ମଧ୍ୟ ୟୁଏନଜିଏରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦେଖା କରିପାରନ୍ତି ବୋଲି କହିଛନ୍ତି। ଏହା ପୂର୍ବରୁ ମୋଦୀ ଗତ ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟହାଉସରେ ଟ୍ରମ୍ପଙ୍କୁ ଭେଟିଥିଲେ। ଏଠାରେ ଶୁଳ୍କକୁ ନେଇ ମୋଦୀଙ୍କୁ ଟ୍ରମ୍ପ ପ୍ରଶଂସା କରି ଉତ୍ତମ ମୂଳଚାଲ କରୁଥିବା ବ୍ୟକ୍ତି ବୋଲି କହିଥିଲେ। ସେ ଭଲ କାମ କରୁଥିବା ଉଲ୍ଲେଖ କରିଥିଲେ।

# ଭାରତ ଆସିବେ ଚୀନ୍ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ କୂଟନୈତିକ ସମ୍ପର୍କରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି। ଆସନ୍ତା ସପ୍ତାହରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଆସିବେ। ୱାଙ୍ଗ ଆସନ୍ତା ୧୮ ତାରିଖରେ ଭାରତ ଆସି ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କୁ ଭେଟିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ୍ ଗସ୍ତ ପୂର୍ବରୁ ୱାଙ୍ଗ ଭାରତ ଆସିବାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ୨୦୨୦ରେ ଗଲୱାନ ଘାଟିରେ ଦୁଇ ଦେଶର ସୈନିକଙ୍କ ସଂଘର୍ଷ ଫଳରେ ସମ୍ପର୍କର ଅବନତୀ ହୋଇଥିଲା। ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଓ କୂଟନୈତିକ ସମ୍ପର୍କରେ ଉନ୍ନତ ପାଇଁ ୱାଙ୍ଗ ଓ ଡୋଭାଲ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଗତମାସରେ ମଧ୍ୟ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତ କରି ଏସ୍‌ସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ଏହାପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଚୀନ୍ ଗସ୍ତ କରି ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ସେହିପରି ମୋଦୀ ଅଗଷ୍ଟ ୩୧ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ।

# ବିଦେଶୀ ଅପରାଧୀଙ୍କୁ ବିଦା କରିବ ବ୍ରିଟେନ

ଲଣ୍ଡନ, ୧୩।୮ (ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଦେଶରେ ଥିବା ବିଦେଶୀ ଅପରାଧୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ଦେଶରୁ ସବୁ ବିଦେଶୀ ଅପରାଧୀଙ୍କୁ ଡିପୋର୍ଟ ଅର୍ଥାତ ଦେଶରୁ ବାହାର କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। ସେ ଏହିକ୍ରମରେ 'ପ୍ରଥମେ ଡିପୋର୍ଟ, ପୁଣି ଅପିଲ୍' ନୀତିର ଘୋଷଣା କରିଛନ୍ତି। ଅର୍ଥାତ ବ୍ରିଟେନରେ ଅପରାଧ କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ଦେଶରୁ ବାହାର କରାଯାଇ ତାଙ୍କ ଦେଶକୁ ପଠାଯିବ। ପୂର୍ବରୁ ଏଥିପାଇଁ ପ୍ରଥମେ ଅପିଲ କରିବାକୁ ପଡୁଥିଲା। କିନ୍ତୁ ଏବେ ଏହାର ସୁଯୋଗ ମିଳିବ ନାହିଁ। ଏବେ ନିଜ ଦେଶକୁ ଯାଇ ସମ୍ପୃକ୍ତ ଅପରାଧୀ ଅପିଲ୍ କରିବେ। ଏ ସଂକ୍ରାନ୍ତରେ ଜାରି ହୋଇଥିବା ନୂଆ ସୂଚୀରେ ଭାରତ, କାନାଡା ଓ ଅଷ୍ଟ୍ରେଲିଆ ଭଳି ଦେଶକୁ ସାମିଲ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନକୁ ସାମିଲ କରାଯାଇ ନାହିଁ। କିଛି ଦିନତଳେ କୁଖ୍ୟାତ ଗ୍ରୁମିଂ ଗ୍ୟାଙ୍ଗ୍ ମାମଲାରେ ପାକିସ୍ତାନର କେତେଜଣ ନାଗରିକଙ୍କୁ ଗିରଫ କରାଯାଇଥିଲା। ଜାରି ହୋଇଥିବା ନୂଆ ଆଇନ୍‌ର ଦୁର୍ବ୍ୟବହାର କରିବୁ ନାହିଁ ବୋଲି ବ୍ରିଟେନ ଗୃହମନ୍ତ୍ରୀ ୟେଭେଜେଟ୍ କୁପର କହିଛନ୍ତି। କିନ୍ତୁ ଅପିଲକୁ ବାହନା କରି ଅପରାଧୀମାନେ ବ୍ରିଟେନରେ ଆଉ ରହିପାରିବେ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ବ୍ରିଟେନ ଜେଲ୍‌ରେ ଏବେ ୧୦୦ ପ୍ରତିଶତରୁ ଅଧିକ ଅପରାଧୀ ରହୁଛନ୍ତି। ବ୍ରିଟେନର ଜେଲ୍‌ରେ ଏବେ ୩୨୦ ଭାରତୀୟ ଅପରାଧୀ ରହୁଥିବା ବେଳେ ୩୧୭ ପାକିସ୍ତାନୀ ରହୁଛନ୍ତି। ପୂର୍ବରୁ ଏହି ତାଲିକାରେ ନାଇଜେରିଆ, ଇସ୍ତୋନିଆ, ଫିନ୍‌ଲ୍ୟାଣ୍ଡ, ଅଲବାନିଆ, ବେଲିଜ, ମରିସସ୍, ତାଞ୍ଜାନିଆ ଓ କୋସୋଭୋ ଭଳି ଦେଶ ସାମିଲ ରହିଥିଲେ।

# ଟ୍ରକ୍‌କୁ ଧକ୍କା ଦେଲା ପିକ୍-ଅପ୍; ୧୧ ମୃତ

ଜୟପୁର, ୧୩।୮ (ଏଜେନ୍ସି): ରାଜସ୍ଥାନ ଦୌସା ସୈନ୍ଥଲ ଥାନା ଅନ୍ତର୍ଗତ ବାପି ଗ୍ରାମ ନିକଟସ୍ଥ ଏନଏଚ-୧୪୮ରେ ବୁଧବାର ବଡି ଭୋରରେ ବଡ଼ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍-ଅପ୍ ଧକ୍କା ଦେଇଛି। ଏଥିରେ ୭ ଶିଶୁଙ୍କ ସହିତ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଜୟପୁରର ସବାଇ ମାନସିଂହ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି। ସମସ୍ତେ ଉତ୍ତର ପ୍ରଦେଶ ଏଟା ଏବଂ ଫିରୋଦାବାଦର ବାସିନ୍ଦା ଥିଲେ। ଜିଲ୍ଲାଧିକାରୀ ପ୍ରେମରଞ୍ଜନ ସିଂହଙ୍କ ସୂଚନା ଅନୁଯାୟୀ ଏଟାର ଅସରୌଲି ଗ୍ରାମରୁ ଦୁଇଟି ପିକ୍-ଅପ୍ ଭ୍ୟାନରେ ୪୫ ଶ୍ରଦ୍ଧାଳୁ ଖଟୁଶ୍ୟାମଙ୍କ ଦର୍ଶନ କରିବାକୁ ଯାଇଥିଲେ। ତେବେ ଦର୍ଶନ ସାରି ଫେରିବା ସମୟରେ ଶିଶୁ ଏବଂ ମହିଳାଙ୍କୁ ନେଇ ଆସୁଥିବା ପିକ-ଅପ୍‌ଟି ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ମୋଟ ୨୨ ଜଣ ଶ୍ରଦ୍ଧାଳୁ ଥିଲେ। ସୂଚନାଯୋଗ୍ୟ ଯେ ଦେଶରେ ସଡ଼କ ଦୁର୍ଘଟଣାରେ ରାଜସ୍ଥାନ ୬ ନମ୍ବର ସ୍ଥାନରେ ରହିଛି। ୨୦୨୨ର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ରାଜସ୍ଥାନରେ ୧୧ ହଜାର ଲୋକଙ୍କ ଜୀବନ ଯାଉଛି।

# ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତିଙ୍କ ଚାଲେଞ୍ଜ




## ଅପେକ୍ଷା କରିଛି; ଗିରଫ କରି ଦେଖାଅ

**ରାଷ୍ଟ୍ରପତି ମାଦୁରୋଙ୍କ ଉପରେ ୪୨୦ କୋଟି ପୁରସ୍କାର**

**୨ଟି ଜେଟ୍ ସମେତ ୭୦୦ ନିୟୁତ ଡଲାରର ସମ୍ପତ୍ତି ଜବତ**

**ଦଖଲ ଦେଲେ ଆମେରିକା ସାମ୍ରାଜ୍ୟର ପତନ ହେବ: ମାଦୁରୋ**

**ଭେନଜୁଏଲାକୁ ସମର୍ଥନ ଦେଲେ କଲମ୍ବିଆ ରାଷ୍ଟ୍ରପତି**

କାରାକସ୍, ୧୩।୮ (ଏଜେନ୍ସି): ମନଇଚ୍ଛା ଧମକ ଦେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଆହ୍ୱାନ ମିଳିଛି। ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। 'ଯଦି ପାରିବ ମୋତେ ଗିରଫ କରି ଦେଖାଅ। ଏଥିପାଇଁ ରାଷ୍ଟ୍ରପତି ଭବନ ମିରାଫ୍ଲୋରେସରେ ଅପେକ୍ଷା କରି ରହିଛି। କାପୁରୁଷମାନେ ଏହି କାର୍ଯ୍ୟରେ ଜମାରୁ ବିଳମ୍ବ କରନାହିଁ ବୋଲି ମାଦୁରୋ କହିଛନ୍ତି।


ସୂଚନା ଅନୁଯାୟୀ ଆମେରିକା ଗତ ୭ ତାରିଖରେ ମାଦୁରୋଙ୍କୁ ଗିରଫ କରିବା ଲାଗି ୨.୫ କୋଟି ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ଏହାବ୍ୟତୀତ ତାଙ୍କ ସହ ଜଡ଼ିତ ୭୦୦ ନିୟୁତ ଡଲାର (ପ୍ରାୟ ୬୧୨୭ କୋଟି ଟଙ୍କା)ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଛି। ଏଥିରେ ଦୁଇଟି ଘରୋଇ ବିମାନ ସାମିଲ ରହିଛି। ଆମେରିକା ମାଦୁରୋଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡିବାରେ ଲାଗିଛି। ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି ଯେ ମାଦୁରୋ ନିଶା ଚାଲାଣ କରୁଛନ୍ତି ଏବଂ ନିଶା କାରବାର କରୁଥିବା ଗୋଷ୍ଠୀ ସହ ମିଶି ଆମେରିକାକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଛନ୍ତି। ଏବେ ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି। ସେ ଏହାକୁ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମାଦୁରୋ। ଦେଶର ଘରୋଇ ମାମଲାରେ ହସ୍ତକ୍ଷେପ ନକରିବାକୁ ଟ୍ରମ୍ପଙ୍କୁ ଚେତାବନୀ ଦେଇଛନ୍ତି। ଆମେରିକା ନେତା ଏଭଳି ପ୍ରୟାସ କଲେ ଦୃଢ଼ ଜବାବ ଦିଆଯିବ। ଏହାଦ୍ୱାରା ଆମେରିକା ସାମ୍ରାଜ୍ୟର ବି ଅନ୍ତ ହୋଇପାରେ। ଭେନଜୁଏଲା ସେନାମୁଖ୍ୟ ଡୋମିଙ୍ଗୋ ହର୍ଣ୍ଣାଣ୍ଡିଜ ଲାରେଜ ମଧ୍ୟ ମାଦୁରୋଙ୍କୁ ସମର୍ଥନ ଦେଇଛନ୍ତି। ସେନା ତାଙ୍କ ସହ ଅଛି ବୋଲି କହିଛନ୍ତି। ହଲିଉଡ ଚଳଚ୍ଚିତ୍ର ପରି ଆମେରିକା ଆମ ରାଷ୍ଟ୍ରପତିଙ୍କ ଗିରଫ ପାଇଁ ପୁରସ୍କାର ଘୋଷଣା କରୁଛି। ଏହା ଦେଶ ପାଇଁ ଅପମାନ। ସେହିପରି ରାଷ୍ଟ୍ରପତିଙ୍କ ଉପରେ ପୁରସ୍କାର ରାଶି ବୃଦ୍ଧି ଘୋଷଣା କରି ଆମେରିକା ରାଜନୈତିକ ଅପପ୍ରଚାର କରୁଛି ବୋଲି ବିଦେଶମନ୍ତ୍ରୀ ଇଭାନ ଗିଲ୍ କହିଛନ୍ତି।

୨୦୨୦ରେ ଆମେରିକାର ମ୍ୟାନହାଟନ ସଂଘୀୟ ଅଦାଲତରେ ମାଦୁରୋଙ୍କ ବିରୋଧରେ ନାର୍କୋ-ଟେରରିଜିମ ଏବଂ କୋକେନ ଚାଲାଣ ମାମଲାର ଅଭିଯୋଗ କରାଯାଇଥିଲା। ସେ ସମୟରେ ଟ୍ରମ୍ପ ପ୍ରଶାସନ ଭେନଜୁଏଲା ରାଷ୍ଟ୍ରପତିଙ୍କ ଗିରଫ ପାଇଁ ୧.୫ କୋଟି ଡଲାର ପୁରସ୍କାର ଘୋଷଣା କରିଥିଲା। ଏହା ପରେ ଟ୍ରମ୍ପ ପ୍ରଶାସନ ଗତ ଗୁରୁବାର ଏହାକୁ ୨.୫ କୋଟି ଡଲାରକୁ ବୃଦ୍ଧି କରିଥିଲେ। ସୂଚନାଯୋଗ୍ୟ ଯେ ମାଦୁରୋ ୨୦୧୩ରୁ ଭେନଜୁଏଲାରେ କ୍ଷମତାରେ ଅଛନ୍ତି। ଆମେରିକା, ୟୁରୋପୀୟ ସଂଘ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇଛନ୍ତି। ଭେନଜୁଏଲାକୁ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ସମର୍ଥନ ଦେଇଛନ୍ତି। ଭେନଜୁଏଲା ଉପରେ ଆକ୍ରମଣକୁ କଲମ୍ବିଆ ଉପରେ ଆକ୍ରମଣ ଭାବେ ଧରାଯିବ ବୋଲି କହିଛନ୍ତି। ଭେନଜୁଏଲା ସାର୍ବଭୌମତ୍ୱର ରକ୍ଷା କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସାର୍ବଭୌମତ୍ୱ ସହ ସାଲିସ ନ କରି ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।

# ସେନାମୁଖ୍ୟଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଧମକ

ଇସଲାମାବାଦ, ୧୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'ରେ ଭୟଭୀତ ହୋଇ ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ନିଜର ପୁରୁଣା ଦୋଷକୁ ଛାଡ଼ି ପାରୁନି। ଖାଲି ବୃଥା ପ୍ରଳାପ କରି ଚାଲିଛି। ଭାରତ ସିନ୍ଧୁ ଚୁକ୍ତି ସ୍ଥଗିତ କରିବା ଦିନଠାରୁ ପାକିସ୍ତାନର ନିଦ ହଜି ଯାଇଛି। ପାଣି ପାଇଁ ଚାତକ ପରି ଚାହିଁ ରହିଥିବା ପାକିସ୍ତାନ ପାଇଁ ଏହା ଅସହ୍ୟ ହୋଇଯାଇଛି। ପାକିସ୍ତାନ ସେନାମୁଖ୍ୟ, ପୂର୍ବତନ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ପରେ ଏବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଭାରତକୁ ଧମକ ଦେଇଛନ୍ତି। ସିନ୍ଧୁ ନଦୀର ପାଣି ରୋକିଲେ ନିର୍ଣ୍ଣାୟକ ଉପାୟରେ ଭାରତକୁ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି। ଇସଲାମାବାଦରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହବାଜ ସରିଫ ଏହି ଧମକ ଦେଇଛନ୍ତି।



ଶାହବାଜ କହିଥିଲେ ଯେ ଭାରତ ଖାଲି ପାଣି ବନ୍ଦ କରିବାକୁ ଧମକ ଦେଉଛି। କିନ୍ତୁ ପାକିସ୍ତାନର ବୁନ୍ଦେ ପାଣିକୁ ବି ଭାରତ ଛଡ଼ାଇ ନେଇପାରିବ ନାହିଁ। ଯଦି ଏଭଳି କରିବାକୁ ପ୍ରୟାସ କରାଯାଏ, ତେବେ ତାହା ସିନ୍ଧୁ ଚୁକ୍ତିର ଉଲ୍ଲଙ୍ଘନ ହେବ। ପାକିସ୍ତାନ ଏହାର ଦୃଢ଼ ଜବାବ ଦେବ। ପାଣି ହେଉଛି ପାକିସ୍ତାନର ଜୀବନ ରେଖା। ଅନ୍ତର୍ଜାତୀୟ ଚୁକ୍ତି ଅଧୀନରେ ଦେଶକୁ ମିଳିଥିବା ଅଧିକାର ସହ କେବେ ବି ସାଲିସ କରାଯିବ ନାହିଁ।

ଏହାକୁ ମିଶାଇ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ପ୍ରମୁଖ ବ୍ୟକ୍ତି ଭାରତକୁ ଏଭଳି ଧମକ ଦେଲେଣି। ପ୍ରଥମେ ସେନାମୁଖ୍ୟ ଅସିମ ମୁନୀର ଆମେରିକାରେ ରହି ଏହି ଦେଶର ନିୟମକୁ ଉଲ୍ଲଙ୍ଘନ କରି ଭାରତକୁ ପରମାଣୁ ଧମକ ଦେଇଥିଲେ। ପରେ ଗତକାଲି ବିଲାୱଲ ଭୁଟ୍ଟୋ ସିନ୍ଧୁ ଜଳ ରୋକିଲେ ଯୁଦ୍ଧ ହେବ ବୋଲି କହିଥିଲେ। ଆମେରିକା ବଳରେ ପାକିସ୍ତାନ ଏଭଳି ଭାରତ ବିରୋଧୀ ମନ୍ତବ୍ୟ ଦେଇଚାଲିଛି ବୋଲି କୁହାଯାଉଛି।

# ରିପୋର୍ଟ ପାଇଁ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ହୋଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮: ସାମ୍ବାଦିକମାନଙ୍କ ଦ୍ୱାରା ପ୍ରକାଶିତ କୌଣସି ଖବର ଆଲେଖ୍ୟ ବା ଭିଡିଓ ପାଇଁ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରାଯାଇପାରିବ ନାହିଁ। ଭାରତୀୟ ନ୍ୟାୟ ସଂହିତା ବା ବିଏନ୍ଏସ୍‌ର ଧାରା ୧୫୨ ସେମାନଙ୍କ ବିରୋଧରେ ପ୍ରୟୋଗ କରାଯାଇପାରିବ ନାହିଁ। ନ୍ୟୁଜ ୱେବସାଇଟ୍ 'ଦି ୱାୟାର'ର ସଂପାଦକ ସିଦ୍ଧାର୍ଥ ବର୍ଦ୍ଧରାଜନଙ୍କ ବିରୋଧରେ ଆଗତ ଏଭଳି ମାମଲାକୁ ଖାରଜ କରି ଏହା କହିଛନ୍ତି ସୁପ୍ରିମକୋର୍ଟ। ଆସାମ ପୁଲିସ ଏହି ମାମଲାରେ ତାଙ୍କୁ ଗିରଫ କରିପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଅପରେସନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା ଏହାର କିଛି ଯୁଦ୍ଧ ବିମାନ ହରାଇଛି ବୋଲି 'ଦି ୱାୟାର'ରେ ପ୍ରସାରିତ ହୋଇଥିଲା। ଏହା ଦେଶଦ୍ରୋହ ବୋଲି ଯୁକ୍ତି କରି ତାଙ୍କ ବିରୋଧରେ ଆସାମ ପୁଲିସ ବିଏନ୍ଏସ୍ ଧାରା ୧୫୨ ଲାଗୁ କରିଥିଲା। ଅନ୍ୟପକ୍ଷରେ ବର୍ଦ୍ଧରାଜନ କହିଥିଲେ ଯେ ଭାରତୀୟ ସେନା ଅଧିକାରୀ ଦେଇଥିବା ସୂଚନାକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ ଯେ କୌଣସି ରିପୋର୍ଟ ବା ନ୍ୟୁଜ୍ ଭିଡିଓ ପାଇଁ ସାମ୍ବାଦିକଙ୍କୁ ଦେଶଦ୍ରୋହ ମାମଲାର ଫସାଇବା ଠିକ୍ କି? ସେମାନଙ୍କୁ କଣ ଏଥିପାଇଁ ଗିରଫ କରାଯିବ? ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସାମ୍ବାଦିକଙ୍କ ଦ୍ୱାରା ଲିଖିତ ରିପୋର୍ଟ କିପରି ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ? ଏହା ହେଉଛି କେବଳ ନ୍ୟୁଜ ଆର୍ଟିକଲ। ଭାରତ ଭିତରକୁ ଚାଲାଣ ହୋଇଥିବା ବେଆଇନ ଅସ୍ତ୍ରଶସ୍ତ୍ର ନୁହେଁ।

**ସାଭରକର ମାନହାନୀ ମାମଲା**

# 'ରାହୁଲଙ୍କ ଜୀବନ ପ୍ରତି ବିପଦ ଅଛି'

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ତାଙ୍କ ଓକିଲ ଅଭିଯୋଗ କରିଛନ୍ତି। ପୁଣେର ଏକ କୋର୍ଟରେ ସେ ଏହି ଅଭିଯୋଗ ଆଣିଛନ୍ତି। ବୀର ସାଭରକର ମାନହାନୀ ମୋକଦ୍ଦମା ଶୁଣାଣି ବେଳେ ରାହୁଲଙ୍କ ଓକିଲ କହିଲେ ଯେ ତାଙ୍କ ବିରୋଧରେ ମାନହାନୀ କେସ୍ ଦାଏର କରିଥିବା ଲୋକମାନେ ହେଉଛନ୍ତି ନାଥୁରାମ ଗଡ୍‌ସେଙ୍କ ବଂଶଧର। ଏହି ମାମଲାରେ ରାହୁଲ ଏମ୍‌ପି/ଏମ୍ଏଲଏ ସ୍ୱତନ୍ତ୍ର କୋର୍ଟରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଓ ନିରପେକ୍ଷ ଭାବେ ଶୁଣାଣି କରିବାକୁ ସେ ଅପିଲ କରିଛନ୍ତି। ଏହା ରାଜ୍ୟର ସାମ୍ବିଧାନିକ ଦାୟିତ୍ୱ ବୋଲି ସେ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ।

ଭୋଟ ଚୋରି ଅଭିଯୋଗ କରିବା ପରେ ରାହୁଲ ଗାନ୍ଧୀଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି ବୋଲି ତାଙ୍କ ଓକିଲ ମିଲିନ୍ଦ ପାୱାର କହିଛନ୍ତି। ବିଜେପି ନେତା ଆରଏନ୍ ବିଟ୍ଟୁ ରାହୁଲଙ୍କୁ ଆତଙ୍କବାଦୀ ବୋଲି କହିଥିବା କଥା ସେ କୋର୍ଟରେ କହିଛନ୍ତି। ସେହିପରି ଯଦି ରାହୁଲ ତାଙ୍କ ଆଚରଣ ନ ବଦଳାନ୍ତି ତେବେ ତାଙ୍କ ଅବସ୍ଥା ଜେଜେମା ଇନ୍ଦିରା ଗାନ୍ଧୀଙ୍କ ଭଳି ହେବ ବୋଲି ବିଜେପିର ଅନ୍ୟଏକ ନେତା ତରବିନ୍ଦର ମାରବାହ କହିଥିଲେ ବୋଲି ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ସେହିପରି ସାଭରକର ଓ ଗଡସେଙ୍କ ପରିବାର ସହ ମାନହାନୀ ମକଦ୍ଦମା କରିଥିବା ସାତ୍ୟକୀ ସାଭରକରଙ୍କ ସମ୍ପର୍କ ରହିଛି ବୋଲି ମିଲିନ୍ଦ କହିଛନ୍ତି। ଜଣେ ସଚ୍ଚା ହିନ୍ଦୁ କେବେବି ହିଂସକ ହୋଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି। ଉଲ୍ଲେଖଥାଉ କି, ରାହୁଲ ୨୦୨୩ ମାର୍ଚ୍ଚରେ ତାଙ୍କ ଲଣ୍ଡନ ଭାଷଣରେ ଭିଡି ସାରଭରକରଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ଓ ସାତ୍ୟକୀ ଏହା ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ।



ଅବଶ୍ୟ ରାହୁଲ ପୂର୍ବରୁ ଏକାଧିକ ବାର ସାଭରକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ। ତାଙ୍କୁ ଏଥିପାଇଁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୨୬ରେ ତାଗିଦ ମଧ୍ୟ କରିଛନ୍ତି।

# ତାମିଲନାଡୁ ରାଜ୍ୟପାଳଙ୍କଠାରୁ ଡିଗ୍ରୀ ନେବାକୁ ମନାକଲେ ପିଏଚ୍‌ଡି ଛାତ୍ରୀ




ଚେନ୍ନଇ, ୧୩।୮ (ଏଜେନ୍ସି): ତାମିଲନାଡୁର ମନୋନମନିୟମ ସୁନ୍ଦରନର ବିଶ୍ୱବିଦ୍ୟାଳୟ (ଏମ୍ଏସ୍‌ୟୁ)ରେ ବୁଧବାର ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଥିରେ ଜଣେ ପିଏଚ୍‌ଡି ଛାତ୍ରୀ ରାଜ୍ୟପାଳ ରବିଙ୍କ ଠାରୁ ଡିଗ୍ରୀ ନେବାକୁ ମନା କରିଦେଇଛନ୍ତି। ଅନ୍ୟପକ୍ଷରେ ସେ କୁଳପତିଙ୍କ ଠାରୁ ଏହି ଡିଗ୍ରୀ ଗ୍ରହଣ କରିଛନ୍ତି। ଜୀନ ଯୋଶେଫ ନାମକ ଏହି ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟପାଳ ରବି ତାମିଲନାଡୁର ସ୍ୱାର୍ଥ ବିରୋଧରେ କାମ କରୁଥିବାରୁ ଏହାର ପ୍ରତିବାଦ ଜଣାଇ ତାଙ୍କ ଠାରୁ ଡିଗ୍ରୀ ନେଇନାହାନ୍ତି। ଏଭଳି ରାଜ୍ୟପାଳଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସେ ଉଚିତ ମନେ କରୁନାହାନ୍ତି। ତାମିଲନାଡୁ ସରକାର ଓ ରାଜ୍ୟପାଳ ଆରଏନ୍ ରବିଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଚାଲିଥିବା ବେଳେ ଏହି ଛାତ୍ରୀଙ୍କ ଏଭଳି ଆଭିମୁଖ୍ୟ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଯୋଶେଫ୍ ଜଣେ ଡିଏମକେ ନେତାଙ୍କ ପତ୍ନୀ ବୋଲି କୁହାଯାଉଛି।

# କଶ୍ମୀରରେ ଯବାନ ସହିଦ


ଶ୍ରୀନଗର, ୧୩।୮ (ଏଜେନ୍ସି): ଉତ୍ତର କଶ୍ମୀରର ଉରି କ୍ଷେତ୍ର ସ୍ଥିତ ଏଲଓସିରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ଏହି ଅଭିଯାନ ସମୟରେ ଜଣେ ଯବାନ ସହିଦ ହୋଇଛନ୍ତି। ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରଉ କରି ତଲାସୀ ଅଭିଯାନ ଆରମ୍ଭ କରିଦେଇଛି। ଗତ ୧୩ ଦିନ ମଧ୍ୟରେ ତୃତୀୟ ଥର ଆତଙ୍କବାଦୀ ସହ ସେନାର ସଂଘର୍ଷ ଜାରି ରହିଛି। ଏହା ପୂର୍ବରୁ ଅଗଷ୍ଟ ୧୦ରେ କିସ୍ତୱାଡର ଦୁଲ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବାର ଖବର ପାଇ ସେନା ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଯବାନଙ୍କ ଉପରେ ଗୁଳି ମାଡ଼ କରିଥିଲେ। ଏବେ ବି ଏଠାରେ ତଲାସୀ ଅଭିଯାନ ଜାରି ରହିଛି।

# ଡାକ୍ତର ଅଭାବ; ହଜାର ହଜାର ପିଜି-ୟୁଜି ସିଟ୍ ଖାଲି

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଦେଶରେ ଡାକ୍ତର ଅଭାବ ସମସ୍ୟା ଜଟିଳ ହେବାରେ ଲାଗିଛି। ଅନେକ ସରକାରୀ ହସ୍ପିଟାଲରେ ଧାର୍ଯ୍ୟ ପଦବୀରେ ଡାକ୍ତର ନାହାନ୍ତି। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଦେଶରେ ହଜାର ହଜାର ଡାକ୍ତରୀ ସିଟ୍ ଖାଲି ପଡ଼ିଛି। ଖୋଦ୍ କେନ୍ଦ୍ର ସରକାର ସଂସଦରେ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦେଶରେ ଡାକ୍ତରୀ ପଢ଼ିବା ପାଇଁ ସୁଯୋଗ ମିଳୁ ନ ଥିବାବେଳେ ପିଲା ବିଦେଶକୁ ଯାଉଛନ୍ତି। ସେଠାରେ ଭାରତଠାରୁ ବହୁତ କମ୍ ଅର୍ଥରେ ପାଠ ପଢୁଛନ୍ତି। ମାତ୍ର ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। କେବେ ଯୁଦ୍ଧ ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତ ଆଉ କେବେ ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି। ଏପରି ସ୍ଥଳେ ଦେଶରେ ମେଡିକାଲ ସିଟ୍ ଖାଲି ରହିବା ଚିନ୍ତା ବଢ଼ାଉଛି।

**ସରକାରୀ ଅନୁଷ୍ଠାନରେ ସିଟ୍ ନ ମିଳିବାରୁ ପଢିବାକୁ ବିଦେଶ ଯାଉଛନ୍ତି ପିଲା**

୨୦୨୨-୨୩ ଶିକ୍ଷା ବର୍ଷରେ ଦେଶରେ ସର୍ବାଧିକ ୪,୧୪୬ ୟୁଜି ସିଟ୍ ଖାଲି ରହିଥିଲା। ସେହିପରି ୨୦୨୧-୨୨ରେ ୨,୦୧୨ କୋଟି, ୨୦୨୩-୨୪ରେ ୨,୯୫୯ ଏବଂ ୨୦୨୪-୨୫ରେ ୨, ୮୪୯ ସିଟ୍ ଖାଲି ଥିଲା। ଟିଡିପି ସାଂସଦ ପୁଟା ମହେଶ କୁମାରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅନୁପ୍ରିୟା ପଟେଲ ଗତ ୧ ତାରିଖରେ ଏହି ସୂଚନା ଦେଇଥିଲେ। ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ସେ ସଂସଦରେ ରଖିଥିଲେ। ଏମ୍ସ ଏବଂ ଜେଆଇପିଏମଇଆରକୁ



ଛାଡ଼ି ଅନ୍ୟ ମେଡିକାଲ କଲେଜରେ ସିଟ୍ ଖାଲି ଥିବା କହିଥିଲେ। କେନ୍ଦ୍ର ସରକାର ବିଗତ କିଛି ବର୍ଷ ମଧ୍ୟରେ ଚାହିଦାକୁ ଦେଖି ଦେଶରେ ମେଡିକାଲ ସିଟ୍ ଗୁଡିକ ବୃଦ୍ଧି କରିଥିଲେ। ଅନେକ ବ୍ୟବସ୍ଥାଗତ ତ୍ରୁଟି ଏବଂ ଗଠନମୂଳକ ସମସ୍ୟା ପାଇଁ ଅଣ୍ଡର ଗ୍ରାଜୁଏଟ ମେଡିକାଲ ସିଟ୍‌ଗୁଡିକ ଖାଲି ରହୁଛି। ଏହା ପଛରେ ମୁଖ୍ୟ ସମସ୍ୟା ରହୁଛି ଘରୋଇ ମେଡିକାଲ କଲେଜର ଫି ବ୍ୟବସ୍ଥା। ଦେଶରେ ଘରୋଇ ମେଡିକାଲ କଲେଜରେ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ଧନୀ ଘରର ପିଲା ଏହି ସବୁ କଲେଜରେ ପଢୁଛନ୍ତି। କିନ୍ତୁ ଗରିବ ଶ୍ରେଣୀର ପିଲା ସରକାରୀ ସିଟ୍ ନ ପାଇଲେ ଅତ୍ୟଧିକ ଖର୍ଚ୍ଚ ପାଇଁ ଘରୋଇ କଲେଜରେ ନ ପଢିବାକୁ ଉଚିତ ମଣୁଛନ୍ତି। ରାଜ୍ୟସ୍ତରର ଜଟିଳ କାଉନସେଲିଂ ବ୍ୟବସ୍ଥା ମଧ୍ୟ ଏଥିପାଇଁ ଦାୟୀ। କିଛି ଛାତ୍ର ମଧ୍ୟ ଠିକ୍ ସମୟରେ ନିଷ୍ପତ୍ତି ନେଇପାରୁ ନାହାନ୍ତି। ଆଉ କିଛି ଶେଷ ମୁହୂର୍ତ୍ତରେ ଆବଣ୍ଟନ ପ୍ରକ୍ରିୟାରୁ ଓହରି ଯାଉଥିବାରୁ ସିଟ୍ ଖାଲି ରହୁଛି।

# ବ୍ରହ୍ମପୁରରେ 'ମନ୍ତ୍ରମୁଗ୍ଧ' ଟିମ୍



ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟ ସୁଟିଂ ଶେଷ ହେବା ପରେ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଟିମ୍ ଏବେ ବ୍ରହ୍ମପୁର ସହରରେ ଡେରା ପକାଇଛି । ଆସ୍କା, ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ଜାରି ରହିଛି । ୟୁନିଟ୍‌ରେ ୧୦୦ରୁ ୧୫୦ ସଦସ୍ୟ ରହିଥିବା ବେଳେ ୪୦ ଜଣ ସ୍ଥାନୀୟ ଲୋକ ସାମିଲ ଅଛନ୍ତି । ଦିନରାତି ସୁଟିଂ ଜାରି ରହିଛି । ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏପରି ଅନେକ ସୁନ୍ଦର ଓ ଆକର୍ଷଣୀୟ ଲୋକେସନ୍ ବାଛିଛନ୍ତି, ଯାହା ଆଗରୁ କେବେ ପରଦାକୁ ଆସି ନାହିଁ । ମୋଟାମୋଟି ଏହାର ୩୦ ଦିନର ସୁଟିଂ ସିଡ୍ୟୁଲ୍ ରହିଛି । 'ପ୍ରତୀକ୍ଷା' ଓ 'କର୍ମ' ପରି ସଫଳ ଚଳଚ୍ଚିତ୍ର ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର । ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅଛନ୍ତି ବର୍ଷା ପଟ୍ଟନାୟକ । ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦୀପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିହୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି । ଏହାର କାହାଣୀ ଲେଖିଛନ୍ତି ଅନୁପମ ଓ ରୋଶନ ବିଶୋଇ । ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଏବଂ ଅନୁପମ । ପ୍ରଣବ ରଥ ସଂଳାପରେ ଥିବା ବେଳେ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ । ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ୫ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ସଙ୍ଗୀତର ଭାର ନ୍ୟସ୍ତ କରାଯାଇଛି । ଅନୁପମଙ୍କ ଏହି ଚଳଚ୍ଚିତ୍ର ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ଟିମ୍ ଆଶା କରିଛି ।

# ଦେବୀ -ବିଶାଳଙ୍କୁ ଆଇକନିକ୍ ଫିଲ୍ମ ମେକର ପୁରସ୍କାର



ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟଙ୍କୁ ଆଇକନିକ୍ ଫିଲ୍ମ ମେକର ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରଖ୍ୟାତ ବଲିଉଡ୍ ଅଭିନେତା ଗୋବିନ୍ଦ ନାମଦେବ ଏବଂ ବର୍ଷିଆନ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁଙ୍କ ହାତରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । 'ଦମନ' ଚଳଚ୍ଚିତ୍ର ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ୨୦୨୨ରେ ମୁକ୍ତିଲାଭ କରିଥିବା 'ଦମନ' ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲା । କେବଳ ସେତିକି ନୁହେଁ, 'ଦମନ'କୁ ଶ୍ରେଷ୍ଠ ଓଡ଼ିଆ ସିନେମା ଭାବେ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା । ତେବେ ଏହି ପୁରସ୍କାର ସମ୍ପର୍କରେ ଦେବୀ ଓ ବିଶାଳ କହିଛନ୍ତି ଯେ, "ଏହା ପରବର୍ତ୍ତୀ ପିଢ଼ିର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ଭଲ ସିନେମା ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବ ।" ୨୦୨୫ରେ ଦେବୀ ଓ ବିଶାଳଙ୍କ ନିର୍ଦ୍ଦେଶନାରେ 'ମୁରବି'ର ସୁଟିଂ ଶେଷ ହୋଇଥିବା ବେଳେ ୨୦୨୬ ମସିହାରେ 'ଲ୍ୟାଣ୍ଡଫଲ' ନିର୍ମିତ ହେବାର ଯୋଜନା ରହିଛି ।

# ଅର୍ଦ୍ଧେନ୍ଦୁଙ୍କୁ ଲିପି ବାନ୍ଧିଲେ ରାକ୍ଷୀ

ଓଡ଼ିଆ ସିନେମା ଇତିହାସରେ ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ମମତାକୁ ନେଇ ପ୍ରସ୍ତୁତ ଫିଲ୍ମ ଓ ଗୀତ ଉଭୟ ସୁପରହିଟ୍ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଦର୍ଶକ ଏଥିପ୍ରତି ଆକର୍ଷିତ ମଧ୍ୟ ହେଉଛନ୍ତି । ଏହି କ୍ରମରେ ଆଗାମୀ ନୂଆ ବଡ଼ ବଜେଟ୍‌ର ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ସ୍ଥାନିତ ହୋଇଛି ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ସମ୍ପର୍କକୁ ନେଇ ରାକ୍ଷୀ ଗୀତ। ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏବଂ ନାୟିକା ଲିପି ମହାପାତ୍ର ପ୍ରଥମଥର ପାଇଁ ଏଥିରେ ଭାଇ-ଭଉଣୀ ଭୂମିକାରେ ନଜର ଆସୁଛନ୍ତି । ଏହାର ପୋଷ୍ଟର ରାକ୍ଷୀ ପୂର୍ଣ୍ଣିମା ଦିନ ସୋସିଆଲ୍ ମିଡିଆରେ ମୁକ୍ତିଲାଭ କରିଛି । ଆଗାମୀ ଦିନରେ ଅନ୍ୟ ଚଳଚ୍ଚିତ୍ର ଭଳି ଏହି ଚଳଚ୍ଚିତ୍ରର ରାକ୍ଷୀ ଗୀତ ବି ଦର୍ଶକାଦୃତ ହେବ ବୋଲି ଆଶା କରାଯାଉଛି। ଏହାର 'ରାକ୍ଷୀ ର ଗୀତ ସୂତା ଖିଅର ଡୋର' ଗୀତକୁ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସାଇକିରଣ ମଙ୍ଗରାଜ ଓ ଚିତ୍ରୋତ୍ତଳନ ଦାୟିତ୍ୱରେ ଅଛନ୍ତି ପ୍ରତାପ ପ୍ରଧାନ । ସିନେମାଟି ଆସନ୍ତା ଦୁର୍ଗାପୂଜାରେ ମୁକ୍ତିଲାଭ କରିବ ।




## ସାକ୍ଷାତକାର

# 'ପ୍ରଥମ ଶୋ' କ୍ୟାରିଅର୍ ଗଢ଼ିବାକୁ ସୁଯୋଗ ଦେଇଛି'

**ନେହା ନାଗେଶ୍ୱରୀ ମହାନ୍ତି, ଅଭିନେତ୍ରୀ**

ପିଲାଦିନେ ସେ ଓଡ଼ିଶୀ, ହିପ୍‌ପପ୍, କଣ୍ଟେମ୍ପୋରାରି ଆଦି ନୃତ୍ୟ ଶିଖୁଥିଲେ । ସେ ଜଣେ ଦକ୍ଷ ନୃତ୍ୟଶିଳ୍ପୀ । ନୃତ୍ୟ କରୁ କରୁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ବଢ଼ିଥିଲା । ଏଥିପାଇଁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ । ଉକ୍ତ ପ୍ଲାଟଫର୍ମରେ ନିଜର ଦକ୍ଷତା ପ୍ରତିପାଦନ କରି ବିଜେତା ହୋଇଥିଲେ । ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ପରଦାକୁ । 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଚିକି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରି ସେ ଘରେ ଘରେ ପରିଚିତ । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତାର ନେହା ନାଗେଶ୍ୱରୀ ମହାନ୍ତି । ତେବେ କମ୍ ସମୟ ଭିତରେ ତାଙ୍କ ଅଭିନୟ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।



**ପାଠପଢ଼ା ଆଉ ଅଭିନୟ ଭିତରେ କିପରି ସମନ୍ୱୟ ରଖନ୍ତି?**

କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼େ । ସୁଟିଂ ସେଟ୍‌ରେ ବ୍ୟସ୍ତ ରହୁଥିବାରୁ ଶୋଇବା କମ୍ ହେଉଛି । ତଥାପି ପଢ଼ାରେ କେବେ ମୁଁ ଅବହେଳା କରେନି । ପରୀକ୍ଷା ଦେବାକୁ ଯାଏ । ଧୀରେ ଧୀରେ ସବୁରେ ଅଭ୍ୟସ୍ତ ହୋଇଗଲିଣି ।

**ଆପଣଙ୍କ ଅଭିନୟ ଯାତ୍ରା କିପରି ଥିଲା?**

- ଘରେ ସମସ୍ତେ ଚାହୁଁଥିଲେ ମୁଁ ଅଭିନେତ୍ରୀ ହୁଏ ବୋଲି । ମୁଁ ପିଲାଦିନରୁ ଓଡ଼ିଶୀ ନୃତ୍ୟ ସହିତ ୱେଷ୍ଟର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି । ସାଧାରଣତଃ ଯେଉଁମାନେ ନୃତ୍ୟ କରନ୍ତି, ସେମାନଙ୍କୁ ଅଭିନୟ ଶିଖାଇଲେ ସେ ସହଜରେ ଶିଖି ଯାଆନ୍ତି । ଯେହେତୁ ମୋ ବଡ଼ ଭଉଣୀ ବି ଏହି ଲାଇନ୍‌ରେ ଥିଲେ, ତେଣୁ ତାଙ୍କୁ ଦେଖି ମୁଁ ବି କଳାକାରଟିଏ ହେବାକୁ ଚାହିଁଥିଲି । ୨୦୨୧ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' ରଜ ସୁନ୍ଦରୀ'ରେ ବିଜେତା ହୋଇଥିଲି । ପଢ଼ା ପାଇଁ ଦୁଇବର୍ଷ ବ୍ୟସ୍ତ ରହିଥିଲି । ବର୍ତ୍ତମାନ ମୁଁ ଯୁକ୍ତ ତିନିରେ ପଢୁଛି । ୨୦୨୩ ମସିହାରେ ମୋତେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**'ଚିକି' ଚରିତ୍ରରେ ଅଭିନୟ କରିବା କେତେ କଷ୍ଟକର ଥିଲା?**

- ଚିକି ହେଉଛି ବହୁତ ଚୁଲ୍‌ବୁଲି ଝିଅ । ସବୁବେଳେ ସେ ଚବର ଚବର ହେଉଥିବ । ଜଣେ ପଦେ କହିଲେ ସେ ଦଶ ପଦେ କହିବ । ହେଲେ ମୁଁ ଏମିତି ନୁହେଁ । ମୁଁ ବହୁତ ଚୁପ୍‌ଚାପ୍ ଥିଲି । ଏହି ଚରିତ୍ରରେ ଅଭିନୟ କରିବାକୁ ମୁଁ ବହୁତ ଚୁଲବୁଲି ଚରିତ୍ରକୁ ଅନୁକରଣ କରିଛି । ଦର୍ପଣ ସାମ୍ନାରେ ବି ଅଭିନୟ ଅଭ୍ୟାସ କରିଛି । ଯେତେବେଳେ ଚିକି ଚରିତ୍ରରେ ପଶିଗଲି ଏହା ପରେ ନେହା ପୂରା ଚିକି ହୋଇଗଲା । ଚିକି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ନାଁ ମୋ ଜୀବନକୁ ପୂରା ପରିବର୍ତ୍ତନ କରିଦେଇଛି । ଯେଉଁଠିକୁ ବି ଗଲେ, ସମସ୍ତେ ମୋତେ ଚିହ୍ନି ଯାଉଛନ୍ତି । ଏବେ ଷ୍ଟେଜ୍‌ରେ ବି ସ୍କ୍ରିପ୍ଟ ଦେଲେ, ମୁଁ ଥରେ ପଢ଼ି ମନେ ରଖିଦେଉଛି ।

**ପ୍ରଥମ ଧାରାବାହିକରୁ ସଫଳତାର ରାଜ୍ କ'ଣ?**

- ତରଙ୍ଗ ଚ୍ୟାନେଲକୁ ଧନ୍ୟବାଦ ଦେବି ମୋତେ ଏମିତି ଗୋଟେ ଚରିତ୍ର ଦେଇଛନ୍ତି । ଏହାସହିତ ମୋ ନିର୍ଦ୍ଦେଶକ ଓ ସହ କଳାକାର ସମସ୍ତେ ଭଲ ଅଭିନୟ କରିବା କି କାମ ଶିଖିବାରେ ମୋତେ ବହୁତ ସହଯୋଗ କରିଛନ୍ତି । ମୁଁ ଏବେ ବି ବହୁତ ଆଗ୍ରହର ସହିତ କାମ ଶିଖେ । ମୋର ଗୋଟେ ସିନ୍ ଆସିଲେ, ସ୍କ୍ରିପ୍ଟକୁ ଆଗୁଆ ପଢ଼ି କେମିତି କ'ଣ କରିବି ଚିନ୍ତା କରିଥାଏ । କେବଳ ସେତିକି ନୁହେଁ, ଗୋଟେ ଟେକ୍‌ରେ କେମିତି ମୁଁ ସିନ୍ କରିବି ସେ ନେଇ ନିର୍ଦ୍ଦେଶକ ସାର୍‌ଙ୍କୁ ସହଯୋଗ କରିବାକୁ କୁହେ । ସେ ମଧ୍ୟ ସହଯୋଗ କରିଥାନ୍ତି । କେବଳ ମୁଁ ନୁହେଁ, ପୂରା ଟିମ୍ ଏହି ଧାରାବାହିକକୁ ସଫଳତା ପଥରେ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଧାରାବାହିକ ଆରମ୍ଭ ହେବା ଅଢ଼େଇ ବର୍ଷ ହୋଇଗଲାଣି । ଟିଆର୍‌ପି ସେମିତି ରହିଛି ।

**'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଆଗକୁ କ'ଣ ଟ୍ୱିଷ୍ଟ ରହିଛି?**

- ଏହି ଧାରାବାହିକ ସମ୍ପୂର୍ଣ୍ଣ ସସ୍‌ପେନ୍ସ । କେତେବେଳେ କ'ଣ ଘଟୁଛି, କାହା ସହ କ'ଣ ହେବ, ତାହା କେହି ଜାଣିପାରୁ ନାହାଁନ୍ତି । ଜୀବନ ଗୋଟିଏ ବୃତ୍ତ । ଡ୍ରାମା, ଇମୋସନ୍, କମେଡି, ଖୁସି ସବୁ କିଛି ସହିତ ଜଣେ ପୁଣି ତା'ର ସ୍ଥାନରେ କିପରି ପହଞ୍ଚିଯାଉଛି ତାହା ଦେଖିବାକୁ ମିଳିଛି ।

**ଆଗାମୀ ଯୋଜନା ?**

- ମୁଁ ବର୍ତ୍ତମାନରେ ବଞ୍ଚେ । ଭବିଷ୍ୟତ କଥା ବହୁତ କମ୍ ଭାବେ । ତେବେ ମୋତେ ଏବେ ଯେଉଁ କାମ ମିଳିଛି ତାହାକୁ କେମିତି ଭଲ କରିବି ତାହା ବିଷୟରେ ମୁଁ ଚିନ୍ତା କରୁଛି । କିନ୍ତୁ ହଁ, ଧାରାବାହିକ ସରିବା ପରେ ପୁଣି ଧାରାବାହିକ କିମ୍ବା ସିନେମାରେ ସୁଯୋଗ ମିଳିଲେ କାମ ଆରମ୍ଭ କରିବି ।

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍' ଆରମ୍ଭ


ଜି ସାର୍ଥକରେ ଅଗଷ୍ଟ ୯ ତାରିଖରୁ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍'ର ଖୋଜ୍ । ଏହି ଶୋ' ପ୍ରତିଭା ଖୋଜିବାର ଅନନ୍ୟ ପ୍ରୟାସ । ଏହି ରିଆଲିଟି ଶୋ'ରେ ଆଶାୟୀ ଯୁବ ଅଭିନେତା ଓ ଅଭିନେତ୍ରୀମାନେ ସେମାନଙ୍କର ବହୁମୁଖୀ ଅଭିନୟ ପ୍ରତିଭା ଦେଖାଇଥାନ୍ତି । ଏଥର ଏହି ଶୋ'ରେ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ସବୁ ପ୍ରକାର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବ । ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରିବା ସହ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ଏହାସହ ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ନଜର ଆସିଛନ୍ତି । ଆଙ୍କର ଭାବରେ ନଜର ଆସିଛନ୍ତି ଟିଭି ଇଣ୍ଡଷ୍ଟ୍ରିର ଅନନ୍ୟା ଏବଂ ରଞ୍ଜନ । ଏହି ଶୋ' ଶନିବାର ଓ ରବିବାର ରାତି ୯ ଟା୩୦ରେ ପ୍ରସାରିତ ହେଉଛି ।



# ସୁଟିଂ ସେଟ୍‌ରେ ଡୁପ୍ଲିକେଟ୍ ଶାହରୁଖ

**ପରଦା ପଛର କାହାଣୀ**

ବଲିଉଡ୍ ବାଦଶାହା ଶାହରୁଖ ଖାନ୍ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି । ୧୯୯୨ ମସିହାରେ 'ଦିୱାନା' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିବା ଏହି ଅଭିନେତା ଆଉ ପଛକୁ ଫେରି ଚାହିଁ ନାହାନ୍ତି । ସେ ହିନ୍ଦୀ ସିନେମା ଜଗତକୁ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଦେଇ ଚାଲିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି 'ପରଦେଶ' । ୧୯୯୭ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା । ଏହି ସୁପରହିଟ୍ ଫିଲ୍ମର ଗୋଟିଏ ଗୀତକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଏହି ଫିଲ୍ମରେ ଥିବା ଏକ ଗୀତ ଶାହରୁଖଙ୍କ ବଦଳରେ ଡୁପ୍ଲିକେଟ୍ ଶାହରୁଖଙ୍କ ଦ୍ୱାରା ସୁଟ୍ କରାଯାଇଥିଲା । ଯିଏ ଦେଖିବାକୁ ଅବିକଳ ଶାହରୁଖଙ୍କ ପରି । ଏହି ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ । ଶାହରୁଖ ଖାନ୍ ଓ ମହିମା ଚୌଧୁରୀ ଏହି ଫିଲ୍ମ ସୁଟିଂ କରୁଥିବା ସମୟରେ ଶାହରୁଖଙ୍କ ପତ୍ନୀ ଗୌରୀ ଗର୍ଭବତୀ ଥିଲେ । ସୁବାଷ ଘାଇଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ସମ୍ପୂର୍ଣ୍ଣ ସୁଟିଂ ହୋଇଯାଇଥିଲା । ତେବେ ଗୋଟିଏ ଗୀତର କିଛି ଅଂଶ ସୁଟିଂ ପାଇଁ ବାକି ରହି ଯାଇଥିଲା । ସୋନୁ ନିଗମ ମଧ୍ୟ ଫିଲ୍ମର ଗୀତ 'ୟେ ଦିଲ୍ ଦିୱାନା...'ର ରେକର୍ଡିଂ ଶେଷ କରି ଦେଇଥିଲେ । ସେହିପରି ଶାହରୁଖ୍ ମଧ୍ୟ ଦେଢ଼ ଦିନ ଧରି ଏହି ଗୀତ ସୁଟିଂ କରିଦେଇଥିଲେ । କିନ୍ତୁ ଏହାରି ମଧ୍ୟରେ ଗୌରୀଙ୍କ ଅବସ୍ଥା ଗୁରୁତର ହେବାରୁ ଶାହରୁଖଙ୍କୁ ସୁଟିଂ ଅଧାରେ ଛାଡ଼ି ଦିଲ୍ଲୀ ଆସିବାକୁ ପଡ଼ିଥିଲା । ଫଳରେ ସେତେବେଳେ ତାଙ୍କ ଅନୁପସ୍ଥିତିରେ ସୁବାଷ ଘାଇ ଶାହାରୁଖ୍‌ଙ୍କ ଡୁପ୍ଲିକେଟ୍‌ଙ୍କୁ ନେଇ ଗୀତର ବାକି ଥିବା ଅଂଶ ସୁଟିଂ କରିଥିଲେ ।



ସକାଳ THE SAKALA
www.sakalaepaper.com

# ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ୧୩ତମ ବିଶ୍ୱରେକର୍ଡ



ବୁଦାପେଷ୍ଟ, ୧୩।୮ (ଏଜେନ୍ସି): ସ୍ୱିଡେନର ପୋଲ୍ ଭଲ୍ଟ ଖେଳାଳି ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୁଣିଥରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୟାରିୟରରେ ୧୩ଥର ଲାଗି ସେ ପୁରୁଷ ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ସ୍ଥାପନ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବୁଦାପେଷ୍ଟରେ ଅନୁଷ୍ଠିତ ଗ୍ୟୁଲାଇ ଇସ୍ତଭାନ ମେମୋରିଆଲ ପ୍ରତିଯୋଗିତାରେ ଡୁପ୍ଲାଣ୍ଟିସ ୬.୨୯ ମିଟର ଉଚ୍ଚକୁ ଡେଇଁଥିଲେ। ଏହିକ୍ରମରେ ସେ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭଙ୍ଗ କରିଥିଲେ। ଗତ ଜୁନରେ ଅନୁଷ୍ଠିତ ଷ୍ଟକହୋଲମ ଡାଇମଣ୍ଡ ଲିଗ୍‌ରେ ଡୁପ୍ଲାଣ୍ଟିସ ୬.୨୮ ମିଟର ଡେଇଁ ୧୨ଥର ଲାଗି ବିଶ୍ୱରେକର୍ଡ କରିଥିଲେ। ଏବେ

### ଅଲ୍ଟିମେଟ୍ ଚାମ୍ପିଅନସିପ୍ ଲାଗି 'ଷ୍ଟାର୍ ଆଥଲେଟ୍'

ସେ ଏହି ବିଶ୍ୱରେକର୍ଡକୁ ୧୩କୁ ବୃଦ୍ଧି କରାଇଛନ୍ତି। ଚଳିତ ବର୍ଷ ଡୁପ୍ଲାଣ୍ଟିସ ୩ୟଥର ଲାଗି ବିଶ୍ୱରେକର୍ଡ କରିଛନ୍ତି। ଫେବୃଆରୀରେ ସେ ୬.୨୭ ମିଟର ଉଚ୍ଚକୁ ଲମ୍ଫ ମାରିଥିଲେ।

୨୫ ବର୍ଷୀୟ ଡୁପ୍ଲାଣ୍ଟିସ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୬.୨୫ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ପରଠାରୁ ସେ ୪ଥର ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ଭଙ୍ଗ କରିଛନ୍ତି। ଅପରପକ୍ଷରେ ଆସନ୍ତାବର୍ଷଠାରୁ ଆରମ୍ଭ ହେବାକୁ ଥିବା ଦୌଡ଼କୁଦ ପ୍ରତିଯୋଗିତା 'ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନସିପ୍' ଲାଗି ଡୁପ୍ଲାଣ୍ଟିସଙ୍କୁ 'ଷ୍ଟାର୍ ଆଥ୍‌ଲେଟ୍' ମାନ୍ୟତା ଦିଆଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ନୂତନ ବିଶ୍ୱସ୍ତରୀୟ ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି। ପ୍ରତି ୨ ବର୍ଷ ବ୍ୟବଧାନରେ ଏହା ଆୟୋଜିତ ହେବ। ବୁଦାପେଷ୍ଟରେ ହେବାକୁ ଥିବା ଏହାର ଉଦ୍‌ଘାଟନୀ ସଂସ୍କରଣ ଲାଗି ଡୁପ୍ଲାଣ୍ଟିସ ବ୍ରାଣ୍ଡ ଆମ୍ବାସଡର ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ମୋଟ୍ ପୁରସ୍କାର ରାଶି ୧୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮୭ କୋଟି ୪୭ ଲକ୍ଷ ଟଙ୍କା) ରଖାଯାଇଛି। ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି।


## ଅର୍ଜୁନ ତେନ୍ଦୁଲକରଙ୍କ ନିର୍ବନ୍ଧକୁ ନେଇ ଚର୍ଚ୍ଚା

ମୁମ୍ବାଇ, ୧୨।୮ (ଏଜେନ୍ସି): କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ୨୫ ବର୍ଷୀୟ ଅର୍ଜୁନଙ୍କ ନିର୍ବନ୍ଧ ସାନିୟା ଚଣ୍ଡୋକାଙ୍କ ସହ ହୋଇଛି। ସାନିୟା ହେଉଛନ୍ତି ମୁମ୍ବାଇର ଜଣାଶୁଣା ବ୍ୟବସାୟୀ ରବି ଘାଇଙ୍କ ନାତୁଣୀ। ବୁଧବାର ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ଏହି ହାଇପ୍ରୋଫାଇଲ ନିର୍ବନ୍ଧକୁ ଗୁପ୍ତ ରଖାଯାଇଥିଲା। ଏଥିରେ ତେନ୍ଦୁଲକର ଓ ଘାଇ ପରିବାରର କେବଳ ନିକଟତର ସଦସ୍ୟ ଉପସ୍ଥିତ ରହିଥିଲେ। ତେବେ ଏହି ନିର୍ବନ୍ଧକୁ ନେଇ ଉଭୟ ପରିବାର ପକ୍ଷରୁ ଅଫିସିଆଲ୍ ଭାବେ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁମ୍ବାଇର ଇଣ୍ଟରକଣ୍ଟିନେଣ୍ଟାଲ ହୋଟେଲ ଓ ବ୍ରୁକଲିନ କ୍ରିମେରୀ ଆଇସକ୍ରିମ କମ୍ପାନୀର ମାଲିକ ହେଉଛନ୍ତି ରବି ଘାଇ। ସଚିନଙ୍କ ସହ ତାଙ୍କର ଭଲ ବନ୍ଧୁତା ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ବାମହାତୀ ଦ୍ରୁତ ବୋଲର ଅର୍ଜୁନ ବର୍ତ୍ତମାନ ଘରୋଇ କ୍ରିକେଟ୍‌ରେ ଗୋଆ ପକ୍ଷରୁ ଖେଳୁଛନ୍ତି। ସେହିଭଳି ଆଇପିଏଲ୍‌ରେ ସେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



## ରାଇନାଙ୍କୁ ଇଡିର ଜେରା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବେଆଇନି ବେଟିଂ ମାମଲାରେ ଜେରା କରିଛି। ରାଇନା ବୁଧବାର ନୂଆଦିଲ୍ଲୀସ୍ଥିତ ଇଡି ଅଫିସରେ ହାଜର ହୋଇଥିଲେ। ଅନ୍‌ଲାଇନ୍ ବେଟିଂ ଆପ୍ '୧ x ବେଟ୍' ମାମଲାରେ ତାଙ୍କୁ ଇଡି ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପୂର୍ବରୁ ତାଙ୍କୁ ଇଡିରେ ହଜାର ହେବା ପାଇଁ ନୋଟିସ ଜାରି କରାଯାଇଥିଲା। ରାଇନା ଏହି ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ରାଇନା ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏହି ବେଟିଂ ଆପ୍ ଜରିଆରେ ମନି ଲଣ୍ଡରିଂ ହେଉଥିବା ସନ୍ଦେହ କରି ଇଡି ଯାଞ୍ଚ କରୁଛି। ରାଇନାଙ୍କୁ ବାଦ୍ ଦେଲେ ଇଡି ଏହି ମାମଲାରେ ହରଭଜନ ସିଂହ, ଯୁବରାଜ ସିଂହ, ବଲିଉଡ ଅଭିନେତା ସୋନୁ ସୁଦ୍, ଅଭିନେତ୍ରୀ ଉର୍ବସୀ ରୌତେଲାଙ୍କୁ ମଧ୍ୟ ପୂର୍ବରୁ ଜେରା କରିସାରିଛି।



## ଷ୍ଟୋଏଭା ଭଗିନୀଙ୍କୁ ଭେଟିବେ ପଣ୍ଡା ଭଗିନୀ

ପ୍ୟାରିସ, ୧୩।୮ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍‌ର ଆଗାମୀ ୨୯ତମ ସଂସ୍କରଣ ଅଗଷ୍ଟ ୨୫ରୁ ପ୍ୟାରିସରେ ଆରମ୍ଭ ହେବ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଲାଗି ବୁଧବାର ଡ୍ର' ଘୋଷଣା କରାଯାଇଛି। ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଏହି ମେଗା ଇଭେଣ୍ଟରେ ମହିଳା ଡବଲ୍ସରେ ଅଂଶଗ୍ରହଣ କରିବେ। ଶ୍ୱେତପର୍ଣ୍ଣା-ଋତୁପର୍ଣ୍ଣା ଯୋଡ଼ି ବର୍ତ୍ତମାନ ବିଶ୍ୱ ମହିଳା ଡବଲ୍ସ ତାଲିକାର ୩୮ତମ ସ୍ଥାନରେ ରହିଛନ୍ତି। କୌତୁହଳର କଥା ହେଉଛି ପଣ୍ଡା ଭଉଣୀ ଯୋଡ଼ି ପ୍ରଥମ ରାଉଣ୍ଡରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲ ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭା ଯୋଡ଼ିଙ୍କୁ ଭେଟିବେ। ଷ୍ଟୋଏଭା ଭଉଣୀ ଯୋଡ଼ି ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ରହିଥିବାବେଳେ ସେମାନେ ୪ଥର ୟୁରୋପିଆନ ଚାମ୍ପିଅନ ଓ ଦୁଇଥର ୟୁରୋପିଆନ ଗେମ୍ସରେ ଚାମ୍ପିଅନ ହୋଇଛନ୍ତି।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ଆଶା ବଢ଼ିଲା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ପାଇଁ ବିଡ୍ ଦାଖଲ କରିବା ଲାଗି ଭାରତକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ରାଜ୍ୟଗୋଷ୍ଠୀ

### ଭୁବନେଶ୍ୱରରେ ଭଲ ସୁବିଧା ରହିଛି: ପିଟି ଉଷା

କ୍ରୀଡ଼ା ଆୟୋଜନ ପାଇଁ ଅନୁମୋଦନ ଦେଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଓଏର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ)ରେ ଏହି ନିଷ୍ପତ୍ତି ନିଆଯାଇଛି।


ଏହି ମେଗା ଇଭେଣ୍ଟ ଆୟୋଜିତ ହେଲେ ସରକାର ସମ୍ପୂର୍ଣ୍ଣ ପାଣ୍ଠି ବହନ



କରିବେ। ସିଡବ୍ଲ୍ୟୁଜି ଆୟୋଜନ ଦୌଡ଼ରେ ଅହମ୍ମଦାବାଦ ସର୍ବାଗ୍ରେ ରହିଛି। ନିକଟରେ ସିଡବ୍ଲ୍ୟୁଜିର ନିର୍ଦ୍ଦେଶକ ଡାରେନ ହଲ୍‌ଙ୍କ ନେତୃତ୍ୱରେ କିଛି ବରିଷ୍ଠ କର୍ମକର୍ତ୍ତା ଅହମ୍ମଦାବାଦରେ ଭିତ୍ତିଭୂମି ବୁଲି ଦେଖିଯାଇଛନ୍ତି। ତେବେ ଆଇଓଏ ସଭାପତି ତଥା ପୂର୍ବତନ ମହାନ ଧାବିକା ପିଟି ଉଷା କହିଛନ୍ତି, 'ମୁଁ ଖୁସି ଯେ ଆମେ ସମସ୍ତେ ଏକାଠି ରହିଛନ୍ତି। ଏହା ଏକ ସର୍ବସମ୍ମତି ନିଷ୍ପତ୍ତି ଥିଲା ଏବଂ ଆମର ପ୍ରସ୍ତୁତି ଆଗକୁ ବଢ଼ିବ। ଆମେ କେବଳ କହିପାରିବା ନାହିଁ ଯେ ଅହମ୍ମଦାବାଦ ଆୟୋଜକ ସହର ବୋଲି। ଭୁବନେଶ୍ୱର ଓ ଦିଲ୍ଲୀରେ ମଧ୍ୟ ଭଲ ସୁବିଧା ରହିଛି।' ଆଇଓଏର ଏସ୍‌ଜିଏମ୍ ପରେ ପିଟି ଉଷାଙ୍କ ଏହି ବିବୃତି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କିଞ୍ଚିତ ଆୟୋଜନ ଆଶା ସଞ୍ଚାର କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ବିଡ୍ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ଭାରତ ବ୍ୟତୀତ ନାଇଜେରିଆ, କାନାଡା ଓ ଆଉ ୨ଟି ରାଷ୍ଟ୍ର ଏହି ମେଗା ଇଭେଣ୍ଟ ଆୟୋଜନ ଦୌଡ଼ରେ ରହିଛନ୍ତି। କିନ୍ତୁ ନିକଟରେ କାନାଡା ଆୟୋଜନ ଦୌଡ଼ରୁ ଓହରିଯାଇଥିଲା। ଏଠାରେ ସ୍ମରଣଯୋଗ୍ୟ, ୧୫ ବର୍ଷ ତଳେ ୨୦୧୦ରେ ଦିଲ୍ଲୀରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ରେସ୍‌ଲର୍ ସୁଶୀଲଙ୍କ ଜାମିନକୁ ବାତିଲ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୮ (ସମିସ): ଜୁନିଅର ରେସଲର ସାଗର ଧନକର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଥରର ଅଲିମ୍ପିକ ପଦକ ବିଜେତା ସୁଶୀଲ କୁମାରଙ୍କୁ ସୁପ୍ରିମ କୋର୍ଟରୁ ଜୋରଦାର ଝଟକା ଲାଗିଛି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ବୁଧବାର ସୁଶୀଲଙ୍କ ଜାମିନକୁ ବାତିଲ କରିଦିଆଯାଇଛି। ଏଥିସହ ତାଙ୍କୁ ଏକ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।



ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ହାଇକୋର୍ଟ ସୁଶୀଲଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ବୁଧବାର ଜଷ୍ଟିସ କାରୋଲ ଏହି ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ମୃତ ସାଗରଙ୍କ ପିତା ଅଶୋକ ଧନକରଙ୍କ ପକ୍ଷରୁ ଦାୟର ଆବେଦନକୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ୨୦୨୧ ମେ ୪ ତାରିଖରେ ଦିଲ୍ଲୀର ଛତ୍ରଶାଳା ଷ୍ଟାଡିୟମ ବାହାରେ ଅଲିମ୍ପିଆନ ସୁଶୀଲ ଓ ଜୁନିଅର ରେସଲର ସାଗରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୁଶୀଲଙ୍କ ଆକ୍ରମଣରେ ୨୩ ବର୍ଷୀୟ ସାଗରଙ୍କ ମୃତ୍ୟୁ ଘଟିଥିଲା। ରେସଲର ସୁଶୀଲ ୨୦୦୮ ବେଜିଂ ଅଲିମ୍ପିକରେ କାଂସ୍ୟ ଓ ୨୦୧୨ ଲଣ୍ଡନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

## ୨୦୨୭ ପର୍ଯ୍ୟନ୍ତ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ ଜମିଲ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଖଲିଦ ଜମିଲ ଆଗାମୀ ୨ ବର୍ଷ ଅର୍ଥାତ୍ ୨୦୨୭ ପର୍ଯ୍ୟନ୍ତ ଭାରତୀୟ ବରିଷ୍ଠ ପୁରୁଷ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ। ଏହି ଚୁକ୍ତି ମଧ୍ୟ ଆଉ ଗୋଟିଏ ବର୍ଷ ବଢ଼ିପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଫଳରେ ଜମିଲ ଏବେ ପୂର୍ଣ୍ଣକାଳୀନ ଭାବେ ଜାତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭୂମିକାରେ ନଜରକୁ ଆସିବେ। ଅଗଷ୍ଟ ୧୫ରୁ ବେଙ୍ଗାଲୁରୁସ୍ଥିତ ଦ୍ରାବିଡ-ପାଦୁକୋନ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସଲେନ୍ସିରେ ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଜମିଲଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିବ। ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା କାଫା (ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏସନ) ନେସନ୍ସ କପ୍ ଟୁର୍ଣ୍ଣାମେଣ୍ଟ ପ୍ରଶିକ୍ଷକ ଭାବେ ଜମିଲଙ୍କ ପ୍ରଥମ ଦାୟିତ୍ୱ ହେବ। ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ ୪୮ ବର୍ଷୀୟ ଜମିଲଙ୍କୁ ଭାରତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ମନୋଲା ମରକ୍ୟୁଜଙ୍କ ସ୍ଥାନରେ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ସେ ଆଇଏସ୍‌ଏଲ୍ ଦଳ ଜାମେଦେଦପୁର ଏଫ୍‌ସି ସହିତ ସମ୍ପର୍କ ତୁଟାଇବା ପରେ ଜାତୀୟ ଦଳ ସହିତ ତାଙ୍କର ଏହି ଦୁଇ ବର୍ଷିଆ ପୂର୍ଣ୍ଣକାଳୀନ ଚୁକ୍ତି ହୋଇଛି।



## ମହିଳା ଦିନିକିଆ ସିରିଜ: ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ-ଏ'କୁ ହରାଇଲା ଭାରତ-ଏ'

ବ୍ରିସବେନ, ୧୩।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତ-ଏ ମହିଳା କ୍ରିକେଟ ଦଳ ପ୍ରଥମ ବିଜୟ ହାସଲ କରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ-ଏ ମହିଳା ଦଳକୁ ୩ ୱିକେଟ୍‌ରେ ଭାରତ-ଏ ହରାଇଦେଇଛି। ୨୧୫ ରନର ଲକ୍ଷ୍ୟକୁ ପିଛା କରିଥିବା ରାଧା ଯାଦବଙ୍କ ଦଳ ୪୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୟସ୍ତିକା ଭାଟିଆ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ବର୍ମା (୩୬ ରନ) ଓ ଧାରା ଗୁଜ୍ଜର (୩୧) ଉପଯୋଗୀ ପାଳି ଖେଳି ୟସ୍ତିକାଙ୍କୁ ସହାୟତା କରିଥିଲେ। ଏଥିପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ୨୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନିକା ଲିଆରୋୟଡ ସର୍ବାଧିକ ୯୨, ରାଚେଲ ଟ୍ରିନାମାନ ୫୧ ରନ କରିଥିଲେ। ସିରିଜର ପରବର୍ତ୍ତୀ ୨ ଦିନିକିଆ ମ୍ୟାଚ୍ ଅଗଷ୍ଟ ୧୫ ଓ ୧୭ରେ ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଅଗଷ୍ଟ ୨୧ରୁ ଏକ ଚାରିଦିବସୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।



## ଭେନସଙ୍କୁ ୱାଇଲ୍ଡ କାର୍ଡ

ନ୍ୟୁୟର୍କ, ୧୨।୮ (ଏଜେନ୍ସି): ୟୁଏସ୍ ଓପନ୍ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ଏଥିଲାଗି ଭେଟେରାନ ଭେନସ ୱିଲିୟମ୍ସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଫଳରେ ୪୫ ବର୍ଷରେ ଭେନସ ୟୁଏସ୍ ଓପନ୍ ଖେଳିବେ। ୧୯୮୧ରେ ରେନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ୍ ଖେଳିଥିଲେ।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ୨୦ଜଣିଆ ଓଡ଼ିଶା ଦଳ ଘୋଷିତ

କଟକ,୧୩।୮ (ସମିସ): ଅଗଷ୍ଟ ୧୮ରୁ ତାମିଲନାଡୁର ଚେନ୍ନାଇଠାରେ ସର୍ବଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ତେବେ ୨୦ଜଣିଆ ରାଜ୍ୟ ଦଳରେ ଅଧିନାୟକ କାହାକୁ କରାଯିବ ତାହାକୁ ନେଇ ଦ୍ୱନ୍ଦ ଉପୁଜିଛି। ଫଳରେ

### ଅଧିନାୟକ ନାଁ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ

ଅଧିନାୟକ ନାମ ଓସିଏ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଅଭିଜ୍ଞ ଶୁଭ୍ରାଂଶୁ ଶେଖର ସେନାପତି ଓ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ସନ୍ଦୀପ ପଟ୍ଟନାୟକ ଏବଂ ସ୍ୱସ୍ତିକ ସାମଲଙ୍କ ନାମ ଅଧିନାୟକ ନିମନ୍ତେ ଆଲୋଚନା ପରିସରକୁ ଆସିଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣ ହେତୁ ଅଧିନାୟକ ଚୂଡ଼ାନ୍ତ ହୋଇ ପାରିନଥିବା କୁହାଯାଇଛି। ମଧ୍ୟପ୍ରଦେଶ ଛାଡ଼ି ଓଡ଼ିଶା ଫେରିବା ପରେ ରାଜ୍ୟ ଦଳ ପାଇଁ ଶୁଭ୍ରାଂଶୁଙ୍କ ଏହା ପ୍ରଥମ ମ୍ୟାଚ୍ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଭାରତୀୟ ରେଳବାଇ, ଜମ୍ମୁ-କଶ୍ମୀର ଏବଂ ବରୋଦା ଦଳ ରହିଛି। ତ୍ରିଦିବସୀୟ ଫର୍ମାଟରେ ପ୍ରତ୍ୟେକ ମ୍ୟାଚ୍ ଖେଳାଯିବ। ୧୮ ତାରିଖରୁ ବରୋଦା ବିପକ୍ଷରେ ଓଡ଼ିଶା ପ୍ରଥମ ମୁକାବିଲା ଲଢ଼ିବ। ଘୋଷିତ ୨୦ ଜଣିଆ ଦଳରେ କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ ବରାଳ, ସୁମିତ ଶର୍ମା, ଅନୀଲ ପରିଡା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର(ୱିକେଟ କିପର), ବାଦଲ ବିଶ୍ୱାଳ, ଓମ ଟି ମୁଣ୍ଡେ, ତରଣୀ



ସ, ଶୁଭ୍ରାଂଶୁ ଶେଖର ସେନାପତି, ପ୍ରଶାନ୍ତ ରଣା, ବିନୟ କୁମାର ପାଇକରାୟ(ୱିକେଟ କିପର), ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ଆଶୁତୋଷ ଛୁରିଆ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ପିୟୂଷ ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ସୁରେନ୍ଦ୍ର ଭାବେ-ମୁଖ୍ୟ କୋଚ୍, ସୌରଭ ସେହଗଲ-ସହକାରୀ କୋଚ୍, ଦିନେଶ ସାହୁ-ଫିଜିଓ, ସଂଗ୍ରାମ କେଶରୀ ଗୁମାନସିଂହ-ମ୍ୟାନେଜର, ଗୌରବ କୌଶକ-ଏସ ଆଣ୍ଡ ସି କୋଚ୍, ଶାରଦା ବିଶ୍ୱାଳ-ପର୍ଫମାନ୍ସ ଆନାଲିଷ୍ଟ, ସତ୍ୟବାନ ପ୍ରଧାନ- ସାଇଡଆର୍ମ ଥ୍ରୋଅର, କପିଳ ବୁନ୍ଦେଲା-ମାସେଜର ଭାବେ ଦଳରେ ରହିଛନ୍ତି।

### ୩୪ ବର୍ଷ ପ୍ରତୀକ୍ଷାର ଅନ୍ତ

# ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୩।୮ (ଏଜେନ୍ସି):

ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଧିନାୟକ ସାଇ ହୋପ୍ସଙ୍କ ଦମ୍‌ଦାର ଅପରାଜିତ ଶତକ ଓ ଜେଡାନ ସେଲ୍ସଙ୍କ ଘାତକ ବୋଲିଂ କରି ଘରୋଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ପାକିସ୍ତାନ ୫ ୱିକେଟ୍‌ରେ ଓ ୱେଷ୍ଟଇଣ୍ଡିଜ ୨ୟ ଦିନିକିଆକୁ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ଜିତିଥିଲା। ଏବେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଜିତି ଘରୋଇ ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜକୁ ୨-୧ରେ ହାତେଇନେଇଛି। ଫଳରେ ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ କାରବୀୟାନ ଦଳ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିବାର ସ୍ୱାଦ ଚାଖିଛି। ଶେଷଥର ଲାଗି ୧୯୯୧ରେ ପାକିସ୍ତାନ ଗସ୍ତରେ ଯାଇଥିବାବେଳେ ୱେଷ୍ଟଇଣ୍ଡିଜ ୨-୦ରେ ଦିନିକିଆ ସିରିଜ ବିଜୟୀ ହୋଇଥିଲା। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲା।

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଅଧିନାୟକଙ୍କ ଶତକୀୟ ଇନିଂସ ବଳରେ ୫୦ ଓଭରରେ ୬ ୱିକେଟ୍‌ରେ ୨୯୪ ରନର ସମ୍ମାନଜନକ ସ୍କୋର କରିଥିଲା। ହୋପ୍ସ ୧୦ ଚୌକା ଓ ୫ ଛକା ସହ ୯୪ ବଲରେ ୧୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୬, ଏଭିନ ଲୁଇସ ୩୭ ଓ ଜଷ୍ଟିସ ଗ୍ରେଭେସ ଅପରାଜିତ ୪୩ ରନ କରିଥିଲେ। ନସୀମ ଶାହ ଓ ଆବ୍ରାରର୍ ଅହମ୍ମଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦ୍ରୁତ ବୋଲର ଜେଡାନ ସେଲ୍ସଙ୍କ ବୋଲିଂକୁ ସାମ୍ନା କରି ନପାରି ପାକିସ୍ତାନ ୨୯.୨ ଓଭରରେ ୯୨ ରନ କରି ଲଜ୍ଜାଜନକ ପରାଜୟବରଣ କରିଥିଲା। ଦଳ ପକ୍ଷରୁ କେବଳ ସଲମନ ଆଘା (୩୦ ରନ) ଓ ମହମ୍ମଦ ନୱାଜ (୨୩) ଦୁଇଅଙ୍କ ଛୁଇଁପାରିଥିଲେ। ଜେଡାନ ୧୮ ରନରେ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ହୋପ୍ସ ମ୍ୟାଚର ଓ ଜେଡାନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



**ଦିନିକିଆରେ ରନ ବ୍ୟବଧାନରେ ୱେଷ୍ଟଇଣ୍ଡିଜର ବଡ଼ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ | ଭେନ୍ୟୁ |
|---|---|---|---|
| ୨୧୫ | ନେଦରଲାଣ୍ଡସ | ୨୦୧୧ | ଦିଲ୍ଲୀ |
| ୨୦୮ | କାନାଡା | ୨୦୧୦ | କିଙ୍ଗସଟନ |
| ୨୦୩ | ନ୍ୟୁଜିଲାଣ୍ଡ | ୨୦୧୪ | ହାମିଲଟନ |
| ୨୦୨ | ପାକିସ୍ତାନ | ୨୦୨୫ | ତ୍ରିନିଦାଦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS